ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୩୨ ● ୯ ଜୁନ୍ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-132 ● 9th June 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24

ମୋଦିଙ୍କ ଶପଥ ପାଠ ଉତ୍ସବ ପାଇଁ ହାଇଆଲର୍ଟରେ ଦିଲ୍ଲୀ

ନୂଆଦିଲ୍ଲୀ, ୮।୬

କ୍ରମାଗତ ତୃତୀୟଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଶପଥ ଗ୍ରହଣ କରିବେ। ରବିବାର ଏହି ଶପଥଗ୍ରହଣ ସମାରୋହ କାର୍ଯ୍ୟକ୍ରମ ପାଇଁ ଶନିବାର ଠାରୁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି । ମୋଦି ରବିବାର ସନ୍ଧ୍ୟା ୭.୧୫ରେ ଶପଥ ନେବାକୁ ଯାଉଛନ୍ତି। ଏଥିରେ ଅନେକ ରାଷ୍ଟ୍ରର ନେତାମାନେ ଯୋଗଦେବେ। ଏହାକୁ ଭବ୍ୟ ଓ ସ୍ୱତନ୍ତ୍ର କରିବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ଇତି ମଧ୍ୟରେ ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ପ୍ରଚଣ୍ଡ ନୂଆଦିଲ୍ଲୀରେ ପହଞ୍ଚି ସାରିଛନ୍ତି।

ରବିବାର ରାଷ୍ଟ୍ରପତି ଭବନରେ ମୋଦିଙ୍କ ସହ ତାଙ୍କ ଟିମ୍‌ରେ ରହିବାକୁ ଥିବା କ୍ୟାବିନେଟ ମନ୍ତ୍ରୀମାନେ ମଧ୍ୟ ଶପଥ ନେବେ। ସେ ପଣ୍ଡିତ ଜବାହରଲାଲ ନେହରୁଙ୍କ ପରେ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି।

ଶପଥ ପାଠ ଉତ୍ସବ ପାଇଁ ରାଷ୍ଟ୍ରପତି ଭବନରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

କରାଯାଇଛି । ଏଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଦିଲ୍ଲୀ ପୁଲିସର ସ୍ୱାଟ ଓ ଏନଏସଜି କମାଣ୍ଡୋମାନେ ରାଷ୍ଟ୍ରପତି ଭବନ ଚତୁରିପାଖରେ ଓ ଭିତରେ ରହିବେ। ଶପଥ ପାଠ ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରତିଷ୍ଠାନରେ ମଧ୍ୟ କମାଣ୍ଡୋମାନଙ୍କୁ ମୁତୟନ କରାଯାଇଛି। ଦିଲ୍ଲୀକୁ ହାଇଆଲର୍ଟରେ ରଖାଯାଇଛି।

ପୁଲିସ ପକ୍ଷରୁ ଦିଲ୍ଲୀକୁ ନୋ-ଫ୍ଲାଇଂ ଜୋନ ଭାବେ ଘୋଷଣା କରାଯାଇଛି। ଏହାର ଅର୍ଥ କୌଣସି ପ୍ରକାରର ଅନଧିକୃତ ଡ୍ରୋନ, ପାରା ଗ୍ଲିଡର୍ସ, ରିମୋଟ ଦ୍ୱାରା ଚଳୁଥିବା ଏୟାରକ୍ରାଫ୍ଟ ଓ ଗରମ ପବନ ରହୁଥିବା ବେଲୁନ ମଧ୍ୟ ଆଗାମୀ କିଛି ଦିନ ପାଇଁ ଦିଲ୍ଲୀ ଆକାଶରେ ଉଡ଼ି ପାରିବ ନାହିଁ।

ଶପଥପାଠ କାର୍ଯ୍ୟକ୍ରମରେ ବାଂଲାଦେଶ, ଶ୍ରୀଲଙ୍କା, ଭୁଟାନ, ନେପାଳ, ମରିସସ, ସିୟାଚେଲ୍ସ, ମାଳଦ୍ୱୀପ ଭଳି ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟମାନେ ଯୋଗଦେବେ। ରାଷ୍ଟ୍ରମୁଖ୍ୟମାନଙ୍କୁ ହୋଟେଲରୁ ରାଷ୍ଟ୍ରପତି ଭବନକୁ ଆଣିବା ଓ ପୁଣି ହୋଟେଲରେ ଛାଡ଼ିବା ପାଇଁ ସ୍ୱତନ୍ତ୍ର ମାର୍ଗର ବ୍ୟବସ୍ଥା କରାଯାଇଛି।

ରବିବାର କେନ୍ଦ୍ରୀୟ ଦିଲ୍ଲୀକୁ ସଂଯୋଗ କରୁଥିବା ରାସ୍ତାକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ କରାଯିବା ସହିତ ରୁଟ ପରିବର୍ତ୍ତନ କରାଯିବ। ଦିଲ୍ଲୀରେ *(ପୃଷ୍ଠା ୭ରେ)*

ସରକାରରେ ଥାଏ କି ନ ଥାଏ, ରାଜ୍ୟବାସୀଙ୍କ ପାଇଁ ସେବା ଜାରି ରଖିବି: ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୮।୬

ନ୍ୟୁଜ୍ ବ୍ୟୁରୋ

‘ଗଣତାନ୍ତ୍ରିକ ନିର୍ବାଚନରେ ହାରଜିତ୍ ରହିଛି। ଦୀର୍ଘ ଦିନ ପରେ ପରାଜୟ ଘଟିଛି। ଲୋକମତକୁ ଗ୍ରହଣ କରିବାକୁ ହେବ। ମୁଁ ସବୁବେଳେ କହିଆସିଛି ସାଢେ ୪ କୋଟି ଓଡ଼ିଶାବାସୀ ମୋର ପରିବାର। ମୁଁ କ୍ଷମତାରେ ଥାଏ କି ନଥାଏ ଓଡ଼ିଶାବାସୀଙ୍କ ସେବା ଜାରି ରଖିବି।’ ବିଜେଡ଼ି ସୁପ୍ରିମୋ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି କହିଛନ୍ତି । ନିର୍ବାଚନ ଫଳାଫଳ ପ୍ରକାଶ ପରେ ଶନିବାର ନବୀନ ନିବାସଠାରେ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ବିଜେଡ଼ି ସୁପ୍ରିମୋ କହିଛନ୍ତି ଯେ, ଚଳିତ ନିର୍ବାଚନରେ ବିଜେଡ଼ିକୁ ମିଳିଥିବା ଜନାଦେଶ ପାଇଁ ରାଜ୍ୟବାସୀଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ସେ କହିଛନ୍ତି ଓଡ଼ିଶାବାସୀ ବାରମ୍ବାର ମୋତେ ମୁଖ୍ୟମନ୍ତ୍ରୀ ବାଛିଥିବାରୁ ଏବଂ ଆଶୀର୍ବାଦ ଦେଇଥିବାରୁ ମୁଁ ଧନ୍ୟବାଦ ଜଣାଉଛି।

ମି. ପାଣ୍ଡିଆନଙ୍କୁ ନେଇ କରାଯାଉଥିବା ସମାଲୋଚନା ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଏହା ଦୁର୍ଭାଗ୍ୟଜନକ। ଅଫିସର

ଭାବେ ଗତ ୧୦ ବର୍ଷରେ ସେ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ମନ୍ଦିର-ଐତିହ୍ୟ ରୂପାନ୍ତରଣ କ୍ଷେତ୍ରରେ ସେ ଭଲ କାମ କରିଛନ୍ତି। ଓଡ଼ିଶାରେ ଦୁଇଟି ବଡ ଧରଣର ବାତ୍ୟା ଏବଂ ୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀ ପରିଚାଳନା କ୍ଷେତ୍ରରେ ମଧ୍ୟ ପାଣ୍ଡିଆନ୍ ଭଲ କାମ କରିଛନ୍ତି। ସରକାରୀ ଚାକିରିରୁ ଅବସର ନେଇ ସେ ଦଳରେ ଯୋଗଦେଇଥିଲେ। ଦଳ ପାଇଁ ବହୁତ କାମ କରିଥିଲେ ମଧ୍ୟ କୌଣସି ପଦବୀରେ ନଥିଲେ। ଶ୍ରୀ ପଟ୍ଟନାୟକ ପୁଣି ତାଙ୍କ ପୂର୍ବ ବକ୍ତବ୍ୟ ଦୋହରାଇ କହିଛନ୍ତି ପାଣ୍ଡିଆନ୍ ମୋ ଉତ୍ତରାଧିକାରୀ ନୁହଁନ୍ତି। ଓଡ଼ିଶାବାସୀ ମୋ ଉତ୍ତରାଧିକାରୀ ବାଛିବେ। ତେବେ ଏ ସମ୍ପର୍କରେ ହେଉଥିବା ଚର୍ଚ୍ଚାକୁ ସେ ନାପସନ୍ଦ କରିଛନ୍ତି। ସେହିପରି ମୋର ସ୍ୱାସ୍ଥ୍ୟକୁ ନେଇ ହେଉଥିବା ଆଲୋଚନାକୁ ନାପସନ୍ଦ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ମୋ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଅଛି। ଗଲା ମାସରେ ମୁଁ ପ୍ରଚଣ୍ଡ ଖରା ସତ୍ତ୍ୱେ ସାରା ରାଜ୍ୟ ବୁଲି ଦଳ ଓ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛି। ତାହା ହିଁ ମୋ ସ୍ୱାସ୍ଥ୍ୟର ସାର୍ଟିଫିକେଟ୍।

ନବୀନ ନିବାସରେ ବିଜେଡି ନେତାଙ୍କ ଭିଡ

୪ ଦିନ ଆଗୁଆ ଓଡିଶା ଛୁଇଁଲା ମୌସୁମୀ ପରାଜୟର ସମୀକ୍ଷା ହେବା ଉଚିତ

ଭୁବନେଶ୍ୱର, ୮।୬

ନ୍ୟୁଜ୍ ବ୍ୟୁରୋ

ଚଳିତ ନିର୍ବାଚନରେ ବିଜେଡ଼ି ମାତ ୫୧ଟି ଆସନରେ ବିଜୟୀ ହୋଇଛି। ତେବେ ଦୀର୍ଘ ବର୍ଷ ଧରି ରାଜ୍ୟର ଶାସନ ଚଳାଇ ଆସିଥିବା ବିଜେଡ଼ି ସରକାରରେ ପରିବର୍ତ୍ତନ ଘଟିବା ପରେ ଏବେ ଶକ୍ତିଶାଳୀ ବିରୋଧୀ ଦଳ ଭୂମିକା ନିର୍ବାହ କରିବାକୁ ଯାଉଛି। ବିଧାନସଭାରେ ବିଜେଡ଼ି ବିରୋଧୀ ଦଳ ଆସନରେ ବସିବା ପାଇଁ ପ୍ରସ୍ତୁତ ହେଉଛି । ଏହି ପରିପ୍ରେକ୍ଷୀରେ ଶନିବାର ବିଜେଡିର ବରିଷ୍ଠ ନେତାମାନେ ନବୀନ ନିବାସରେ ଏକାଠି ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ପରାଜୟ ସତ୍ତ୍ୱେ ଦଳକୁ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ କରିବା ଏବଂ ପୂର୍ବଭଳି ଓଡ଼ିଶାବାସୀଙ୍କ ସେବାରେ କାମ କରିବା ଉପରେ ସଭାପତି ଗୁରୁତ୍ୱାରୋପ କରିଛନ୍ତି। ଦଳୀୟ ନେତାମାନେ ମନବଳ ଦୃଢ କରି କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନା ବୈଠକରେ ଅନେକ ପରାଜିତ ନେତା ଯୋଗଦେଇଥିଲେ। ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା ପ୍ରମୁଖ କହିଛନ୍ତି ଦଳର ସଭାପତିଙ୍କ ମାର୍ଗ ଦର୍ଶନରେ ପୂର୍ବଭଳି କାର୍ଯ୍ୟକ୍ରମ ଚାଲୁ ରହିବ। ଦଳକୁ ଆହୁରି ମଜଭୂତ କରାଯିବ। *(ପୃଷ୍ଠା ୭ରେ)*

ଭୁବନେଶ୍ୱର, ୮।୬

ନ୍ୟୁଜ୍ ବ୍ୟୁରୋ

ଗଣତାନ୍ତ୍ରିକ ନିର୍ବାଚନରେ ଜୟ ପରାଜୟ ରହିଛି। ସବୁ ରାଜନୈତିକ ଦଳ ଜୟ ପରାଜୟର ସମ୍ମୁଖୀନ ହୋଇଥାଆନ୍ତି। ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥାଏ। ଚଳିତ ନିର୍ବାଚନରେ ବିଜେଡ଼ିର ଯେଉଁ ପରାଜୟ ଘଟିଛି ତାହାର କାରଣ ସମ୍ପର୍କରେ ସମୀକ୍ଷା ହେବା ଉଚିତ ବୋଲି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି। ସେ କହିଛନ୍ତି ଅଧିକ ଦିନ ଶାସନ ରହିଲେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥାଏ। ବିଭିନ୍ନ ପ୍ରସଙ୍ଗରେ ସରକାର କାମ କରିବା ବେଳେ ଅନେକ ତ୍ରୁଟିବିଚ୍ୟୁତି ରହିଥାଇ ପାରେ, ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏହାଛଡା ନିର୍ବାଚନ ସମୟରେ ପରିବର୍ତ୍ତନର ବାର୍ତ୍ତା

ଲୋକଙ୍କ ପାଖରେ ପହଞ୍ଚିଥିଲା ଏବଂ ଲୋକେ ତାହାକୁ ଗ୍ରହଣ କରିଥିଲେ। ସେହିପରି ବିଜେଡ଼ିର ପ୍ରଚାର ଶୈଳୀ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିନଥିଲା। ନିର୍ବାଚନରେ ବିଜୟ ପାଇଁ ଅନେକ ପ୍ରସଙ୍ଗ ରହିଛି। ମୁଖ୍ୟ ପ୍ରସଙ୍ଗ ହେଉଛି ପ୍ରାର୍ଥୀ ଚୟନ। ଲୋକେ କେବଳ ଦଳକୁ ଭୋଟ ଦିଅନ୍ତି ନାହିଁ, ଭଲ ପ୍ରାର୍ଥୀଙ୍କୁ ଦେଖି ଭୋଟ ଦିଅନ୍ତି। ତେଣୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରାଯିବାର ଆବଶ୍ୟକତା ଥିଲା। ଭଲ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢିବାର ସୁଯୋଗ ମିଳିଥିଲେ ଫଳ ଆହୁରି ଭଲ ହୋଇଥାନ୍ତା। ସେ କହିଥିଲେ ଅନେକ ସମୟରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଯାଇ ସ୍ୱାଧୀନ ପ୍ରାର୍ଥୀ ଜିତିବାର ନଜିର ରହିଛି। ତେଣୁ ନିର୍ବାଚନରେ ପ୍ରାର୍ଥୀ ଚୟନ ସବୁଠାରୁ ବଡ କଥା। ଦଳର ସଭାପତି ଏହାକୁ ଦେଖିବାର ଥିଲା। ହେଲେ ଦଳର ସଭାପତି ଏହାକୁ ଠିକ୍ ଭାବେ ଦେଖିପାରି ନାହାନ୍ତି। ବଡଚଣା ନିର୍ବାଚନ ମଣ୍ଡଳୀ ପାଇଁ ତାଙ୍କୁ ପ୍ରାର୍ଥୀ କରାନଯିବା ପ୍ରସଙ୍ଗରେ ସେ କୌଣସି ପ୍ରତିକ୍ରିୟା ରଖିନଥିଲେ ମଧ୍ୟ କହିଛନ୍ତି ସେ ଦଳର ନିଷ୍ପତ୍ତି ବିରୋଧରେ ଯାଇ ନାହାନ୍ତି। ଅନ୍ୟ କୌଣସି ଦଳରେ ଯୋଗଦେଇ ନାହାନ୍ତି କି କାହା ଦ୍ୱାରା ପ୍ରଭାବିତ ହୋଇନାହାନ୍ତି। *(ପୃଷ୍ଠା ୭ରେ)*

ରାହୁଲ ହେବେ ବିରୋଧୀ ଦଳ ନେତା! ସିଡବ୍ଲୁସି ବୈଠକରେ ପାରିତ ହେଲା ସଂକଳ୍ପ

ନୂଆଦିଲ୍ଲୀ, ୮।୬

ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମ୍ନାରେ ରହି ଟକ୍କର ଦେବେ ରାହୁଲ ଗାନ୍ଧି । କାରଣ ରାହୁଲ ଗାନ୍ଧି ସଂସଦରେ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ଭାବେ ଭୂମିକା ନିର୍ବାହ କରିବେ। ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୁଅନ୍ତୁ ବୋଲି ଶନିବାର କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲୁସି) ପକ୍ଷରୁ ଏକ ସଂକଳ୍ପ ପାରିତ ହୋଇଛି।

ଚଳିତ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ଉଭୟ ରାଏବରେଲୀ ଓ କେରଳର

ୱାୟନାଡ ଆସନରୁ ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କଂଗ୍ରେସ ମଧ୍ୟ ଏକାକୀ ଲୋକସଭାରେ ୯୯ଟି ଆସନ ଜିତିଛି।

ରାହୁଲ ଗାନ୍ଧିଙ୍କ କଠିନ ପରିଶ୍ରମ ଯୋଗୁ କଂଗ୍ରେସ ୨୦୧୯ *(ପୃଷ୍ଠା ୭ରେ)*

ଲାଗିଲା ଲାଇଟ, ଆଲୋକମାଳାରେ ପୁଣି ଝଲସିଲା ଶ୍ରୀମନ୍ଦିର

ପୁରୀ, ୮।୬ : ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ-୨୦୨୪ର ଫଳ ଗତ ୪ ତାରିଖ ସନ୍ଧ୍ୟାରେ ଆସିବା ପରେ ଅନ୍ଧାରରେ ଥିବା ବିଶ୍ୱ ପ୍ରସିଦ୍ଧ ଶ୍ରୀମନ୍ଦିରର ବାହାର ପାର୍ଶ୍ୱ ଶନିବାର ସନ୍ଧ୍ୟା ପରଠାରୁ ଆଲୋକମାଳାରେ ପୁଣି ଝଲସି ଉଠିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଅନ୍ଧାର ହଟି ଆଲୋକିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚରିପଟେ ଉଜ୍ଜ୍ୱଳ ଆଲୋକ ଲଗାଇ ଦିଆଯାଇଛି। ଶ୍ରୀମନ୍ଦିର ଆଲୋକମାଳାରେ ଝଲିସିବା ପରେ ଶ୍ରଦ୍ଧାଳୁ, ସେବାୟତ, ପୁରୀବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି।

ମନ୍ଦିର ବାହାର ପାର୍ଶ୍ୱରୁ ଲାଇଟ କାଢ଼ି



ଦିଆଯିବା ପରେ ଏହା ରାଜ୍ୟର ପ୍ରମୁଖ ଖବର ହୋଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଆଲୋକ ପାଇଁ କାହିଁକି ଲାଇଟ ଭଡ଼ାରେ ଅଣାଯାଇଥିଲା ବୋଲି ବୁଦ୍ଧିଜୀବୀ ଓ ଭକ୍ତ ପ୍ରଶ୍ନ କରିଥିଲେ । ଏହା ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରୀ ଶ୍ରୀମନ୍ଦିରରେ ପହଞ୍ଚି ଲାଇଟ ଲଗାଇବା କାମର ତଦାରଖ କରିଥିଲେ। ସେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ନିର୍ବାଚନରେ ବିଜେଡି ହାରିବା ପରେ ମନ୍ଦିର ଚରିପଟେ ଲଗାଯାଇଥିବା ଲାଇଟକୁ ହଟେଇ ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ *(ପୃଷ୍ଠା ୭ରେ)*

କଂଗ୍ରେସ ସଂସଦୀୟ ଦଳର ନେତା ହେଲେ ସୋନିଆ ଗାନ୍ଧି

ନୂଆଦିଲ୍ଲୀ, ୮।୬

୨୦୨୪ ଲୋକସଭା ନିର୍ବାଚନ ଫଳାଫଳ କଂଗ୍ରେସ ଦଳରେ ନୂଆ ଜୀବନ ଦେଇଛି। ଦଳୀୟ ନେତାଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ ନୂଆ ଉତ୍ସାହ ଦେଖିବାକୁ ମିଳୁଛି । କଂଗ୍ରେସ ପକ୍ଷରୁ ଲଗାତାର ବୈଠକ ଚଲିଛି । ସେପଟେ ସୋନିଆ ଗାନ୍ଧି ପୁଣି ଥରେ କଂଗ୍ରେସ ସଂସଦୀୟ ଦଳ (ସିପିପି)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଶନିବାର ସନ୍ଧ୍ୟାରେ ଉଭୟ ଲୋକସଭା ଓ ରାଜ୍ୟସଭାର ଦଳୀୟ ସାଂସଦମାନଙ୍କ ବୈଠକରେ ତାଙ୍କୁ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଏକାଳ ପଖାଳ

ପ୍ରଧାନମନ୍ତ୍ରୀ ଶପଥ ନେବେ
ରହିବ ବିଶ୍ୱ ସାକ୍ଷୀ
ଇଣ୍ଡିବାଲା ଯେତେ ଖଣ୍ଡିଉଡାଦେଲେ
ସ୍ୱାଦ ପାରିଲେନି ଚାଖି
ଜନତା ପେସେନ୍ସ ରଖି
ଦେଖିବ ଚାହିଁଛି କଣ ହେବ
ତୃତୀୟ ପାଳିରେ ବାକି।

ଏନ୍‌ଇଇଟି ପରୀକ୍ଷାରେ ଅନିୟମିତତା ଅଭିଯୋଗ, ତଦନ୍ତ ପାଇଁ କମିଟି ଗଠନ କଲା ଶିକ୍ଷା ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୮।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ହୋଇଥିବା ନ୍ୟାସନାଲ ଇଲିଜିବିଲିଟି କମ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ପରିଚାଳନାରେ ବ୍ୟାପକ ଅନିୟମିତତା ଅଭିଯୋଗର ତଦନ୍ତ ହେବ । ନିଟ୍-ୟୁଜି ୨୦୨୪ ପରୀକ୍ଷାରେ ଗ୍ରେସ ମାର୍କ ପାଇଥିବା ୧,୫୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ଫଳାଫଳକୁ ପୁନଃମୂଲ୍ୟାୟନ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଏକ ପ୍ୟାନେଲ ଗଠନ କରିଛି।

ଏହି ପ୍ୟାନେଲରେ ଚରିଜଣ ସଦସ୍ୟ ରହିବେ, ପୂର୍ବତନ ୟୁପିଏସସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ, ଯେଉଁମାନେ ନିଟ୍-ୟୁଜି ୨୦୨୪ ଫଳାଫଳକୁ ପୁନଃମୂଲ୍ୟାୟନ କରିବେ ଏହି ମାମଲାଗୁଡ଼ିକର ସମୀକ୍ଷା ପାଇଁ ଦାୟିତ୍ୱ ପ୍ରାପ୍ତ କମିଟି ଆସନ୍ତା ସପ୍ତାହ ମଧ୍ୟରେ ଏହାର ଫଳାଫଳ ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି।

ପୂର୍ବତନ ୟୁପିଏସସି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗଠିତ ପ୍ୟାନେଲ ଏକ ସପ୍ତାହ ମଧ୍ୟରେ ଏହାର ସୁପାରିସ ଦାଖଲ କରିବ ଏବଂ ଏହି ପ୍ରାର୍ଥୀଙ୍କ ଫଳାଫଳ ସଂଶୋଧିତ ହୋଇପାରେ ବୋଲି ଏନଟିଏ ନିର୍ଦ୍ଦେଶକ ସୁବୋଧ କୁମାର ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଗ୍ରେସ ମାର୍କ ପ୍ରଦାନ ପରୀକ୍ଷାର *(ପୃଷ୍ଠା ୭ରେ)*

ପାର୍ଲାମେଣ୍ଟାରୀ ବୋର୍ଡରେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନିଆଯିବ

ଭୁବନେଶ୍ୱର, ୮।୬

ନ୍ୟୁଜ୍ ବ୍ୟୁରୋ

ଦିନକ ପରେ ଅର୍ଥାତ ଆସନ୍ତା ୧୦ ତାରିଖ ଦିନ ଓଡ଼ିଶାକୁ ନୂଆ ମୁଖ୍ୟମନ୍ତ୍ରୀ ମିଳିବ। ଓଡ଼ିଶାର ଜଣେ ପୁଅ ବା ଝିଅଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆସନ ମିଳିବ। ଓଡ଼ିଶା ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଭାରତୀୟ ଜନତା ଦଳ (ବିଜେପି) ପକ୍ଷରୁ ରାଜ୍ୟର ଆଗାମୀ ମୁଖ୍ୟମନ୍ତ୍ରୀ କିଏ ହେବେ ସେ ନେଇ ଏଯାଏଁ ଘୋଷଣା ହୋଇନାହିଁ । ତେଣୁ ଆଗାମୀ ମୁଖ୍ୟମନ୍ତ୍ରୀ ନେଇ ରାଜ୍ୟବାସୀଙ୍କ ଦ୍ୱନ୍ଦ୍ୱ ବଢିଚଲିଛି । ଏହାରି ମଧ୍ୟରେ ରାଜ୍ୟ ବିଜେପି ସଭାପତି

ମନମୋହନ ସାମଲ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମୁଖ୍ୟମନ୍ତ୍ରୀ କିଏ ହେବେ ଏଯାଏଁ ନିଷ୍ପତ୍ତି ହୋଇନି। ପାର୍ଲାମେଣ୍ଟାରୀ ବୋର୍ଡରେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନିଆଯିବ। *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁନ୍ ୨୦୨୪ ରବିବାର

ମହଙ୍ଗା ମାଡ଼: ଅତ୍ୟାବଶ୍ୟକ ସାମଗ୍ରୀ ଦର ଉପରମୁହାଁ

ସାଧାରଣ କିସମ ଚାଉଳ କ୍ୱିଣ୍ଟାଲ୍ ୩୫୦୦ ଟଙ୍କା, ପାମୋଲିନ୍, ସୋରିଷ ତେଲ ବି ବଢ଼ିଛି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଦେଶରେ ସାଧାରଣ ନିର୍ବାଚନକୁ ନେଇ ଲୋକେ ବ୍ୟସ୍ତ ଥିବାବେଳେ ଅନେକଙ୍କ ଅଲକ୍ଷ୍ୟରେ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। ଗତ କିଛିମାସ ହେଲା ଡାଲି ଦର ଲଗାତାର ବୃଦ୍ଧି ପାଇ ଆସୁଛି। ଏବେ ଏଥିରେ ଚାଉଳ, ତେଲ ଏବଂ ଗହମ ଜାତୀୟ ଉତ୍ପାଦ ଯଥା ଅଟା, ସୁଜି ଏବଂ ମଇଦା ଆଦି ଯୋଡ଼ି ହୋଇଯାଇଛି। ଭୁବନେଶ୍ୱରରେ ପାଇକାରୀ ବଜାରରେ ଚାଉଳ ଦର ଇତିମଧ୍ୟରେ କ୍ୱିଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବା କିଲୋପିଛା ୩ରୁ ୪ ଟଙ୍କା ବଢ଼ିଯାଇଛି। ସାଧାରଣ କିସମ ଚାଉଳର ପାଇକାରୀ ମୂଲ୍ୟ ପୂର୍ବରୁ ଯାହା କିଲୋଗ୍ରାମ ପିଛା ୩୧ ଟଙ୍କା ଥିଲା ଏବେ ତାହା ୩୫ ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ କ୍ୱିଣ୍ଟାଲ ପିଛା ୩୫୦୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ସୋରିଷ ତେଲ ଦାମ ଗତ କିଛି ଦିନ ଭିତରେ ଲିଟର ପିଛା ୮ରୁ ୧୦ ଟଙ୍କା ବଢ଼ିଯାଇଛି। ସୋରିଷ ତେଲର ଦାମ ପୂର୍ବରୁ ଲିଟର ପିଛା ଯାହା ୧୨୦ ଟଙ୍କା ଥିଲା ବର୍ତ୍ତମାନ ତାହା ୧୩୨ରୁ ୧୩୩ ଟଙ୍କା ହୋଇଛି।

ସେହିଭଳି ପାମୋଲିନ ଦର ପୂର୍ବରୁ କିଲୋପିଛା ୮୩ରୁ ୮୪ ଟଙ୍କା ରହିଥିଲାବେଳେ ବର୍ତ୍ତମାନ ତାହା ୮୬ରୁ ୮୭ ଟଙ୍କାରେ ପହଞ୍ଚିଛି। ହରଡ଼, ବୁଟ ଏବଂ ବିରି ଡାଲି ଏବେ ଅଧିକ ଦରରେ ବିକ୍ରି ହେଉଛି। ବିଭିନ୍ନ କିସମ ହରଡ଼ ଡାଲିର ପାଇକାରୀ ମୂଲ୍ୟ ଏବେ କିଲୋପିଛା ୧୬୫ ଟଙ୍କା ୧୮୦ ଟଙ୍କାରେ ବିକ୍ରି ହେଉଛି। ଗତ ୩ରୁ ୬ ମାସର ଦର ଉପରେ ନଜର ପକାଇଲେ କିଲୋପିଛା ହରଡ଼ ଡାଲି ଦର ପ୍ରାୟ ୨୦ରୁ ୩୦ ଟଙ୍କା ବଢ଼ିଯାଇଛି। ବିରି ଡାଲି ମଧ୍ୟ କ୍ୱିଣ୍ଟାଲ ପିଛା ୨୦୦ରୁ ୩୦୦ ଟଙ୍କା ବଢ଼ିଯାଇଛି। ବିରି ଡାଲି ଏବେ କିଲୋପିଛା ୧୨୦ ଟଙ୍କାରୁ ୧୩୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ବୁଟ ଡାଲି ଗତ ୩ ମାସ ଭିତରେ କିଲୋପିଛା ୧୦ ଟଙ୍କା ବଢ଼ିଯାଇଛି। ପୂର୍ବରୁ ଏହାର ଦାମ୍ ପାଇକାରୀ ବଜାରରେ କିଲୋଗ୍ରାମ ପିଛା ୭୦ ଟଙ୍କା ଥିବାବେଳେ ଏବେ ୮୦ ଟଙ୍କାରେ ବିକ୍ରି ହେଉଛି। ତେବେ ମୁଗ, ମଟର, ମସୁର ଡାଲି ମୂଲ୍ୟ ସ୍ୱାଭାବିକ ରହିଛି। ଗହମ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବଢ଼ିଯାଇଛି। ଏହାଫଳରେ ଗହମଜାତୀୟ ଉତ୍ପାଦ ଯଥା ସୁଜି, ଅଟା, ମଇଦା ଆଦି ଦାମ କ୍ୱିଣ୍ଟାଲ ପିଛା ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଯାଇଛି। ଖୁଚୁରା ବଜାରରେ ଏସବୁ ସାମଗ୍ରୀର ଦାମ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରହିଛି।

ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯିବା ନେଇ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାର ପ୍ରଭାବରେ ଚାଉଳ ଦାମ୍ ବଢ଼ିଯାଇଛି। ଆଗକୁ ମଧ୍ୟ ଏହା କ୍ୱିଣ୍ଟାଲ ପିଛା ୨୦୦ରୁ ୩୦୦ ଟଙ୍କା ବୃଦ୍ଧି ଘଟିବା ଆଶଙ୍କା ରହିଛି ବୋଲି ସେମାନେ ମତ ଦେଇଛନ୍ତି। ଡାଲି ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଜାରରେ ଯେଉଁଦିନ ଠାରୁ କର୍ପୋରେଟ ହାଉସ୍ ପ୍ରବେଶ କଲେଣି ସେହିଦିନ ଠାରୁ ଦରରେ ମାତ୍ରାଧିକ ଅସ୍ଥିରତା ଦେଖାଦେଇଛି। ରାତିରେ ଦର କ୍ୱିଣ୍ଟାଲ ପିଛା ୧୦୦୦ ଟଙ୍କା ବଢ଼ିଯାଉଥିବା ଦେଖିବାକୁ ମିଳୁଥିବାବେଳେ ସକାଳେ ୫୦୦ ଟଙ୍କା କମିଯାଉଛି। ଦରକୁ ଜାଣିଶୁଣି ଅସ୍ଥିର କରାଯାଉଛି। ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ବର୍ତ୍ତମାନ ଯେଉଁ ଛୋଟ ଏବଂ ମଧ୍ୟମ ବ୍ୟବସାୟୀ ଅଛନ୍ତି ସେମାନଙ୍କର କ୍ଷତି ପହଞ୍ଚାଇବା। ଏମାନେ କିଭଳି ବ୍ୟବସାୟ ନକରି ପାରିବେ ତାହା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। ସରକାର ମଧ୍ୟ ସେମାନଙ୍କୁ ଏଥିରେ ସମର୍ଥନ କରୁଛନ୍ତି। ତେଣୁ ଦରଦାମରେ ଯେଉଁ ବୃଦ୍ଧି ଘଟୁଛି ତାହାକୁ ନିୟନ୍ତ୍ରଣ କରିବା ପରିସ୍ଥିତିରେ ନାହାନ୍ତି ବୋଲି ଓଡ଼ିଶା ବ୍ୟବସାୟୀ ସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି।

ଟ୍ରେଡିଂ ଆପ୍ ମାୟାରେ ଉଡ଼ିଗଲା ୬୩ ଲକ୍ଷ : ୨୬% ସୁଧ ଲୋଭରେ ଫସିଲେ ବ୍ୟବସାୟୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୁଣି ଜଣେ ବ୍ୟବସାୟୀ ଟ୍ରେଡିଂ ଆପ୍ର ମାୟାଜାଲରେ ଫସି ୬୩ ଲକ୍ଷ ଟଙ୍କା ହରାଇଛନ୍ତି। ବିନିଯୋଗ ରାଶି ଉପରେ ୨୬% ସୁଧ ଲୋଭର ବଶବର୍ତ୍ତୀ ହୋଇ ବ୍ୟବସାୟୀ ଜଣକ ୬୩ ଲକ୍ଷ ଟଙ୍କା ହରାଇବା ପରେ କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରୀଙ୍କ କହିବାନୁସାରେ ତାଙ୍କ ହ୍ୱାଟସ୍ଆପ୍କୁ ଏକ ଲିଙ୍କ୍ ସହ ମେସେଜ୍ ଆସିଥିଲା। ଏହା ସାଇବର ଠକ ପଠାଇଥିଲା, କିନ୍ତୁ ବ୍ୟବସାୟୀଜଣକ ବୁଝିପାରିନଥିଲେ। ଲିଙ୍କ୍ ଖୋଲିବା ପରେ ସାଇବର ଠକ ବ୍ୟବସାୟୀଙ୍କୁ ଏକ ଗ୍ରୁପରେ ଯୋଡ଼ି ଦେଇଥିଲା। ଗ୍ରୁପ୍ରେ ଥିବା କିଛି ସଦସ୍ୟ ଟ୍ରେଡିଂ ଆପ୍ରେ ପୁଞ୍ଜି ବିନିଯୋଗ କରି ଲାଭବାନ ହେଉଥିବା ଚର୍ଚ୍ଚା ହେଉଥିଲା। ଏତିକିରେ ବ୍ୟବସାୟୀଙ୍କୁ କିଛି ଟାସ୍କ ପୂରଣ କରିବାକୁ ଦିଆଯାଇଥିଲା ଏବଂ ସତକୁ ସତ କିଛି ଘଣ୍ଟା ଭିତରେ ତାଙ୍କୁ ବିନିଯୋଗ ରାଶି ଉପରେ ୨୬% ସୁଧ ହାରରେ ରିଟର୍ଣ୍ଣ ମିଳିଥିଲା। ଏଥିରେ ବ୍ୟବସାୟୀ ଲୋଭରେ ପଡ଼ିଥିଲେ ଏବଂ ଉତ୍ସାହିତ ହୋଇ ଅଧିକ ବିନିଯୋଗ କରିଚାଲିଲେ।

ସେ ୧୦ ଲକ୍ଷରୁ ଅଧିକ ବିନିଯୋଗ କରିବା ପରେ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ଆକାଉଣ୍ଟକୁ ସଚଳ କରିବା ପାଇଁ ସାଇବର ଠକ ବ୍ୟବସାୟୀଙ୍କୁ ଆଉ କିଛି ପୁଞ୍ଜି ନିବେଶ କରିବାକୁ କହିଥିଲା। ତେଣୁ ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀଜଣକ ବିଭିନ୍ନ ପର୍ଯ୍ୟାୟରେ ୬୩ ଲକ୍ଷ ଟଙ୍କା ନିବେଶ କରିଦେଇଥିଲେ। ଏହାପରେ ତାଙ୍କୁ ଉକ୍ତ ଗ୍ରୁପ୍ରୁ ବାହାର କରିଦିଆଯାଇଥିଲା। ସେତେବେଳେ ବ୍ୟବସାୟୀ ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ୍ରେ ସାଇବର ଠକ ଟେଡିଂ ଆପ୍ ଜରିଆରେ ୧୦ କୋଟିରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଜାନୁଆରିରୁ ମାର୍ଚ୍ଚ ଭିତରେ ୧୬ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ଓ ସାଇବର ବିଶେଷଜ୍ଞମାନେ ବାରମ୍ବାର ଲୋକଙ୍କୁ ସଚେତନ କରୁଥିଲେ ବି କିଛି ସୁଫଳ ମିଳୁନଥିବା ଦେଖିବାକୁ ମିଳୁଛି।

ଡକ୍ଟର ସୀମାଦ୍ରୀ ଶୁଭ ଦର୍ଶନୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବରିଷ୍ଠ ସାମ୍ବାଦିକ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥିଙ୍କ ଏକମାତ୍ର କନ୍ୟା, ସାରସ୍ୱତ ପ୍ରତିଭାର ଅଧିକାରୀ, ତଥା ପ୍ରଥମ ଓଡ଼ିଆ ଭାରତୀୟ ପ୍ରଧାନମନ୍ତ୍ରୀ ଗବେଷଣା ଯୋଜନା ଜାତୀୟ ଚୟନ ପ୍ରତିଯୋଗିତାରେ ପ୍ରଥମ ହୋଇ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ବାଙ୍ଗାଲୋରରେ କାର୍ଯ୍ୟରତ ଡକ୍ଟର ସୀମାଦ୍ରୀଙ୍କୁ ତାଙ୍କର ଗବେଷଣାତଥା ତାଙ୍କ ଶୁଭ ଜନ୍ମଦିବସ ଅବସରରେ ବାଙ୍ଗାଲୋରରେ ସମ୍ବର୍ଦ୍ଧିତ କରାଯାଇଛି। କର୍କଟ ରୋଗର କାରଣ ଓ ନିରାକରଣର ସହଜ ଉପାୟ ଏବଂ ନିଦାନ ଉପରେ ଦୀର୍ଘ ୭୫ ମିନିଟର ପ୍ରସ୍ତୁତି ସହିତ ଦୃଢ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପିତା ପ୍ରଦ୍ୟୁମ୍ନ ଶତପଥି ଓ ମାତା ଓଡିଶାର ଲବ୍ଧ ପ୍ରତିଷ୍ଠିତା ଅଧ୍ୟାପିକା ଡ଼ ମାନସୀ ଷଡ଼ଙ୍ଗୀ ଉପସ୍ଥିତ ରହିବା ସହିତ ସମ୍ବର୍ଦ୍ଧିତ ହୋଇ ଥିଲେ। ଡକ୍ଟର ସୀମାଦ୍ରୀଙ୍କ ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସହିତ, ତାଙ୍କ ଦୃଢ଼ ନିଷ୍ଠା, ଏକାଗ୍ରତା ଦାୟୀ ବୋଲି ଶ୍ରୀଯୁକ୍ତ ଶତପଥି ମତବ୍ୟକ୍ତ କରିଥିଲେ। ସମଗ୍ର ଓଡିଶାକୁ ଗୌରବାନ୍ୱିତ କରିବା ସହିତ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ତଥା ସମସ୍ତ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଗଣମାଧ୍ୟମକୁ ଜଣାଇଛନ୍ତି।

କେନ୍ଦୁଝର ସହରରେ ତୁଠ କାର୍ଯ୍ୟ କରିବାପାଇଁ ପୋଖରୀର ଅଭାବ ଲୋକଙ୍କୁ ବିବ୍ରତ କରୁଛି

କେନ୍ଦୁଝର, ନ୍ୟୁଜ

କେନ୍ଦୁଝର ସହରାଞ୍ଚଳରେ ଆବଶ୍ୟକୀ- ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ଗୁଡିକ ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଥିବାରୁ ଲୋକମାନେ କାହାର ମୃତ୍ୟୁ ହେଲେ ଶୁଦ୍ଧି କାର୍ଯ୍ୟ କରିବାଲାଗି ତୁଠ କାର୍ଯ୍ୟ କରିବା ପାଇଁ ପୋଖରୀର ଅଭାବ ଲୋକମାନଙ୍କୁ ବିବ୍ରତ କରୁଥିବାର ଦେଖାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛିଯେ, କେନ୍ଦୁଝର ସହରରେ ଜନସଂଖ୍ୟା ଦୃତଗତିରେ ବଢ଼ିଚାଲିଥିବା ବେଳେ ଲୋକମାନଙ୍କର ନିତ୍ୟ ବାହ୍ୟ ବ୍ୟବହୃତ ଜଳ ଯଥା, ସ୍ନାନ, ଶୌଚ, ଶୁଦ୍ଧି କାର୍ଯ୍ୟ ପାଇଁ ପୋଖରୀ ର ଆବଶ୍ୟକତା ପଡି-ଥାଏ,ହେଲେ ସହରାଞ୍ଚଳର ବିଭିନ୍ନ ୱାର୍ଡ ରେ ଥିବା ଅଧିକାଂଶ ପୋଖରୀ ରକ୍ଷଣା ବେକ୍ଷଣ ଅଭାବରୁ ବ୍ୟବହାର ଅନୁପଯୋଗୀ ହୋଇପଡିରହିଛି, ଯାଫଳରେ ଦୈବାତ କୌଣସି ଲୋକଙ୍କର ମୃତ୍ୟୁ ଘଟିଲେ ତାଙ୍କ ପରିବାର ଲୋକ ମୃତ ବ୍ୟକ୍ତିଙ୍କର ଶୁଦ୍ଧି କାର୍ଯ୍ୟ ପୋଖରୀ କୂଳରେହିଁ ତୁଠ କାର୍ଯ୍ୟ ଆରମ୍ଭ ହୋଇଥାଏ। ହେଲେ ବ୍ୟବହାର ଅନୁଯୋଗୀ ପୋଖରୀ ଗୁଡିକଯୋଗୁଁ ଲୋକମାନେ ଉପାୟଶୂନ୍ୟ ହୋଇ ସେହି ବ୍ୟବହାରଅନୁପଯୋଗୀ ପ୍ରଦୂଷିତ ପୋଖରୀ ମାନଙ୍କ- ରେ ତୁଠ କାର୍ଯ୍ୟ କରିବାକୁ ବାଧହେଉଛନ୍ତି। ଅନ୍ୟପଟେ ଜଳ ବ୍ୟବସ୍ଥା କରିପାରିନଥିବା ଗରିବ ଶ୍ରେଣୀର ଲୋକ ମାନେ ସ୍ନାନ ଶୌଚ ଲାଗି ନିରୁପାୟ ହୋଇ ସେହି ପ୍ରଦୂଷିତ ପୋଖରୀ ଗୁଡିକରେ ନିଜର ଆବଶ୍ୟକତା ମେଣ୍ଟାଉଛନ୍ତି। ବିଶେଷକରି କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଶୁଦ୍ଧି କର୍ମ ପାଇଁ ପୋଖରୀ କୂଳରେ ତୁଠ କରି ଶୁଦ୍ଧି କାର୍ଯ୍ୟ ସମାପନ କରାଯାଇଥାଏ, ହେଲେ ପ୍ରଶାସନ ନିଷ୍କ୍ରିୟତା ଯୋଗୁଁ ଗାଁ ମାନଙ୍କରେ ଥିବା ପୋଖରୀ ଗୁଡିକ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡିରହି ମଶା ମାଛି, ସାପ ମାନଙ୍କର ଉତ୍ପତି ସ୍ଥଳ ପାଲଟିଛି। ଯଦି ପୋଖରୀ ଗୁଡିକର ବିଶୋଧନ କରାଯାଇ ବ୍ୟବହାର ଯୋଗୀ କରାଯାଇପାରନ୍ତା ତେବେ ସହରର ଲକ୍ଷାଧିକ ଲୋକମାନଙ୍କର ବାହ୍ୟବ୍ୟବହୃତ ଜଳର ଆବଶ୍ୟକତା ବହୁଳ ଭାବେ ପୂରଣ ହୋଇପାରନ୍ତା ଏବଂ ପାନୀୟ ଜଳର ଅପବ୍ୟବହାର ମଧ ବହୁଳ ଭାବେ କିଯାଆନ୍ତା ବୋଲି ଜନସାଧାରନରେ ମତପ୍ରକାଶ ପାଇଛି।

ହାତୀଙ୍କୁ ଟାଣୁଛି ଚନ୍ଦକା ଅଭୟାରଣ୍ୟ: ଥିଲା ଗୋଟିଏ, ଏବେ ୪୫



ଜଙ୍ଗଲରେ ରହିଛି ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ, ଭୁବନେଶ୍ୱର ସର୍କଲର ୫ ବନଖଣ୍ଡରେ ନାହାନ୍ତି

ଚନ୍ଦ୍ରଶେଖରପୁର, ନ୍ୟୁଜ ବ୍ୟୁରୋ

ଦିନ ଥିଲା ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ହାତୀ ନ ଥିଲେ। ୧୯୭୯ରେ ରାଜ୍ୟର ପ୍ରଥମ ହାତୀ ଗଣନା ସମୟରେ ଖାଲି ପଡ଼ିଥିବା ଏହି ଅଭୟାରଣ୍ୟ ଧୀରେ ଧୀରେ ହାତୀଙ୍କ ବାସସ୍ଥଳୀ ପାଲଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଏଠାକାର ଜଙ୍ଗଲମୁହାଁ ହେଉଥିବାରୁ ୧୯୮୨ରେ ୧୭୫.୭୯ ବର୍ଗ କିମିର ଏହି ଜଙ୍ଗଲ ହାତୀ ଅଭୟାରଣ୍ୟ ମାନ୍ୟତା ପାଇଥିଲା। ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ଯୋଗୁଁ ୧୯୯୯ ବେଳକୁ ହାତୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଗଣନା ସମୟରେ ୮୩ଟି ହାତୀଙ୍କୁ ଦେଖିବାକୁ ମିଳିଥିଲା। ମାତ୍ର ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୦୨ ହାତୀ ଗଣନା ବେଳକୁ ରାଜଧାନୀ ଉପକଣ୍ଠ ଏହି ଅଭୟାରଣ୍ୟରେ ହାତୀଙ୍କ ସଂଖ୍ୟା ୬୨କୁ ଖସି ଆସିଥିଲା। ଗୋଟିଏ ହାତୀ ପଲ ଏହି ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଇଥିଲେ। ୨୦୦୭ରେ ପୁଣି ଗୋଟିଏ ହାତୀ ପଲ ସାମିଲ ହେବା ପରେ ସଂଖ୍ୟା ୬୭କୁ ବୃଦ୍ଧି ପାଇଥିଲା। ଏହାର ପରବର୍ତ୍ତୀ ସମୟରେ ହାତୀ ଅଭୟାରଣ୍ୟ ଧୀରେ ଧୀରେ ହାତୀ ଶୂନ୍ୟ ହେବାରେ ଲାଗିଲା। ୨୦୧୦ ବେଳକୁ ସହରୀକରଣ ବଢ଼ିବା ସହ ଗୋଟିଏ ପରେ ଗୋଟିଏ ହାତୀ ପଲ ଚନ୍ଦକା ଛାଡ଼ି ବାହାର ଜଙ୍ଗଲକୁ ଚାଲିଯାଇଥିଲେ। ପ୍ରତି ଦୁଇ ବର୍ଷରେ ହେଉଥିବା ହାତୀ ଗଣନା ସମୟରେ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଥିଲା। ୨୦୧୦ରେ ହାତୀ ସଂଖ୍ୟା ହ୍ରାସ ପାଇ ୨୩ରେ ପହଞ୍ଚିଥିବା ବେଳେ ୨୦୧୨ରେ ୨୪, ୨୦୧୫ ଗଣନା ବେଳକୁ ସଂଖ୍ୟା ୮କୁ ଖସି ଆସିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୧୭ ଗଣନା ସମୟରେ ମାତ୍ର ଗୋଟିଏ ହାତୀକୁ ଦେଖିବାକୁ ମିଳିଥିଲା।

ଡେଙ୍ଗୁ ପାଇଁ ଅପ୍ରସ୍ତୁତ ବିଏମ୍ସି



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମୌସୁମୀ ବର୍ଷା ଆରମ୍ଭ ହୋଇନଥିଲେ ମଧ୍ୟ ଡେଙ୍ଗୁ ଡରାଇଲାଣି। ରାଜ୍ୟରେ ୨୦୦ ଆକ୍ରାନ୍ତ ଚିହ୍ନଟ ହୋଇ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯ ଆକ୍ରାନ୍ତ ଅଛନ୍ତି। ଯଦିଓ ଭୁବନେଶ୍ୱରରେ ଆକ୍ରାନ୍ତ ନଥିବା ବିଭାଗ କହୁଛି କିନ୍ତୁ ଖୋର୍ଦ୍ଧା ଜିଲ୍ଲାରେ ଅଧିକ ଥିବାରୁ ଭୁବନେଶ୍ୱର ପାଇଁ ବିପଦ ହେବା ଆଶଙ୍କା ପଡ଼ିଛି। ତିନିଦିନ ତଳେ କାଳ ବୈଶାଖୀ ପ୍ରଭାବରେ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ବିଭିନ୍ନ ସ୍ଥାନରେ ପାଣି ଜମି ରହିବାରୁ ମଶାଙ୍କ ବଂଶ ବଢ଼ିବା ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ବିଏମ୍ସି ପକ୍ଷରୁ ମଶାଙ୍କ ବଂଶ ବୃଦ୍ଧି ରୋକିବା ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ପୁଣି ଥରେ ଗତ ବର୍ଷ ଭଳି ଡେଙ୍ଗୁ ଭୁବନେଶ୍ୱରବାସୀଙ୍କୁ କଲବଲ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଫାଇଲେରିଆ ଇନ୍ସ୍‌ପେକ୍ଟରମାନେ ସହରର ବିଭିନ୍ନ ସ୍ଥାନ ବୁଲି ୧୭୫ଟି ସମ୍ବେଦନଶୀଳ ଜାଗା ଚିହ୍ନଟ କରିଥିଲେ। ଯେଉଁଠାରେ ଏଡିସ୍ ମଶାଙ୍କ ଅଣ୍ଡା ସୁରକ୍ଷିତ ରହି ଛୁଆ ହେବାର ସୁଯୋଗ ପାଇପାରିବେ। ଏହି ମଶା ଅଣ୍ଡାରୁ ବାହାରିବା ଲୋକଙ୍କୁ କାମୁଡ଼ିବା ଯୋଗୁ ଡେଙ୍ଗୁ ବ୍ୟାପିବ। ଏଣୁ ଏହି ସବୁ ସମ୍ବେଦନଶୀଳ ଜାଗାରେ ଯେଭଳି ମଶାଙ୍କ ଅଣ୍ଡା ସୁରକ୍ଷିତ ବଞ୍ଚି ପାରିବ ନାହିଁ ସେଥିପାଇଁ ସେହି ଜାଗାରେ ଗମ୍ବୁସିଆ ମାଛ ଛାଡ଼ିବା ଯୋଜନା ହୋଇଥିଲା। ଏହି ମାଛ ମଶାଙ୍କ ଲାର୍ଭାକୁ ଖାଇଯିବେ। ଫଳରେ ଲାର୍ଭା ମଶା ହେବାକୁ ସୁଯୋଗ ପାଇବନି। ଏଭଳି ଚିନ୍ତା କରି ବିଏମ୍ସି ପକ୍ଷରୁ ଗତ ବର୍ଷ ନଭେମ୍ବର ମାସରେ ୪ଟି ନଳାରେ ଗମ୍ବୁସିଆ ମାଛ ଛଡ଼ା ଯାଇଥିଲା। ୧୭୫ ସମ୍ବେଦନଶୀଳ ଜାଗାରୁ ମାତ୍ର ୪ଟି ଜାଗାରେ ଛାଡ଼ିବା କେବଳ ଧର୍ମକୁ ଆଖିଠାର ଭଳି ହୋଇଥିଲା। ଏବେ ଏହି ସବୁ ସ୍ଥାନରେ ଗୋଟିଏ ହେଲେ ମାଛ ନଥିବା ସର୍ବେକ୍ଷଣରୁ ଜଣାପଡ଼ିଛି। ଏଣୁ ଏହି ମାଛ ପଛରେ ଖର୍ଚ୍ଚ ହୋଇଥିବା ଅର୍ଥ ବରବାଦ ହୋଇଛି ଓ ଏହାର ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇ ନାହିଁ। ଏଣୁ ଏବେ ପୁଣି ଥରେ ଏହି ଗମ୍ବୁସିଆ ମାଛ ଛାଡ଼ିବାକୁ ଯୋଜନା ହୋଇଛି।

ଠିକ୍ ସେହିଭଳି ଅନେକ ନଳାରେ ପାଣି ରହୁନଥିବାରୁ ସେଠାରେ ମାଛ ଛାଡ଼ିବା ସମ୍ଭବ ହେବନାହିଁ। ଏଣୁ ସେଠାରେ ନିୟମିତ ଲାର୍ଭିସାଇଡ୍ ପକାଇ ଅଣ୍ଡା ନଷ୍ଟ କରିବା ପାଇଁ ଯୋଜନା ହୋଇଥିଲା। ପୂର୍ବରୁ କର୍ମଚାରୀ ଡ୍ରମ୍ କାନ୍ଧରେ ପକାଇ ଲାର୍ଭିସାଇଡ୍ ସ୍ପ୍ରେ କରୁଥିଲେ। କିନ୍ତୁ ବିଏମ୍ସି ବ୍ୟାଟେରି ଚାଳିତ ସ୍ପ୍ରେୟର କିଣିଥିଲା। ପୂର୍ବରୁ ଗୋଟିଏ ୱାର୍ଡ ପାଇଁ ଦୁଇଟି ଲେଖାଏଁ ସ୍ପ୍ରେୟର ଥିବା ବେଳେ ୨୦ଟି ନୂଆ ବ୍ୟାଟେରି ଚାଳିତ ସ୍ପ୍ରେୟର ଆସିଥିଲା। ଯେଉଁ ଜାଗାରେ ଗମ୍ବୁସିଆ ଛଡ଼ାଯିବ, ସେହି ଜାଗାରେ ଆଉ ଲାର୍ଭିସାଇଡ୍ ସିଞ୍ଚନ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏଣୁ ପୂର୍ବରୁ ଯେତିକି ଜାଗାରେ ଲାର୍ଭିସାଇଡ୍ ସ୍ପ୍ରେ ହେଉଥିଲା ବା ଯେଉଁ ପରିମାଣରେ ଲାର୍ଭିସାଇଡ୍ ସ୍ପ୍ରେ ହେଉଥିଲା ତାହା କମ ହେବ। ଏଭଳି ଉଭୟ ପଟୁ ମଶାଙ୍କୁ ଷଣ୍ଢୁଆସୀ ଆକ୍ରମଣ ଫଳରେ ମଶାବଂଶ ନିପାତ ହେଇଯିବା ଯୋଜନା ହୋଇଥିଲା। ହେଲେ ମୌସୁମି ପୂର୍ବରୁ ବ୍ୟବସ୍ଥା କରାଗଲା ନାହିଁ। ଏବେ ସରକାରୀ ସ୍ତରରୁ ତନାଘନା ହେବା ପରେ ବିଏମ୍ସି ଡେଙ୍ଗୁ ପାଇଁ ପ୍ରସ୍ତୁତି ବୈଠକ କରୁଛି। କିନ୍ତୁ ବିଳମ୍ବରେ ଯାହା ବି ପଦକ୍ଷେପ ନିଆଯିବ ତାହା ବାହାଘର ବେଳେ ବାଇଗଣ ରୁଆ ଭଳି ହେବ ଏବଂ ଭୁବନେଶ୍ୱରକୁ ଡେଙ୍ଗୁଶୂନ୍ୟ କରିବା ବିଫଳ ହେବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ପୁରୁଣା ବିଏମ୍ସି ଅଫିସ୍ ପଛ ନଳା, ସହିଦନଗର ମହର୍ଷି କଲେଜ ପଛ ନଳା, ମଞ୍ଚେଶ୍ୱର ଥାନା ସାମ୍ନା ନଳା ଓ ପଟିଆର ନନ୍ଦନ ବିହାର ଡ୍ରେନ୍‌ରେ ଗମ୍ବୁସିଆ ମାଛ ଛଡ଼ା ଯାଇଥିଲା।

ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତି ସଭା

କଟକ, ନ୍ୟୁଜ ବ୍ୟୁରୋ

ପଣ୍ଡିତ ବିଜୟ କିଶୋର ସିଂହ ସ୍ମୃତିସଂସଦ ଆନୁକୂଲ୍ୟରେ ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତିସଭା ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଶଶଧର ପଣ୍ଡା, ମୁଖ୍ୟବକ୍ତା ଭାବେ କବି ଉଦୟ କେଶରୀ ବର୍ମା, ସମ୍ମାନୀୟ ବକ୍ତା ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ପଣ୍ଡିତ ବିଜୟ କିଶୋର ସିଂହ ତାଙ୍କର ଯଶ, କୀର୍ତ୍ତିପାଇଁ ସବୁଦିନେ ଅମର ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଂଜନ ପଣ୍ଡା, ବ୍ରଜବନ୍ଧୁ ପୃଷ୍ଟି, ପ୍ରଭାକର ଦାସ, କ୍ଷୀରୋଦ କୁମାର ଜେନା, ଆଦିତ୍ୟ ରଞ୍ଜନ ଦାଶ, କିଶୋର କୁମାର ନାୟକ, ସୁଶିଲ କୁମାର ରାଉତ, ରଶ୍ମିତା ବେହେରା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ ଗୁରୁଜୀ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସଦର ସାଧାରଣ ସଂପାଦିକା ନିରୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ସର୍କଲର ୫ ବନଖଣ୍ଡରେ ନାହାନ୍ତି ହାତୀ

ଖୋର୍ଦ୍ଧା ବନଖଣ୍ଡରେ ୬୩, ନୟାଗଡ଼ରେ ୩୨

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବର୍ତ୍ତମାନ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ୨୦୧୭ରେ ଗୋଟିଏ ମାତ୍ର ହାତୀ ଥିବା ଏହି ଅଭୟାରଣ୍ୟରେ ଏବେ ୪୫ଟି ହାତୀ ରହିଛନ୍ତି। ଅଭୟାରଣ୍ୟରେ ବୟସ୍କ ଓ ପ୍ରାପ୍ତବୟସ୍କଙ୍କୁ ମିଶାଇ ୧୪ଟି ଅଣ୍ଡିରା ହାତୀ ରହିଛନ୍ତି। ସେଥିମଧ୍ୟରୁ ଦନ୍ତାହାତୀଙ୍କ ସଂଖ୍ୟା ୧୦ ଓ ୪ଟି ମାକନା ଅଛନ୍ତି। ଉଭୟ ବୟସ୍କ ଓ ପ୍ରାପ୍ତବୟସ୍କଙ୍କୁ ମିଶାଇ ୧୭ଟି ମାଈ ହାତୀ ଅଭୟାରଣ୍ୟରେ ଚଳପ୍ରଚଳ କରୁଛନ୍ତି। ୭ଟି ଲେଖାଏ କିଶୋର ଓ ଛୁଆ ହାତୀ ଚନ୍ଦକା ଜଙ୍ଗଲର ଶୋଭା ବୃଦ୍ଧି କରୁଛନ୍ତି। ଭୁବନେଶ୍ୱର ସର୍କଲରେ ୧୪୦ଟି ହାତୀ ରହିଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ବନଖଣ୍ଡରେ ୬୩, ଚନ୍ଦକା ବନଖଣ୍ଡରେ ୪୫ ଓ ନୟାଗଡ଼ ବନଖଣ୍ଡରେ ୩୨ଟି ହାତୀ ରହିଛନ୍ତି। ସର୍କଲ ଅଧୀନ ୮ଟି ବନଖଣ୍ଡ ମଧ୍ୟରୁ ଭଦ୍ରକ, ଚିଲିକା, ସିଟି ଫରେଷ୍ଟ, ପୁରୀ ଓ ରାଜନଗରରେ ହାତୀ ନ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି। ଜଙ୍ଗଲ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଅଭୟାରଣ୍ୟରେ ଭରପୂର ଖାଦ୍ୟ ରହିଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଗୋଟିଏ ଦୁଇଟି ହାତୀ ରହୁଥିବା ବେଳେ ତିନି ବର୍ଷ ହେଲା ୩୫ରୁ ୪୮ଟି ହାତୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏମାନଙ୍କ ବ୍ୟତୀତ ଆଠଗଡ଼, ଖୋର୍ଦ୍ଧା, ଖୁଣ୍ଟୁଣି ସମେତ ମହାନଦୀ ଡିଭିଜନ୍‌ରୁ ହାତୀପଲ ବିଭିନ୍ନ ସମୟରେ ଏଠାକୁ ଆସୁଛନ୍ତି। କିଛି ଦିନ ଧରି ଏଠାରେ ରହିବା ପରେ ପୁଣି ଫେରିଯାଆନ୍ତି। ବାତ୍ୟା 'ଫନି' ପରେ ପ୍ରଚୁର ବାଉଁଶ ଗଛ ଲଗାଯାଇଥିବାରୁ ସେମାନଙ୍କ ଖାଇବା ପାଇଁ ଭଲ ହେଉଛି। ଯେଉଁଥିପାଇଁ ହାତୀ ପଲ ଜଙ୍ଗଲ ଛାଡ଼ି ଯାଉନାହାନ୍ତି। ହାତୀମାନେ କେବଳ ଗୋଟିଏ ସ୍ଥାନରେ ରହିବେ ବୋଲି କିଛି ମାନେ ନାହିଁ। ସେମାନେ ଗୋଟିଏ ଦିନରେ ଶତାଧିକ କିଲୋମିଟର ଯାଇପାରିବେ। ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯିବା ସେମାନଙ୍କର ନିତିଦିନିଆ ଅଭ୍ୟାସ। କଅଁଳିଆ ବାଉଁଶ ଗଛ ରହିଥିବାରୁ ହାତୀ ଛୁଆଙ୍କ ଖାଇବା ଲାଗି ତାହା ଭଲ ହେଉଛି। ପାନୀୟ ଜଳର କୌଣସି ଅଭାବ ନାହିଁ। ଆଗକୁ ବର୍ଷା ଦିନ ଆସୁଥିବାରୁ ଜଙ୍ଗଲରେ ବ୍ୟାପକ ବୃକ୍ଷରୋପଣ କରିବା ଦିଗରେ ପଦକ୍ଷେପ ନିଆଯିବ।

ଅସୁରକ୍ଷିତ ଏସ୍‌ସିବି ରେକର୍ଡ ରୁମ୍ : ୪୦ ବର୍ଷ ହେଲା ଆଜବେଷ୍ଟସ ଘରେ ଗଦା ହେଉଛି ରେକର୍ଡ

କଟକ, ନ୍ୟୁଜ ବ୍ୟୁରୋ

ଏସ୍‌ସିବି ରେକର୍ଡ ରୁମ୍‌ରେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ରହିଛି ବିଭିନ୍ନ ରେକର୍ଡ। ଆଜବେଷ୍ଟସ କୋଠରୀରେ ୪୦ ବର୍ଷର ପୁରୁଣା ରେକର୍ଡ ଗଦା ହୋଇ ରହିଛି। ବର୍ଷା ହେଲେ ଘରେ ପାଣି ଝରୁଛି। ତହସିଲଠାରୁ ଆରମ୍ଭ କରି ବିଚାରବିଭାଗୀୟ ଅଦାଲତ ପର୍ଯ୍ୟନ୍ତ ସବୁଠି ରେକର୍ଡକୁ ଡିଜିଟାଇଜେସନ୍ କରାଯାଇଥିବାବେଳେ ଏସ୍‌ସିବିରେ ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନି। ଯାହାଫଳରେ ମୃତ୍ୟୁ ପ୍ରମାଣପତ୍ର ଅଥବା ଅନ୍ୟ ଯେ କୌଣସି ପ୍ରମାଣପତ୍ର ପାଇବାକୁ ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ସଂପର୍କୀୟ। ଅନ୍ୟପଟେ ଏସ୍‌ସିବିରେ ସବୁ

ରେକର୍ଡ ମାଗିଲେ ବି ପାଇବା ମୁସ୍କିଲ୍

ବିଭାଗର ନିଜସ୍ୱ ରେକର୍ଡ ରୁମ୍ ବି ରହିଛି। କିନ୍ତୁ ଡିଜିଟାଇଜେସନ ହେଉ ନଥିବାରୁ ରୋଗୀ ସଂପର୍କୀୟଙ୍କୁ ଏମିତିକି ପୁଲିସକୁ ବି ବିଭିନ୍ନ ପ୍ରମାଣପତ୍ର ପାଇଁ ବିଭାଗକୁ ବିଭାଗ ଦୌଡ଼ିବାକୁ ପଡୁଛି। ରାଜ୍ୟର ସବୁଠାରୁ ବଡ ରେଫରାଲ ହସ୍ପିଟାଲ ହେଉଛି କଟକ ବଡଡାକ୍ତରଖାନା। କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରର ରୋଗୀ ବି ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ଦୁର୍ଘଟଣା ହେଉ କି ଆକ୍ରମଣରେ ଆହତ ହୋଇ ଲୋକ ଉତ୍ତମ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସୁଛନ୍ତି। ସେମାନଙ୍କ ଚିକିତ୍ସା ସଂପର୍କିତ ରେକର୍ଡ ଏସ୍‌ସିବି ରେକର୍ଡ ରୁମ୍‌ରେ ରଖାଯାଇଥାଏ। ରୋଗୀଙ୍କ ମୃତ୍ୟୁ ହେଲେ ତାର ପ୍ରମାଣପତ୍ର ହେଉ କି ଅଦାଲତରେ ଗଡୁଥିବା ମାମଲାରେ ମୃତାହତଙ୍କ ଚିକିତ୍ସା ସଂପର୍କିତ ରେକର୍ଡ ହେଉ, ବିଭିନ୍ନ ସମୟରେ ତାହା ଆବଶ୍ୟକ ପଡିଥାଏ।

୧୯୮୪ରୁ ଆଜବେଷ୍ଟସ ଘରେ ଚାଲିଛି ଏସସିବିର ରେକର୍ଡ ରୁମ୍। କିନ୍ତୁ ତାହା ଅସୁରକ୍ଷିତ ଓ ଅବ୍ୟବସ୍ଥିତ ଅବସ୍ଥାରେ ପଡି ରହିଥିବାରୁ ଏଥିରେ ସାଧାରଣ ଲୋକ ସମସ୍ୟାରେ ପଡୁଛନ୍ତି। ଧୀରେ ଧୀରେ ସ୍ଥିତି ଏମିତି ହେଲାଣି ଯେ, ରେକର୍ଡ ଖୋଜିବା ବି ଆଉ ସମ୍ଭବ ହେଉ ନାହିଁ। ମେଡିକୋଲିଗାଲ ରେକର୍ଡ, ଏମ୍‌ଏଲ୍‌ସି ଇତ୍ୟାଦି ରେକର୍ଡ ରୁମ୍‌ରେ ଗଦା ହୋଇରହିଛି। ସବୁ ବିଭାଗର ନିଜସ୍ୱ ରେକର୍ଡ ରୁମ୍ ଅବ୍ୟବସ୍ଥା ବି ଏଭଳି ସ୍ଥିତିରେ ରହିଛି। ଏସ୍‌ସିବିର ରେକର୍ଡ ରୁମ୍ ଡିଜିଟାଇଜେସନ୍ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁନି। ୨୦୧୯ ଏପ୍ରିଲ ୪ରେ ଅଗ୍ନିକାଣ୍ଡ ଯୋଗୁଁ ଅନେକ ରେକର୍ଡ ପାଉଁଶ ହୋଇଯାଇଥିଲା। ଏପଟେ ୧୯୯୯ ମହାବାତ୍ୟା ସମୟରେ ପୁରୁଣା କୋଠା ଭୁଶୁଡିବା ଫଳରେ ମଧ୍ୟ ଅନେକ ରେକର୍ଡ ନଷ୍ଟ ହୋଇଥିଲା। ତେଣୁ ତୁରନ୍ତ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁନ୍ ୨୦୨୪ ରବିବାର

ଶୁଖିଲା ବଡ଼ଘାଗରା:କେନ୍ଦୁଝର ସହରକୁ ଜଳଯୋଗାଣ ବ୍ୟାହତ

ଶୀଘ୍ର ବର୍ଷା ନ ହେଲେ ସ୍ଥିତି ସଙ୍ଗୀନ୍

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାର ଉପର ମୁଣ୍ଡରେ ଅନେକ ଦିନ ଭଲ ବର୍ଷା ହୋଇନଥିବାରୁ ବଡ଼ଘାଗରା ଡ୍ୟାମ୍‌ରେ ଏବେ ଆଦୌ ପାଣି ନାହିଁ ଓ ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଫଳରେ କେନ୍ଦୁଝର ସହରର ଅନେକ ସ୍ଥାନକୁ ଜଳଯୋଗାଣ ବ୍ୟାହତ ହୋଇଛି। ମାଟିମିଶା ପାଣିକୁ ମୋଟର ପମ୍ପ ସାହାଯ୍ୟରେ ଉଠାଇ ଯୋଗାଇ ଦେବାକୁ ପ୍ରୟାସ କରାଯାଉଥିଲେ ମଧ୍ୟ ଏହି ପାଣି କୌଣସି କାର୍ଯ୍ୟକୁ ଲାଗିପାରୁନି। ଡ୍ୟାମ୍‌ରେ ପାଣି ଶୁଖିବା ସମସ୍ୟା ପ୍ରାୟ କେବେ ଦେଖାଯାଇନଥିଲା। କିନ୍ତୁ ଗତ ୩ ମାସ ମଧ୍ୟରେ ଆଦୌ ଭଲ ବର୍ଷା ହୋଇନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଛି। ଜିଲ୍ଲାର ବିଭିନ୍ନ ନଈ, ନାଳ, କେନାଲ ଶୁଖି ଯାଇଥିବା ବେଳେ ଏବେ ଅନେକ ଜଳଭଣ୍ଡାର ଶୁଖୁଲାଣି। ଯଦି ଦିନେ ଦୁଇଦିନ ମଧ୍ୟରେ ଉପର ମୁଣ୍ଡରେ ବର୍ଷା ନହେବ, ସହରର ୧୦ଟି ୱାର୍ଡର ୨୦ ହଜାରରୁ ଅଧିକ ଲୋକେ ପାଣି ପାଇଁ ଡହଳବିକଳ ହେବା ସମ୍ଭାବନା ରହିଛି। ଏହି ଡ୍ୟାମରୁ ସହରର ୧ ନମ୍ବରରୁ ୧୦ ନମ୍ବର ୱାର୍ଡର ୪ ହଜାରରୁ ଅଧିକ ପରିବାରର ପ୍ରାୟ ୨୦ ହଜାର ସହର ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ତଥ୍ୟ ଅନୁସାରେ, ଏହି ଡ୍ୟାମର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆରଏଲ (ରେଡିୟସ ଲେଭଲ)। ସାଧାରଣତଃ ଏହି ଡ୍ୟାମରେ ବର୍ତ୍ତମାନ ୧୯୩୨ ଆରଏଲ ଜଳ ରହିବା କଥା। ମାତ୍ର ଏବେ ଏହି ଡ୍ୟାମରେ ଗୋଟିଏ ସ୍ଥାନରେ ମାଟିକୁ ଲାଗି ଅଳ୍ପ କାଦୁଅମିଶା ପାଣି ରହିଛି। ଯାହାକି କି ବଟମ ଲେଭଲ ଜଳସ୍ତରରୁ ଆହୁରି କମ ବୋଲି କୁହାଯାଉଛି। ଫଳରେ ଦୁଇଟି ପମ୍ପ ଲଗାଇ ଏବେ କଷ୍ଟେମଷ୍ଟେ ସହରକୁ ଅଳ୍ପ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ଏହା ଆବଶ୍ୟକତା ଠାରୁ ବହୁ କମ। ଯେଉଁଥିରେ କେବଳ ନିତ୍ୟକର୍ମ କରାଯାଇପାରୁଛି। ୱାଟକୋର ସୂଚନା ଅନୁସାରେ, ସାନମାଛ କାନ୍ଦଣା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୫୫ ଲକ୍ଷ ଲିଟର ଜଳଯୋଗାଇ ଦିଆ ହୋଇଥାଏ। ବର୍ତ୍ତମାନ ଅତି ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ ଷ୍ଟୋରେଜକୁ ବ୍ୟବହାର କରାଯାଉଛି। ଅର୍ଥାତ ଯେଉଁ ପାଣି ଅତିରିକ୍ତ ଭାବେ ରହିଥାଏ କିନ୍ତୁ ଏ ପାଣି ସହରକୁ ଜଳଯୋଗାଣ କ୍ଷେତ୍ରରେ କାମରେ ଲାଗିନଥାଏ। ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିବାରୁ ଏହି ଡେଡ ଷ୍ଟୋରେଜ ପାଣିକୁ ପମ୍ପି କରି ସହରକୁ ଜଳଯୋଗାଣ ହେଉଛି। କିନ୍ତୁ ତାହା ମଧ୍ୟ ବେଶୀ ଦିନ ନୁହେଁ ବୋଲି କୁହାଯାଉଛି। କେବଳ କେନ୍ଦୁଝର ଜିଲ୍ଲାର ଏହି ଗୋଟିଏ ଡ୍ୟାମ ନୁହେଁ ପ୍ରାୟ ସବୁ ଡ୍ୟାମର ଜଳସ୍ତର ଶୁଖିଯାଇଥିବା ବେଳେ କିଛି କିଛି ଡ୍ୟାମ ଏବେଠୁ ମାଟି ଦିଶିଲାଣି। ଯଦି ଆଉ ସପ୍ତାହକ ମଧ୍ୟରେ ବର୍ଷା ନହେବ ପରିସ୍ଥିତି ସଂଗୀନ ହେବ ବୋଲି କୁହାଯାଉଛି। ଗତ ବର୍ଷା ଦିନେ କୌଣସି କାରଣବଶତଃ ଡ୍ୟାମ୍‌ର ଚାନେଇ ଭାଙ୍ଗି ପାଣି ଝରିଯାଇଥିଲା। ଏହା ଜଣାପଡ଼ି ନଥିଲା। ଜଣାପଡ଼ିବା ପରେ ମରାମତି ଚାଲିଛି। ମୌସୁମୀ ଆସିଲା ପରେ ହିଁ ଡ୍ୟାମରେ ପାଣି ବଢ଼ିବ ଏବଂ ସହରକୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ୱାଟ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି।

ବିକାଶ ନାମରେ ଜଙ୍ଗଲ ଧ୍ୱଂସ:ଟୟଲେଟ୍ ପେପର ପାଇଁ ଦିନକୁ କଟାଯାଉଛି ୨୭ ହଜାର ଗଛ

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ମନୁଷ୍ୟ ନିଜ ପରିବେଶକୁ ନିଜେ ନଷ୍ଟ କରିବାରେ ଲାଗିଛି। ମନୁଷ୍ୟରୁ ପ୍ରକୃତି ନୁହେଁ ପ୍ରକୃତିରୁ ମନୁଷ୍ୟ ବୋଲି ବିଶ୍ୱବାସୀ ଭୁଲି ଯାଇଛନ୍ତି। ମନୁଷ୍ୟ ବିକାଶ ନାମରେ ଜଙ୍ଗଲ କାଟୁଛି, ନଦୀ, ସମୁଦ୍ର ପାଣି ଦୂଷିତ କରୁଛି। ଆବଶ୍ୟକତା ନ ଥିବା ସାମଗ୍ରୀର ଉତ୍ପାଦନ କରୁଛି। ୫ ହଜାର ବିଲିୟନ ଟନ୍‌ରୁ ଅଧିକ ଟକ୍‌ସିନ (ବିଷାକ୍ତ ପଦାର୍ଥ) ପରିବେଶକୁ ଛାଡ଼ୁଛି। ଏଥିଯୋଗୁଁ ସ୍ଥିତି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ପାଣି, ପବନ, ଆକାଶ, ମାଟି ଆଦି ପ୍ରଦୂଷିତ ହୋଇଯାଇଛି। ସ୍ଥିତି ଏପରି ହୋଇଛି ଯେ ୧୨ ହଜାରରୁ ଅଧିକ ପ୍ରଜାତି ବିଲୁପ୍ତ ହୋଇଗଲାଣି। ଆହୁରି ହଜାର ହଜାର ପ୍ରଜାତି ବିଲୁପ୍ତ ହେବାର ଦ୍ୱାରଦେଶରେ ପହଞ୍ଚିଛନ୍ତି। ପ୍ରକୃତିର ଜୈବ ବିବିଧତା ଖରାପ ହେବାରେ ଲାଗିଛି। ତାପମାତ୍ରା ବଢୁଛି ଏବଂ ବରଫ ତରଳିବାରେ ଲାଗିଛି। ଦିନକୁ ଦିନ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ଏହା ଚଳିତ ବର୍ଷ ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱ ଜଳୁଛି। ଭିଏତନାମ, ସିଙ୍ଗାପୁର, ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ ତାପମାତ୍ରା ପୂର୍ବ ରେକର୍ଡକୁ ଭାଙ୍ଗି ଦେଇଛି। ଯଦି ମନୁଷ୍ୟ ଏବେଠୁ ସତର୍କ ହେବନି ତେବେ ଆଗାମୀ ପିଢି ପାଇଁ ପୃଥିବୀ ସୁରକ୍ଷିତ ରହିବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ କଠୋର ନିଷ୍ପତ୍ତି ନେବାକୁ ପଡିବ। ନାଗରିକଙ୍କୁ ନିଜର ଜୀବନଶୈଳୀ ପରିବର୍ତ୍ତନ କରିବାକୁ ପଡ଼ିବ। ଏପରି ସମୟରେ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ସାମ୍ନାକୁ ଆସିଛି। ଟୟଲେଟ ପେପର ପାଇଁ ସାରା ବିଶ୍ୱରେ ଦିନକୁ ୨୭ ହଜାର ଗଛ କଟାଯାଉଛି। ଏକ ସୁପର ମାର୍କେଟରେ ବର୍ଷକୁ ୬୦ କୋଟି ୫୦ ଲକ୍ଷ ପେପର ବ୍ୟାଗ୍ ବ୍ୟବହାର କରାଯାଉଛି। ଗଛ କାଟିବାରୁ ତାପମାତ୍ରା ବଢୁଛି। ବର୍ଷା ହେଉନାହିଁ। ଏଥିଯୋଗୁଁ ପ୍ରକୃତିର ଜୈବ ବିବିଧତା ଖରାପ ହେଉଛି। ସେହିପରି ପ୍ରତି ବର୍ଷ ପ୍ଲାଷ୍ଟିକ ଖାଇ ଦଶ ଲକ୍ଷ ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ହେଉଛି। ଗତ ୧୭୦ ବର୍ଷରେ ମନୁଷ୍ୟ ୨.୪ ଖରବ ଟନ୍ ଅଙ୍ଗାରକାମ୍ଳ ପରିବେଶକୁ ଛଡ଼ାଯାଇଛି। ମନୁଷ୍ୟ ପ୍ରତି ମିନିଟରେ ଗୋଟିଏ ପଲିଥିନ ବ୍ୟବହାର କରୁଛି। ମାତ୍ର ଏହି ପ୍ଲାଷ୍ଟିକ ବିଘଟନ ହେବାକୁ ହଜାରେ ବର୍ଷ ଲାଗି ଯାଉଛି। ଆମେରିକାର ଜନସଂଖ୍ୟା ପ୍ରାୟ ୩୪ କୋଟି ରହିଛି। ବିଶ୍ୱର ମାତ୍ର ୫ ପ୍ରତିଶତ ଲୋକ ଏଠାରେ ରହୁଛନ୍ତି। କିନ୍ତୁ ଏହି ଦେଶ ୬୦ ଲକ୍ଷ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ପରିବେଶକୁ ଛାଡୁଛି। ଆମେରିକା ଯେତିକି ପ୍ଲାଷ୍ଟିକ ପରିବେଶକୁ ଛାଡୁଛି ସେତିକିରେ ପୃଥିବୀ ଚାରିପଟେ ଚାରି-ପାଞ୍ଚ ଘେରା ବନାଇ ହେବ। ସେହିପରି ଚୀନ୍ ସର୍ବାଧିକ ୧.୪ କୋଟି ଟନ୍ ଅଙ୍ଗାରକାମ୍ଳ ନିର୍ଗମନ କରୁଛି।

ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଫେରାର ଅଭିଯୁକ୍ତକୁ ଟାଉନ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଢେପଗୁଡାର ଅଗଲା ଚିହ୍ନା (୨୭)। ପୋଲିସ ସୂଚନା ଅନୁଯାଇ ଢେପଗୁଡାର ଅଗଲା ଚିହ୍ନା ନାମରେ ଜୟପୁର ଟାଉନ ଥାନାରେ ଅପରାଧିକ ମାମଲା ରହିଥିଲା। ୨୦୨୩ ମସିହାରେ ଜୟପୁର ଟାଉନ ଥାନାରେ ଚୋରି ଅଭିଯୋଗ ହୋଇଥିଲା। ସେହିଦିନ ଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଢେପଗୁଡାରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

କନ୍ଧମାଳରୁ ରୂପା ଅଳଙ୍କାର ଲୁଟିଥିବା ଲୁଟେରା ଗଞ୍ଜାମରୁ ଗିରଫ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡା ପୋଲିସ୍‌କୁ ମିଳିଛି ଏକ ବଡ ସଫଳତା। ଦିନ ଦ୍ୱିପହରରେ ଲୁଟ୍ ହୋଇଥିବା ରୂପା ଅଳଙ୍କାର ଜବତ ହେବା ସହ ଜଣେ ମାଷ୍ଟର ମାଇଣ୍ଡ ଲୁଟେରାକୁ ବାଲିଗୁଡା ପୋଲିସ ଗିରଫ କରିଛି। ଏ ନେଇ ବାଲିଗୁଡା ଥାନରେ ବାଲିଗୁଡା ଏସଡ଼ିପିଓ ରାହୁଲ ଗୋଏଲ ଏହି ଲୁଟ୍‌ର ବିସ୍ତୃତ ସୂଚନା ଦେଇଛନ୍ତି। ଲୁଟେରା ମାଷ୍ଟର ମାଇଣ୍ଡ ଜଣକ ଗଞ୍ଜାମ ଜିଲ୍ଲାର ଆସ୍କା ଥାନା ଅଞ୍ଚଳର ବୋଲି ପୋଲିସ କହିବା ସହ ତା ନିକଟରୁ ଚୋରି ହୋଇଥିବା ୭ କିଲୋ ଗ୍ରାମ ରୂପା ଅଳଙ୍କାର ଜବତ ହୋଇଛି। ଏହି ଲୁଟରେ ମାଷ୍ଟର ମାଇଣ୍ଡ ଜଣକ ଗଞ୍ଜାମ ଜିଲ୍ଲାର ହୋଇଥିବା ବେଳେ ତା ନାମରେ ବିଭିନ୍ନ ଜିଲ୍ଲାରେ ଲୁଟ୍ ଅଭିଯୋଗରେ ଅନେକ ମାମଲା ରହିଛି। ଏହି ଲୁଟ୍ ଘଟଣାରେ ଅନ୍ୟ ଅଭିଯୁକ୍ତ ସାମିଲ ରହିଛନ୍ତି। ସେମାନଙ୍କୁ ଧରିବା ଲାଗି ବାଲିଗୁଡା ପୋଲିସ ଏବେବି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ତେଣୁ ଗିରଫ ହୋଇଥିବା ମାଷ୍ଟର ମାଇଣ୍ଡର ଠିକଣା ଗୋପନୀୟ ରଖାଯାଇଛି ବୋଲି ବାଲିଗୁଡା ଏସଡ଼ିପିଓ ରାହୁଲ ଗୋଏଲ କହିଛନ୍ତି। ପୋଲିସର କହିବା ଅନୁଯାୟୀ, ଗତ ମାସ ୨୪ ତାରିଖରେ ବାଲିଗୁଡାର ରୂପା ବ୍ୟବସାୟୀ ସନ୍ୟାସୀ ନାୟକ ଏକ ରୂପା ଭର୍ତ୍ତି ବ୍ୟାଗ ଧରି ବ୍ୟବସାୟ ଲାଗି ଯାଉଥିବା ସମୟରେ ପାଟଖଣ୍ଡା ସାହିରେ ଦୁଇଟି ବାଇକ୍‌ରେ ୩ ଜଣ ଲୁଟେରା ଆସି ତାଙ୍କ ଠାରୁ ରୂପା ବ୍ୟାଗ୍ ଲୁଟି ନେଇ ପଳାଇଥିଲେ। ଏ ନେଇ ସନ୍ୟାସୀ ନାୟକ ବାଲିଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୯/୨୦ରେ ଏକ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଲୁଟର ତନାଘନା ଆରମ୍ଭ କରିଥିଲେ। ଅଭିଯୁକ୍ତକୁ ଧରିବା ଲାଗି ବାଲିଗୁଡା ପୋଲିସ ଏକ ଟିମ୍ ଗଠନ କରି ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଅଭିଯୁକ୍ତ ଫଟୋକୁ ଆଧାର କରି ପୋଲିସ ମାଷ୍ଟର ମାଇଣ୍ଡ ଲୁଟେରାକୁ କାବୁ କରିବାରେ ସଫଳ ହୋଇଥିଲା। ଅନ୍ୟ ଲୁଟେରା ମାନଙ୍କୁ ଧରିବା ଲାଗି ବାଲିଗୁଡା ପୋଲିସ ଏବେବି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାପଡିଛି।

କଂଗ୍ରେସରୁ ବହିଷ୍କୃତ ହେବା ପରେ ମାନସ ଚୌଧୁରୀ କହିଲେ - ଟଙ୍କା ନେଇ ଟିକେଟ୍ ବଣ୍ଟାଯାଇଛି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ ବହିଷ୍କୃତ ହୋଇଛନ୍ତି। ତାଙ୍କୁ ୬ ବର୍ଷ ପାଇଁ କଂଗ୍ରେସରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ପିସିସି ସଭାପତି ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି। ତେବେ କଂଗ୍ରେସରୁ ବହିଷ୍କୃତ ପରେ ମାନସ ଚୌଧୁରୀ ପିସିସ ସଭାପତି ଶରତ ପଟ୍ଟନାୟକ ଓ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାରଙ୍କୁ ଟାର୍ଗେଟ୍ କରିଛନ୍ତି। ଉଭୟ ଟଙ୍କା ଖାଇ ଟିକେଟ୍ ବାଣ୍ଟିଲେ। କିନ୍ତୁ ମୁଁ ପାଟି ଖୋଲିବାରୁ କାର୍ଯ୍ୟାନୁଷ୍ଠାନ ହେଲା ବୋଲି ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌଧୁରୀ କହିଛନ୍ତି। ସେ କହିଛନ୍ତି ଯେ ଟଙ୍କା ନେଇ ଟିକେଟ୍ ବାଣ୍ଟିଥିଲେ ନେତା। ସମସ୍ତଙ୍କର ନକଲି ଦସ୍ତଖତ କରି ପାର୍ଟିରୁ ପଇସା ଆଣିଥିଲେ କିନ୍ତୁ କାହାକୁ ଦେଲେନାହିଁ। ମୁଁ କିଛି ପ୍ରାର୍ଥୀଙ୍କ ପାଇଁ ଏମାନଙ୍କ ସହ ଝଗଡ଼ା କରିଛି। ପରେ ସେମାନଙ୍କୁ ଟିକେଟ୍ ଦିଆଯାଇଛି। ସେମାନେ ଦଳ ବିରୋଧୀ କାମ କରିଛନ୍ତି ଆଉ ମୋତେ ବହିଷ୍କାର କରାଯାଇଛି। ଏହାଛଡ଼ା ସେ କହିଛନ୍ତି ଯେ ଦୀର୍ଘ ୩୦ ବର୍ଷ ଧରି କଂଗ୍ରେସ ଦଳରେ ମୁଁ ଜଣେ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିଆସୁଛି। ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ମୋତେ ବହିଷ୍କାର କରାଯାଇଛି ବୋଲି ଏକ ଚିଠିରେ ପିସିସି ସଭାପତି ଶରତ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି। ଦଳର ଏହି କାର୍ଯ୍ୟାନୁଷ୍ଠାନ ମୋତେ ବିସ୍ମିତ କରିଛି। ଓଡ଼ିଶାରେ ଯେଉଁ ରାଜନୈତିକ ବାତାବରଣ ଥିଲା ସେଥିରୁ ସ୍ପଷ୍ଟ ଯେ ୪୦ରୁ ଉର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ କଂଗ୍ରେସ ବିଜୟ ଲାଭ କରିଥାନ୍ତା। ମାତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଡକ୍ଟର ଅଜୟ କୁମାର ବିଜୁ ଜନତା ଦଳ ପାଖରେ ମୁଣ୍ଡ ବିକିଦେଇଥିବାରୁ କଂଗ୍ରେସକୁ ମାତ୍ର ୧୪ଟି ଆସନ ମିଳିଲା। ନିର୍ବାଚନ ପ୍ରଚାର ସମୟରେ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସଭା ବ୍ୟତୀତ ଏହି ଦୁଇ ଜଣଙ୍କୁ କେଉଁଠାରେ ବି ଦେଖିବାକୁ ମିଳିଲାନାହିଁ। ୮୦ ବିଧାନସଭା ପ୍ରାର୍ଥୀ ଏବଂ ୧୪ ସାଂସଦ ପ୍ରାର୍ଥୀଙ୍କୁ ଟଙ୍କାଟିଏ ବି ଦଳୀୟ ଦଣ୍ଡ ମିଳିଲା ନାହିଁ। ଯଦିବା ଏଆଇସିସି ସମସ୍ତ ପ୍ରାର୍ଥୀଙ୍କ ପାଇଁ ଦଳୀୟ ଫଣ୍ଡ ପଠାଇଥିଲେ। ଯେଉଁ କଂଗ୍ରେସ ପ୍ରାର୍ଥୀ କଂଗ୍ରେସ କର୍ଯ୍ୟାଳୟରେ କିମ୍ବା ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଡକ୍ଟର ଅଜୟ କୁମାରଙ୍କୁ ଭେଟି ଦଳୀୟ ଫଣ୍ଡ ପାଇଁ ନିବେଦନ କରିଥିଲେ ସେମାନଙ୍କୁ ଅଜୟ କୁମାର ଅତି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ମୋର ଭୁଲ୍ ଏତିକି ଥିଲା ଯେ କଂଗ୍ରେସ ପାର୍ଥୀଙ୍କୁ ସେମାନଙ୍କ ପ୍ରାପ୍ୟ ଦଳୀୟ ଫଣ୍ଡ ଦେବାକୁ ମୁଁ ଦୃଢ କଣ୍ଠରେ ଦାବି କରିଥିଲି। ଅନ୍ୟପକ୍ଷରେ ବହୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ ଦେବାର ୧୦ ଦିନ ପରେ ସେମାନଙ୍କ ଟିକେଟ କାଟି ଅନ୍ୟମାନଙ୍କୁ ଟିକେଟ ଦେବା କାର୍ଯ୍ୟକୁ ମୁଁ ପ୍ରତିବାଦ କରିଥିଲେ। ପାଖାପାଖି ୧୦୦ଟି ସିଟ୍‌ରେ କଂଗ୍ରେସର ଲଢ଼େଇ ଦୃଶ୍ୟମାନ ନଥିଲା। ଓଡ଼ିଶାରେ ନିର୍ବାଚନ ପ୍ରଚାରକୁ ଅବହେଳ କରି ପ୍ରଭାରୀ ଅଜୟ କୁମାର ଓଡ଼ିଶା ବାହାରେ ଘୋଡ଼ା ଚଢ଼ାରେ ବ୍ୟସ୍ତ ଥିଲେ। ବହୁ ପ୍ରାର୍ଥୀଙ୍କ ଠାରୁ ଟିକେଟ ପାଇଁ ଟଙ୍କା ନିଆଯାଇଥିବାର ଅଭିଯୋଗ ମଧ୍ୟ ମୋ ଦୃଷ୍ଟିକୁ ଆସିଛି। ଶାସକ ଦଳକୁ ସୁହାଇଲା ଭଳି ପ୍ରାର୍ଥୀ ଦେଲେ, ଯାହାକୁ ମୁଁ ବିରୋଧ କଲି। ସୁତରାଂ ଓଡ଼ିଶା କଂଗ୍ରେସକୁ ଧୂଳିସାତ କରିଥିବା ପିସିସି ସଭାପତି ଓ ପ୍ରଭାରୀ ତାଙ୍କ ନିଜ ଦୋଷକୁ ଘୋଡାଇବା ପାଇଁ ମୋତେ ଦଳରୁ ବହିଷ୍କୃତ କରିଛନ୍ତି। ଯଦି କଂଗ୍ରେସ ପ୍ରାର୍ଥୀ, କର୍ମୀ ଓ ଦଳର ସ୍ୱାର୍ଥ ପାଇଁ ମୁହଁ ଖୋଲିଲି ମୋତେ ବହିଷ୍କାର ହେବାକୁ ପଡ଼େ ତେବେ ଏହି କାର୍ଯ୍ୟକୁ ମୁଁ ବାରମ୍ବାର କରିବାକୁ ପଛେଇବି ନାହିଁ ବୋଲି ମାନସ ଚୌଧୁରୀ କହିଛନ୍ତି।

କେନ୍ଦ୍ରାପଡା ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ ହଜାରରୁ ଅଧିକ ନୋଟା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଚଳିତ ନିର୍ବାଚନ ୨୦୨୪ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ୭ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୧୦ ହଜାର ୩୪୭ ମତଦାତା ମାନେ ନିଜର ମତଦାନ ନୋଟାରେ ଦେଇଥିବା ଜଣାପଡିଛି। କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲାର ୫ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ୪୦ରୁ ଆରମ୍ଭ କରି ୧୦୦-୧୫୦ ପର୍ଯ୍ୟନ୍ତ ଗୋଟେ ଗୋଟେ ବୁଥ୍‌ରେ ନୋଟା ବାହାରିଥିବା ଜଣାପଡିଛି। ଲୋକସଭା ନିର୍ବାଚନ ମଣ୍ଡଳୀର ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୯୨୬ ଖଣ୍ଡ, ମାହାଙ୍ଗା ନିର୍ବାଚନ ମଣ୍ଡୀରେ ୫୨୫ ଖଣ୍ଡ, ଆଳିରେ ୫୧୦, କେନ୍ଦ୍ରାପଡା ୬୩୮, ପାଟକୁରା-୫୬୪, ମହାକାଳପଡା-୫୭୮, ରାଜନଗର-୭୯୧ ଖଣ୍ଡ ଏହିଭଳି ଭାବରେ ସମସ୍ତ ବୁଥ୍‌ରୁ ୧୦ ହଜାର ୩୪୭ ଖଣ୍ଡ ନୋଟାରେ ଭୋଟ ଦେଇ ମତଦାତା ମାନେ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି।

ପିକ୍‌ଅପ୍ - ବାଇକ୍ ଧକ୍କା:୨ ମୃତ

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ରାଜପୁର-ଚନ୍ଦନୀମାଲ ରାସ୍ତା ବର ପାଲି ଛକ ନିକଟରେ ଶୁକ୍ରବାର ସକାଳ ୮.୩୦ରେ ପିକ୍‌ଅପ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଚନ୍ଦନୀମାଲ ଅଞ୍ଚଳର ଈଶ୍ୱରୀ ପ୍ରଧାନଙ୍କ ପୁଅ ସାହିଲ ପ୍ରଧାନ (୨୧) ଓ ଈଶ୍ୱରୀଙ୍କର ଭଉଣୀ କୈଳାସିନୀ ପ୍ରଧାନ (୪୩) ଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ସମ୍ପର୍କରେ ପିଉସୀ- ପୁତୁରା ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚି ଶବ ଓ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର ସକାଳେ ସାହିଲ ଓ କୈଳାସିନୀ ଏକ ବାଇକ୍‌ରେ ଚନ୍ଦନୀମାଲରୁ ରାଜପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଚାୟାର ବୋଝେଇ ପିକ୍‌ଅପ୍ ସହିତ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ବାଇକ୍‌ରେ ଥିବା ସାହିଲ ଓ କୈଳାସିନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ସେପଟେ ପୁଲିସ୍ ଦୁର୍ଘଟଣା ଗ୍ରସ୍ତ ପିକ୍‌ଅପ୍‌କୁ ଜବତ କରିବା ସହିତ ଚାଳକକୁ ଅଟକ ରଖିଥିବା ସୂଚନା ମିଳିଛି। ଚନ୍ଦନୀମାଲ ଗ୍ରାମ ଲୋକେ ଶବକୁ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଥିବାରୁ ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣା ସ୍ଥଳରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ କଷିକ ମେହେର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଗ୍ରାମବାସୀ ରାସ୍ତା ଉପରୁ ଉଠିଥିଲେ। ପୋଲିସ ଶବବାହକ ଗାଡିରେ ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ାକୁ ନେଇଥିଲେ।

ନଦୀ ଗର୍ଭରୁ ଯୁବକଙ୍କ ମୃତ ଶରୀର ଉଦ୍ଧାର

ବିଷମ କଟକ, ନ୍ୟୁଜ୍ ବ୍ୟୁରୋ

ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଘଟିକଣା ବଡ ଗଦଗଦା ଠାରେ ଗାଧୋଇବାକୁ ଯାଇ ଯୁବକ ଜଣଙ୍କ ନିଖୋଜ ଥିଲେ। ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍‌ର ସହାୟତାରେ ଦୀର୍ଘ ପାଞ୍ଚଘଣ୍ଟା ପରେ ଗଭୀର ପାଣିରେ ଖୋଜାଖୋଜି ପରେ ମିଳିଲା ଯୁବକଙ୍କ ମୃତଦେହ। ଶୁକ୍ରବାର ମଧ୍ୟାହ୍ନରେ ଯୁବକ ଜଣଙ୍କ ନିଜର ଘରିଜଣ ସାଙ୍ଗଙ୍କ ସହ ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ପ୍ରସିଦ୍ଧ ଶୈବପୀଠ ଘଟିକଣା ପାତାଳେଶ୍ୱର ମନ୍ଦିର ନିକଟସ୍ଥ ବଡ ଗଦଗଦାକୁ ଗାଧେଇବାକୁ ଆସିଥିଲେ। ତେବେ ଯୁବକ ଜଣଙ୍କ ଗଭୀର ନଦୀ ଗର୍ଭକୁ ଡେଇଁଥିଲେ। ଦୀର୍ଘ ସମୟ ପରେ ନ ବାହାରିବାରୁ ସାଙ୍ଗମାନେ ପରିବାରକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଦୀର୍ଘ ପାଞ୍ଚ ଘଣ୍ଟାର ପରିଶ୍ରମ ପରେ ଯୁବକଙ୍କ ମୃତ ଶରୀର ଉଦ୍ଧାର ହୋଇଥିଲା। ବଡକଥା ହେଲା ଯୁବକଙ୍କ ନାକରେ ଗଭୀର ଆଘାତ ହୋଇଥିବାରୁ ସେ ପାଣିରେ ପଡିଯାଇ ଶ୍ୱାସରୁଦ୍ଧ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ପରିବାର ଓ ଅଞ୍ଚଳର ଶହ ଶହ ଲୋକ ପହଞ୍ଚିଥିଲେ। ଶବକୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

ସମୟରେ ଆରମ୍ଭ ହୋଇଥିବା ପଦୋନ୍ନତି ଆଣିଛି ଅଧିକ ଦାୟିତ୍ୱ:ଅତିରିକ୍ତ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲଙ୍କୁ ପଦୋନ୍ନତି ମିଳିଛି। ଓଡ଼ିଶା ଲୋକସେବା ଆୟୋଗର ସୁପାରିଶ କ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଚିଠି ନମ୍ବର ୧୬୨୯୧/ଏସ୍‌ସିଏସ୍ ଯୋଗେ ମୋଟ୍ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ସେମାନେ ଓଏଏସ୍ ସୁପର ଟାଇମ୍ ସ୍କେଲରୁ ସୁପରିୟର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ପାଇଛନ୍ତି। ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥି ନିମନ୍ତେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ନିଜର ପ୍ରତିକ୍ରିୟା ରଖି ଶ୍ରୀ ସାମଲ କହିଛନ୍ତି। 'ପଦୋନ୍ନତି ତାଙ୍କ ପାଇଁ ଅଧିକ ଦାୟିତ୍ୱ ଆଣିଛି। ଏହାକୁ ସେ ପୂର୍ବଭଳି ନିଷ୍ଠା ଓ ପୂର୍ଣ୍ଣ ସମର୍ପଣଭାବ ସହ ସମ୍ପାଦନ କରିବେ ଓ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗିକୃତ ସେବା ପ୍ରଦାନ କରିବେ।' ସୂଚନାଯୋଗ୍ୟ, ୨୦୦୦ ବ୍ୟାଚ୍‌ର ଓଏସ୍ ଅଫିସର ଶ୍ରୀ ସାମଲ ଅନୁଗୁଳ ଜିଲ୍ଲାର ତାଳଚେରରେ ଅତିରିକ୍ତ ତହସିଲଦାର, କଣିହାଁ ଓ ପରଜଙ୍ଗରେ ତହସିଲଦାର, ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ କଙ୍କଡ଼ାହାଡ଼ ଏବଂ କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ୍‌ରେ ବିଡିଓ, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାରେ ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଖୁବ୍ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରି ଲୋକପ୍ରିୟ ପ୍ରଶାସକ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି।

ଓଟିଡିସି ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଲେ ଲେନିନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ଅଧ୍ୟକ୍ଷ ପଦବୀରୁ ଡ. ଲେନିନ ମହାନ୍ତି ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ମଧ୍ୟ ଗ୍ରହଣ ହୋଇଛି। ଏହି ଅବସରରେ ଶ୍ରୀ ମହାନ୍ତିଙ୍କୁ ଓଟିଡିସି କର୍ମଚାରୀ ସଂଘର ସଭାପତି ବେଣୁଧର ପଣ୍ଡା ଓ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପରେ ସେ କହିଛନ୍ତି ଯେ ରାଜ୍ୟର ପର୍ଯ୍ୟଟନର ବିକାଶ ପାଇଁ ନବୀନ ପଟ୍ଟନାୟକ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କିଛି ଦିନ କାର୍ଯ୍ୟକରିବାର ସୁଯୋଗ ପାଇଛି। ମୋତେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆସୀନ କରିଥିବାରୁ ବିଜେଡି ସରକାରଙ୍କୁ ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଛନ୍ତି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୯।୬।୨୦୨୪, ଜ୍ୟେଷ୍ଠ ଦି୨୭ନ, ରବିବାର

ସୂର୍ଯ୍ୟୋଦୟ- ଘ୦୫।୦୭।୨୩ ଚନ୍ଦ୍ରୋଦୟ- ପ୍ରାଘ୭।୨୬।୧୩

ତୃତୀୟା- ଦିଘ ୩।୪୪ ପର୍ଯ୍ୟନ୍ତ। ପୁନର୍ବସୁ ନକ୍ଷତ୍ର- ରାଘ ୮।୨୧ ପର୍ଯ୍ୟନ୍ତ। ମିଥୁନ ଚନ୍ଦ୍ର- ଦିଘ ୨।୦୮ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ଦିଘ ୨।୦୮ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ଦିଘ ୨।୦୮ ମଧ୍ୟେ କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୪୪ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୫୬ ଗତେ ଦିଘ୯।୩୪ ମଧ୍ୟେ। ଦିଘ ୧।୨୫ ଗତେ ଘ ୨।୫୬ ମଧ୍ୟେ। **ପର୍ବୋତ୍ସବ -** ଶ୍ରୀ ଶିବ ଆମନ୍ତ୍ରଣ, ବିର୍ସାମୁଣ୍ଡା ଓ ରାଣାପ୍ରତାପ ଜୟନ୍ତୀ।



ମେଷ: ଶାରୀରିକ ପୀଡ଼ା ଉପୁଜିପାରେ। ଶତ୍ରୁ ଆପଣଙ୍କୁ ପରାସ୍ତ କରିବେ। ଯାନବାହାନ କ୍ରୟ କରିବେ। ଅର୍ଥ ଲାଭ ହେବ। ବ୍ୟବସାୟରେ ଲାଭ କମ୍ ହେବ। ପାରିବାରିକ ସୁଖ ଶାନ୍ତି ଲାଭ କରିବେ।

ବୃଷ: ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହେବେ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ। ସତ କଥା କହି ବିବାଦରେ ପଡ଼ିବେ। ରୋଜଗାରରେ ଉନ୍ନତି ହେବ। ଗୃହରେ ଆନନ୍ଦ ଲାଭ।

ମିଥୁନ: କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ମାନସିକ ସ୍ଥିତି ଭଲ ରହିବ ନାହିଁ। ସୁଖ ଓ ନିରାମୟ ଜୀବନଯାପନ କରିବେ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ସୁଖୀ ହେବାର ସୂଚନା।



କର୍କଟ: ପରିବାରରେ ସମସ୍ୟା ଦେଖାଦେବ। ଯାନବାହାନ ଠାରୁ ସତର୍କ ରହିବେ। ଧର୍ମ କାର୍ଯ୍ୟ କରିବା ପାଇଁ ମନ କରିବେ। ପରାକ୍ରମଶାଳୀ ହେବେ। ବିଳାସ ସାମଗ୍ରୀ ପାଇବାର ସୂଚନା ମଧ୍ୟ।



ସିଂହ: ଧୈର୍ଯ୍ୟର ସହ କାମ କରିବେ। ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ରୋଜଗାରର ପରିମାଣ ବଢ଼ିବ। ଶତ୍ରୁଙ୍କ ଠାରୁ ଦୂରେଇ ରହିବେ। ବ୍ୟବସାୟରେ ସୁଯୋଗ ହାତଛଡ଼ା ହେବ।

କନ୍ୟା: ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ନୁହେଁ। ଅଯଥାରେ ପରିଶ୍ରମର ମାତ୍ରା ବଢ଼ିବ। ଅପରିଚିତ ବ୍ୟକ୍ତିଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ।

ତୁଳା: ସତ୍ ମାର୍ଗରେ ପରିଚାଳିତ ହେବେ। ପୁଣ୍ୟ କାର୍ଯ୍ୟ କରିବେ। ଜନପ୍ରିୟତା ହାସଲ ହେବ। ବ୍ୟବସାୟରେ ମାନମନାନ୍ତର ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଅବ୍ୟାହତ ରହିବ।



ବିଛା: କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ। ଖର୍ଚ୍ଚର ପରିମାଣ ଢ଼େର ବଢ଼ିବ। ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ। ମହିଳାମାନେ ସୁଖୀ ହେବେ। ମନ ଅସ୍ଥିର ରହିବ।

ଧନୁ: ଆପଣଙ୍କର ଅନିଷ୍ଟ କଥା ଚିନ୍ତା କରୁଥିବା ଲୋକ ହାର ମାନିବେ। ଶତ୍ରୁ ହାନୀ କରି କର୍ମ ପଥରେ ଆଗେଇ ଚାଲିବେ। ପାରିବାରିକ ଶାନ୍ତି ଲାଭ ହେବ। ପ୍ରତ୍ୟୁଷର ଯାତ୍ରା ସଫଳ ହେବ। ଦେହ ଭଲ ରହିବ।

ମକର: ସତ୍ ପଥରେ ଚାଲିବେ। ଦୟାଳୁ ହେବେ। ଲୋକପ୍ରିୟତା ବଢ଼ିବ। କର୍ମକ୍ଷେତ୍ରରେ ଆଶାବାଦୀ ହେବେ। ପାରିବାରିକ ସମସ୍ୟାର ସମାଧାନ ହେବ। ବ୍ୟୟର ପରିମାଣ ବଢ଼ିବାର ସୂଚନା।



କୁମ୍ଭ: ଆନନ୍ଦ ଉଲ୍ଲାସରେ ଦିନଟି କଟିବ। ବ୍ୟବସାୟରେ ଉନ୍ନତି ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଉଚ୍ଚ ସ୍ତରରେ ସମ୍ପର୍କ ବଢ଼ିବାର ସୂଚନା। ମନ ଭଲ ରହିବ। ବନ୍ଧୁ ଦର୍ଶନ।



ମୀନ: ଦୂରକୁ ଯାତ୍ରା କରିବେ। ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସଫଳତା ମିଳିବ। ରୋଜଗାରରେ ଅଗ୍ରଗତି। ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ। ମହିଳାମାନେ ସୁଖୀ ହେବେ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୧୦।୬।୨୦୨୪, ଜ୍ୟେଷ୍ଠ ଦି୨୮ନ, ସୋମବାର

ସୂର୍ଯ୍ୟୋଦୟ- ଘ୦୫।୦୭।୨୬ ଚନ୍ଦ୍ରୋଦୟ- ଦିଘ୮।୨୪।୦୬

ଚତୁର୍ଥୀ- ଦିଘ ୪।୧୬ ପର୍ଯ୍ୟନ୍ତ। ପୁଷ୍ୟା ନକ୍ଷତ୍ର- ରାଘ ୯।୪୧ ପର୍ଯ୍ୟନ୍ତ। କର୍କଟ ଚନ୍ଦ୍ର- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୪।୧୬ ପରେ ବେଲ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଘ୧୦।୨୭ ମଧ୍ୟେ। ରାଘ ୯।୧୫ ଗତେ ଘ ୧୦।୨୫ ମଧ୍ୟେ। **ପର୍ବୋତ୍ସବ -** ଶିବ ବିବାହ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଥିବା ରିପୋର୍ଟ ଆସିଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିବାବେଳେ ପୁଣି ଆଉ ଏକ ଆଶାଜନକ ଖବର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଗବେଷଣା ରିପୋର୍ଟରୁ ଜଣାଯାଇଛି । ରିପୋର୍ଟ ଅନୁସାରେ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଏବଂ ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ। ଅର୍ଥାତ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଏବଂ ୫ ବର୍ଷ ମଧ୍ୟରେ ଜାପାନକୁ ପଛକୁ ଠେଲି ଭାରତ ଏହି ସ୍ଥାନ ଦଖଲ କରିବ । ବର୍ତ୍ତମାନର ଅଭିବୃଦ୍ଧି ହାରରେ ଭାରତ ଏହି ସଫଳତା ପାଇବ ।

୨୦୧୪ ମସିହାରୁ ଭାରତ ଯେଉଁ ପଥ ଅନୁସରଣ କରିଛି ତାହାଦ୍ୱାରା ୨୦୨୯ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଅର୍ଥାତ ୨୦୧୪ରୁ ୨୦୨୯ ମଧ୍ୟରେ ଭାରତ ୭ଟି ସ୍ଥାନ ଉପରକୁ ଉଠିବ। ୨୦୧୪ରେ ଭାରତ ବିଶ୍ୱର ଦଶମ ବୃହତ ଅର୍ଥନୀତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ୨୦୨୯ ସୁଦ୍ଧା ତୃତୀୟ ବୃହଦ୍ ଅର୍ଥନୀତିରେ ପରିଣତ ହେବା ଏକ ଉଲ୍ଲେଖନୀୟ ସଫଳତା ବୋଲି ଏସ୍‌ବିଆଇ ଗ୍ରୁପ୍‌ର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟ କାନ୍ତି ଘୋଷ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର ଜିଡିପି ଅଭିବୃଦ୍ଧି ୧୩.୫ ପ୍ରତିଶତ ରହିଛି । ଏହି ହାରରେ ଭାରତ ଚଳିତ ଆର୍ଥିକ ବର୍ଷରେ ବିଶ୍ୱର ସର୍ବାଧିକ ଅଭିବୃଦ୍ଧି ହାସଲକାରୀ ଦେଶରେ ପରିଣତ ହେବ । ଯଦିଓ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ ବୋଲି ଆକଳନ କରାଯାଇଛି । ତାହାର କିଛି ପ୍ରଭାବ ପଡିବନି ବୋଲି ରିପୋର୍ଟରେ କୁହାଯାଇଛି । ସମଗ୍ର ବିଶ୍ୱ ଏବେ ବିଭିନ୍ନ ପ୍ରକାର ଅନିଶ୍ଚିତତା ଦେଇ ଗତି କରୁଛି । ତେଣୁ ୬ରୁ ୬.୫ ପ୍ରତିଶତ ଅଭିବୃଦ୍ଧି ନୂଆ ସ୍ୱାଭାବିକ ବୋଲି ରିପୋର୍ଟରେ କୁହାଯାଇଛି । ବିଶ୍ୱ ଜିଡିପିରେ ଭାରତର ଅଂଶ ୨୦୧୪ରେ ୨.୬ ପ୍ରତିଶତ ଥିଲା । ବର୍ତ୍ତମାନ ଏହା ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ୨୦୨୭ରେ ଏହା ୪ ପ୍ରତିଶତ ଅତିକ୍ରମ କରିବା ସମ୍ଭାବନା ରହିଛି ।

ନନ୍ଦିନୀ ଶତପଥୀଙ୍କ ୯୩ ତମ ଜୟନ୍ତୀ ଉପଲକ୍ଷେ

ମାଟିର ନନ୍ଦିନୀ- ନନ୍ଦିନୀ

ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ଜଗତସିଂହପୁର,
ମୋ - ୯୯୩୭୧୫୧୦୫୨

ସମୟ ଓ ଜୁଆର କାହାକୁ ଅପେକ୍ଷା କରେ ନାହିଁ। ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ ଲେଖା ପୋଛି ଦେଲେ ବି ଏମିତି କିଛି ଲେଖା ରହିଯାଏ ଯାହା ପୋଛି ହୁଏନା । ତାହା ସ୍ମୃତି ହୋଇ ରହିଯାଏ । ଏଭଳି ଏକ କାଳଜୟୀ ସ୍ମୃତିର ଅଧିକାରିଣୀ ଥିଲେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଅନନ୍ୟା ଜନନାୟିକା ନନ୍ଦିନୀ ଶତପଥୀ । ଏହି ମହିୟସୀ ନାରୀ ନେତ୍ରୀ ଜନ୍ମ ନେଇଥିଲେ ୧୯୩୧ ମସିହା ଜୁନ୍ ୯ ତାରିଖରେ ଏବଂ ତାଙ୍କର ଦେହାବସାନ ଘଟିଲା ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ । ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ନନ୍ଦିନୀ ଶତପଥୀ ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା । ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିନ୍ଧାଣୀ । ଜନ୍ମରେ ନାରୀ ହେଲେବି ତାଙ୍କ ପାଖରେ ଅତୁଳନୀୟ ପୁରୁଷାକାର ଥିଲା । ସେଥିପାଇଁ କେହି କେହି ତାଙ୍କୁ ଆଇରନ୍ ଲେଡି ନନ୍ଦିନୀ କହୁଥିଲେ ତ ଆଉ କେହି ମାଟିର ନନ୍ଦିନୀ - ନନ୍ଦିନୀ ବୋଲି କହୁଥିଲେ ।

ନନ୍ଦିନୀ ଦେବୀଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୂଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ । ସେହିପରି ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ । ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା। ନିଜର ପ୍ରତିଭା ଓ ପାରାକାଷ୍ଠା ଯୋଗୁଁ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ ।

କେବଳ ରାଜନୀତି ନୁହେଁ, ନନ୍ଦିନୀ ଦେବୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ । ମାତ୍ର ଏଗାର ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ "ଅନାଥ'' ବିଦ୍ୟାଳୟର ମୁଖପତ୍ରରେ ପ୍ରକାଶିତ ହୋଇଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ତାଙ୍କ ସାରସ୍ୱତ ପ୍ରତିଭାର ଚଉହଦୀ "ଅନାଥ'' ଠାରୁ ଆରମ୍ଭ କରି "ଉତ୍ତର ପୁରୁଷ'' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ବିଶିଷ୍ଟ ସାହିତ୍ୟିକା ଅମୃତା ପ୍ରିତମ୍‌ଙ୍କ ରେଭେନ୍ୟୁ ଟିକେଟ୍‌କୁ (ଯାହାର ଓଡିଆ ଅନୁବାଦିତ ନାମ ଥିଲା ରସିଦ୍ ଟିକେଟ) ଓଡିଆରେ ଅନୁବାଦ କରି ସେ ପୁଣି ଚର୍ଚ୍ଚିତା ହୋଇଥିଲେ । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ "ଲଜ୍ଜା''କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ' । ଏଥିସହିତ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ କରି ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ।

ନନ୍ଦିନୀ ଶତପଥି ଜଣେ ସୁଦକ୍ଷା ପ୍ରଶାସିକା ଥିଲେ । ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କ ଶାସନକାଳକୁ ମନେ ରଖିଛନ୍ତି ପ୍ରଶାସନକୁ ଲୋକାଭିମୁଖୀ କରିବା ଓ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ୍ ଜଣାଥିଲା । ଗୋଟିଏ ପଟେ ପ୍ରଶାସନକୁ ନିୟନ୍ତ୍ରଣ କରି ନିଜର ପାରଦର୍ଶିତା ପ୍ରମାଣ କରିବା ସହ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିରି ଆଦି ପ୍ରଦାନ ଏହାର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ । ସେ ସବୁବେଳେ ଓଡିଶାର ବହୁବିଧ ବିକାଶ ନିଜ ଚିନ୍ତା ଓ ଚେତନାରେ ରଖିଥିଲେ। ସେ ବୁଝିଥିଲେ ଶିକ୍ଷା, କୃଷି, ଜଳସେଚନ ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖି ଦୃଶିଆ ପ୍ରଗତି ହୋଇପାରିବ ନାହିଁ । ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍। ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବ। ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବହିର୍ଭୁତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା । ଏହି ଭୂସଂସ୍କାର ଆଇନ୍ ଯୋଗୁଁ ଅନେକ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କର ସମାଲୋଚନାର ଶରବ୍ୟ ହୋଇଥିଲେ ମଧ ତାଙ୍କୁ ଭ୍ରୁକ୍ଷେପ କରିନଥିଲେ । ସେହିପରି ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ସୁଧଖୋର ମହାଜନମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ସେ ସମୟରେ ତାହା ତାଙ୍କର ଅନ୍ୟ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା । ସେହିପରି ଶିଳ୍ପର ବିକାଶ ନିମନ୍ତେ ସେ କେତେକ ବଳିଷ୍ଠ ପଦେକ୍ଷପ ନେଇଥିଲେ । ତନ୍ମଧ୍ୟରେ ତାଳଚେରର ସାର କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ଅନ୍ୟତମ । ସେହିପରି ଜଳସେଚନ ବ୍ୟବସ୍ଥାକୁ ସୁଧାରିବା ପାଇଁ ତାଙ୍କ ସମୟରେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ'' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହା ପଛରେ ରହିଛି ସେହି ମହୀୟସୀ ମହିଳାଙ୍କ ନିରନ୍ତର ଉଦ୍ୟମର ଫଳଶ୍ରୁତି । ନନ୍ଦିନୀ ଦେବୀ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ । ଉତ୍ତରପିଢ଼ିର ଦାୟାଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଏହାହିଁ ଆଜିର ଅନୁଚିନ୍ତା ।

କାହିଁ ଗଲେ ଚକୁଳିଆ ପଣ୍ଡା

ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

ଡାହାଣୀଆ ଖରାବେଳ, ବୈଶାଖର ଝାଞ୍ଜି ସାଙ୍ଗକୁ ଟାଇଁଟାଇଁ ଖରା,ଚାରିଆଡ଼େ ନିଃଶବ୍ଦ ନିଶ୍ଚଳ, ପୋଖରୀ ତୁଠର ବରଗଛ ତଳେ ଗାଈଗୋରୁଙ୍କର ପାକୁଳି, ବୁଲା କୁକୁରଙ୍କ ଲହଲହ ଜିଭ ଭିତରେ ସମୟ ବିତୁଥିବାବେଳେ ତତଲା ଡହଡହ ଗାଁ ଦାଣ୍ଡରେ ହଠାତ୍ ଶୁଭିଲା ଏକ ସୁମଧୁର କଣ୍ଠସ୍ୱର । ମନର ଉତ୍କଣ୍ଠାକୁ ସମ୍ଭାଳିନପାରି ବାପାଙ୍କର ବାରଣ ସତ୍ତ୍ୱେ ଦାଣ୍ଡକୁ ଦଉଡ଼ି ଯାଇ ଦେଖେ ତ, ଲୋକଟିର ଦେହରେ ଗେରୁଆ ବସ୍ତ୍ର, ମୁଣ୍ଡରେ ପଗଡ଼ି, ବେକରେ ରୁଦ୍ରାକ୍ଷ, ଏକ କାନ୍ଧରେ ଉପବୀତ, ଅନ୍ୟ କାନ୍ଧରେ ଝୁଲାମୁଣୀ, ଅଣ୍ଟାରେ ଦଉଡ଼ି, କପାଳରେ ତିଳକ ଚନ୍ଦନରେ ନିର୍ମିତ ଚିତା, ଏକ ହାତରେ କାଂସ୍ୟ ଥାଳ, ଅନ୍ୟ ହସ୍ତରେ ତାଳପତ୍ର ଓ ଖଜୁରୀରେ ନିର୍ମିତ ଛତା, ବାହୁରେ ଚନ୍ଦନର ଅଙ୍ଗୁଷ୍ଠି ଚିହ୍ନ, ପାଦରେ କଠଉ ଓ କଣ୍ଠରେ ନାନାଦି ସ୍ୱରରେ କେତେକଣ ଗାଥା ଗାନ କରି ଗାଁ ଦାଣ୍ଡରେ ଏପଟ ସେପଟ ହେଉଥାଏ । ଏହାକୁ ଦେଖି ମୋ ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରିଲା । କିଏ ଏହି ବ୍ୟକ୍ତି ? କଣ ଏହାର ଉଦ୍ଦେଶ୍ୟ ? କ'ଣ ପାଇଁ ଏହି ଲୋକ ତୃଷିର୍ତ୍ତ ମଧ୍ୟାହ୍ନର ଦାରୁଣ ନିଦାଘରେ ଏମିତି ଶୁନଶାନ୍ ଦାଣ୍ଡରେ ଏପଟ ସେପଟ ହେଉଛି ? ତତକ୍ଷଣାତ୍ ବାପାଙ୍କୁ ପଚାରିବାରୁ ବାପା ଉତ୍ତର ଦେଲେ ସେ ହେଉଛି 'ଚକୁଳିଆ ପଣ୍ଡା' ।

ମୋର ଜିଜ୍ଞାସାକୁ ଅନୁଧ୍ୟାନ କରି ବାପା ମୋତେ କହିଲେ, ଚକୁଳିଆ ପଣ୍ଡା ହେଉଛନ୍ତି ଓଡ଼ିଶାରେ ବାସ କରୁଥିବା ତଳ କୁଳର ବ୍ରାହ୍ମଣ । ଲୋକକଥା ଅନୁସାରେ ପାଣ୍ଡବମାନଙ୍କର ହତ୍ୟା କରିବା ପାଇଁ କୌରବ ମାନେ ଏକ ଜଉଗୃହ ନିର୍ମାଣ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ସେମାନେ ତାହା ଜାଣିପାରି ଏକ ସୁଡ଼ଙ୍ଗ କରି ସେଠାରୁ ଖସିକି ପଳାଇ ଆସି ମାତା କୁନ୍ତିଙ୍କ ସହ ଜଙ୍ଗଲରେ ପଞ୍ଚୁପାଣ୍ଡବ ଛଦ୍ମ ବେଶରେ ଅଜ୍ଞାତ ବାସ କରିଥିଲେ । ଅଜ୍ଞାତବାସ ସମୟରେ ମହାବଳୀ ଦ୍ୱିତୀୟ ପାଣ୍ଡବ ଭୀମ ବିରାଟ ରାଜାଙ୍କର ପାଚକ ଭାବେ ବଲ୍ଲଭ ପଣ୍ଡା ନାମରେ ସେହି ସମୟରେ ସେ ଦେଶଦେଶ ବୁଲି 'ଚକ୍ରଭିକ୍ଷା' କରୁଥିଲେ । ଭିକ୍ଷାନ୍ନ ସଂଗ୍ରହାର୍ଥ ସେ ଗାଁର କାହାର ଦାଣ୍ଡ ଦୁଆରେ ଦଣ୍ଡେ ହେଲେ ଛିଡ଼ା ନହୋଇ ଗାଁ ଦାଣ୍ଡରେ ତିନି ଥର ବୁଲିଯାଉଥିଲେ ଓ ଯିଏ ଯାହା ଦେଉଥିଲେ ତାକୁ ସାଦରେ ଗ୍ରହଣ କରିଥିଲେ । ତାଙ୍କ ସଙ୍ଗେ ଚକ୍ରଭିକ୍ଷା ସମୟରେ ଯେଉଁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ ଆଧୁନିକ ଚକୁଳିଆ ପଣ୍ଡାମାନେ ସେମାନଙ୍କ ବଂଶଧର ଅଟନ୍ତି । ଏମାନେ ଏକ ଭିନ୍ନଭାବ ଓ ସଂସ୍କୃତି ସଂପନ୍ନ ଭିକ୍ଷୁକ । ଧର୍ମ ମାସ କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଧର୍ମ ଦାଣ୍ଡରେ ଭ୍ରମଣ କରି ନାନାଦି ତାଳ ଓ ଲୟରେ ରାମନାମ, ଆଧାତ୍ମିକ ସଙ୍ଗୀତ, ପୌରାଣିକ କଥାବସ୍ତୁ, ସ୍ତ୍ରୀ ଧର୍ମ, ସ୍ୱାମୀ କର୍ମ, ସୁଖି ପରିବାର ଗଠନର ମନ୍ତ୍ର, ଯିବେଦୟା, ସତର୍କବାଣୀ, ନୀତିଶାସ୍ତ୍ର, ବିଭୁପ୍ରେମ, କର୍ମ, ଅକର୍ମ, କୁକର୍ମ, ଯୁଗଧର୍ମ ତଥା ସମାଜର ଚଳନୀ ବିଷୟରେ ଗାୟନ କରିଥାନ୍ତି । ଏ ଗାନ ସତ୍ୟ ଓ ମର୍ଯ୍ୟାଦାର । ଏ ଗାନ ପୁଣ୍ୟ ଓ ଯଶର ଜ୍ଞାନ । ବୈଶାଖର ଝାଞ୍ଜିରେ ଗାଁ ପରିବେଶ ଶାନ୍ତ କାନ୍ତ କୋମଳ ଥିବା ବେଳେ ହଠାତ୍ ଉଦାତ୍ତ ଆହ୍ୱାନରେ ଭରା ସେ ଗମ୍ଭୀର କଣ୍ଠ ସ୍ୱର ଶୁଣିଲା ମାତ୍ରେ ଗ୍ରାମର କୂଳବଧୁ କାଳବିଳମ୍ବ ନକରି ଦାଣ୍ଡ ଦୁଆରକୁ ବାହାରି ଆସେ ଏହି ଧର୍ମ ଗୀତ ଶୁଣି ଧର୍ମ ଅର୍ଜନ କରିବା ପାଇଁ । ହାତରେ ଚାଉଳ, ପରିବା, ଟଙ୍କା, ଚୁଡ଼ା, ମୁଢ଼ି ଧରି ସେମିତି ଦାଣ୍ଡଦୁଆର ଛିଡ଼ା ହୋଇଥାଏ କେତେବେଳେ ଚକୁଳିଆ ପଣ୍ଡା ଆମ ଦାଣ୍ଡ ଆଡେ ଆସିବ ଏବଂ ମୁଁ ତାକୁ ଦାନ କରି ଧର୍ମ ଅର୍ଜନ କରିବି । ମାଗିଲା ଠାରୁ ହୀନ ନାହିଁ କି ଦେଲା ଠାରୁ ପୁଣ୍ୟ ନାହିଁ ତେଣୁ ଦାନରେ ହୀନତା ଓ ନ୍ୟୁନତା ଭାବ ନରଖି ମୁକ୍ତ ହସ୍ତରେ କୂଳବଧୁ ଚକୁଳିଆ ପଣ୍ଡାକୁ ଦାନ କରି ତାଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଏହା ହେଉଛି ଭାରତୀୟ ସଂସ୍କାର ଓ ସଭ୍ୟତା । ଏଠି ନେବା ବାଲା ଖୁସ୍ ଦେବା ବାଲା ବି ଦେଇକି କୃତକୃତ୍ୟ ଭାବନାରେ ବୁଡ଼ିଥାଏ । ଏହା ହିଁ ତ ଦାତା ଓ ଗ୍ରହୀତାର ଭିନ୍ନ ଏକ ସଂସ୍କାର ବୋଧ । ଯଦିଓ ଚକୁଳିଆ ପଣ୍ଡା ଭିକ୍ଷାବୃତ୍ତି କରିଥାନ୍ତି କିନ୍ତୁ କାହା ଦାଣ୍ଡେ ଦୁଆରେ ଛିଡ଼ା ହୋଇ ଜିଦି କରି ଭିକ୍ଷା ମାଗନ୍ତି ନାହିଁ । ଭିକ୍ଷା ବୃତ୍ତି କରି ଧନ ସଂପତ୍ତି ଆହରଣ କରିବା ମଧ ଏମାନଙ୍କର ଉଦ୍ଦେଶ୍ୟ ନୁହେଁ । ଦୈନିକ ଜୀବନ ଧାରଣ କରିବା ନିମନ୍ତେ ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ । ଯିଏ ଯାହା ଦେଲା ଏମାନେ ସେଥିରେ ମଧ ବେଶ୍ ଖୁସି । ଯିଏ ନ ଦେଲେ ମଧ ଏମାନେ ମନ ଊଣା ନକରି ଧର୍ମ ପ୍ରଚାର କରି ଫେରି ଯାଆନ୍ତି । ଯଦିଓ ଧର୍ମ କଣ ଦାନ କଣ ମୁଁ ଜାଣି ନ ଥିଲି କିନ୍ତୁ ବାପାଙ୍କ ଠାରୁ ଏ ସବୁ ଶୁଣିଲା ପରେ କାହିଁକି କେଜାଣି ଚକୁଳିଆ ପଣ୍ଡାକୁ ଦାନ ଦେବାର ଯେଉଁ ନୈତିକ ଦାୟିତ୍ୱଟି ମୋ ବୋଉ ବହନ କରୁଥିଲା ସେ ଦାୟିତ୍ୱଟିକୁ ମୁଁ ତାଠାରୁ ଆଣି ପାଖାପାଖି ୧୫ ବର୍ଷ ସେ ଦାୟିତ୍ୱକୁ ନିର୍ବାହ କରିଥିଲି । କାଳର କରାଳ ଗତିରେ ଉଚ୍ଚଶିକ୍ଷାର ବୋଝ ଓ ବୃତ୍ତିଗତ ଜୀବନର ବ୍ୟସ୍ତତା ମୋତେ କେତେକାଂଶରେ ମୋ ଜନ୍ମ ମାଟି ଠାରୁ ଦୂରେଇ ରଖିଥିଲା ସତ କିନ୍ତୁ ଯେତେବେଳେ ବି ଗାଁ କୁ ଯିବାର ସୁଯୋଗ ପାଇଛି ସେତେବେଳେ ମନେମନେ ଚକୁଳିଆ ପଣ୍ଡାଙ୍କୁ କେତେ ଖୋଜିଛି । ଅନୁଭବ କରିଛି ତାଙ୍କର ବୋଧଗମ୍ୟତା ଯାହା ମୋତେ ସେତେବେଳେ ରସସିକ୍ତ କରିବା ସହ ନାନାଦି ଢଙ୍ଗରେ ପୌରାଣିକ କଥାବସ୍ତୁର ଉପସ୍ଥାପନା ଶୈଳୀ ମୋତେ ଧର୍ମ ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିଥିଲା । ଅଭାବର କଷଟି ପଥର ତଳେ ନିଜର ପାରିବାରିକ ଜୀବନ ଚାପିହୋଇଥିଲେ ମଧ କିଭଳି ଭାବେ ନୀତି ନୈତିକତାକୁ ସେ ଭୁଲି ନଥିଲେ ତାହା ହିଁ ଥିଲା ମୋ ପାଇଁ ଆଦର୍ଶବାଦର ନିଦର୍ଶନ ସ୍ୱରୂପ । ଝୁରି ହେଉଛି ତାଙ୍କର ସେ ବଳୀ ରାଜାକୁ ବନ୍ଧ କରିଥିବା ଭଗବାନ ବିଷ୍ଣୁଙ୍କର ରୂପକୁ । କାହୁଁ ଗଲେ ସେ ବ୍ରାହ୍ମଣ ଭିକ୍ଷୁକ ? ସତରେ କଣ ସେ ଅପସରି ଗଲେ ? ସମୟ ସ୍ରୋତରେ ମୋ ବାପାଙ୍କର ଦେହାନ୍ତ ଘଟିଛି ହୁଏତ ସେ ଥିଲେ ନିଶ୍ଚିତ କହି ପାରିଥାନ୍ତେ ତାଙ୍କ ବିଷୟରେ । ମୋର ଶୈଶବ ଅବସ୍ଥାରେ ଏମାନଙ୍କ ବିଷୟରେ ଜାଣିବାପାଇଁ ଯେତିକି ଆଗ୍ରହ ଥିଲା ଅନୁରୂପ ଭାବେ ସାମ୍ପ୍ରତିକ ପରିସ୍ଥିତିରେ ଏମାନଙ୍କର ସ୍ଥିତି ପରଖିବା ପାଇଁ ମୁଁ ବେଶ୍ ତତ୍ପର ହୋଇଯାଇଥିଲି । ଅନୁଭବ କଲି ଯେ ଏମାନେ ଏବେ ସତରେ ବିଲୁପ୍ତ ପ୍ରାୟ । ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଏକ ଉଗ୍ର ଆଧୁନିକତାର ସଭ୍ୟତାକୁ ଆପଣାଇ ଲୋକମାନେ ବିକାଶର ଚରମ ସୀମାରେ ପହଞ୍ଚି ଗଲେଣି । ଲୋକମାନେ ସହରାଭିମୁଖି ହେଲେଣି । ଆଧୁନିକତାର ଦ୍ୱାହି ଦେଇ ଗ୍ରାମ ପରିବେଶ, ଗାଁର ସଂସ୍କୃତି ପରମ୍ପରା, ରୀତିନୀତି ସବୁ କିଛି ବଦଳିଗଲାଣି । ଧର୍ମ ପ୍ରତି ଲୋକମାନଙ୍କ ମଧ୍ୟରେ ଆଉ ପୂର୍ବ ଭଳି ଆଗ୍ରହ ନାହିଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଯୋଗୁଁ ଆମ ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇଗଲାଣି । ଆମେ ଆଜି ଶିକ୍ଷିତ କିନ୍ତୁ ଜ୍ଞାନର ଅଭାବ ଯୋଗୁଁ ଆମର ଲୋକ ସଂସ୍କୃତି ଓ ପରମ୍ପରା ପ୍ରାୟତଃ ବିଲୁପ୍ତ ଆଡ଼କୁ ଗତି କଲାଣି । ଅଭିନବ ଉପାୟ ଅବଲମ୍ବନ କରି ଅଧୁନା ଆମ ସମାଜରେ ଜୀବନ ଜୀବିକା ନିର୍ବାହ ନିମନ୍ତେ ଅନେକ ଭିକ୍ଷୁକ ଭିକ୍ଷା ବୃତ୍ତିକୁ ଆପଣାଇଥିଲେ ମଧ ସେଦିନର ଚକୁଳିଆ ପଣ୍ଡା ମାନଙ୍କର ଭିକ୍ଷା ମାଗିବା ବୃତ୍ତି ନଥିଲା ବରଂ ଧର୍ମ ପ୍ରଚାର କରି କିଛି ପାରିଶ୍ରମିକ ପାଇବା ଲକ୍ଷ୍ୟ ଥିଲା । ଏକଦା ଏକ ସମୟ ଥିଲା ଯେଉଁ ସମୟରେ ଟେଲିଭିଜନ, ଇଣ୍ଟରନେଟ,ସାମାଜିକ ଗଣମାଧ୍ୟମ ନଥିଲା ସେ ସମୟର ଧର୍ମ ପ୍ରଚାରର ଏକ ଅଭିନ୍ନ ମାଧ୍ୟମ ପାଲଟି ଯାଇଥିଲେ ସେମାନେ । ସହରୀ ସଭ୍ୟତା ଭିତରେ ସେମାନଙ୍କର କଣ୍ଠ ରୁଦ୍ଧ ହୋଇଗଲାଣି । ଆଧୁନିକତାର ଚାକଚକ୍ୟ ଭିତରେ ତାଙ୍କର ଉତ୍ତରାଧିକାରୀମାନେ ଏ ବୃତ୍ତି ପ୍ରତି ଅନାଦର ଭାବ ପ୍ରକାଶ କଲେଣି । ଫଳରେ ସମୟକ୍ରମେ ଚକୁଳିଆ ପଣ୍ଡା ଆମ ସମାଜରୁ ଅପସରି ଗଲେଣି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ
ପ୍ରଥମ ଅଧ୍ୟାୟ
ଓଁ ନାମ ମହାତ୍ମ୍ୟ

ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

ସକଳ ତୀର୍ଥ ତୋ ଚରଣେ



ମୌଲାନା ଫଜଲ ହକ ଖାଁ
ଭୁବନେଶ୍ୱର, ୟୁନିଟ-୪
୯୬୯୨୨୨୫୦୫୭

ଇସଲାମର ପାଞ୍ଚଗୋଟି ମୌଳିକ ନୀତି ମଧ୍ୟରୁ ହଜ ଅନ୍ୟତମ । ହଜ୍ ଏକ ସୁସ୍ଥ ପରମ୍ପରା, ନିର୍ମଳ ଓ ଶୁଦ୍ଧପୁତ ଉପାସନା । ହଜ କରିବା ପାଇଁ ସୁସ୍ଥବାନ ହେବା, କୌଣସି ଭୟର ଶଙ୍କା ନ ରହିବା, ଯାତ୍ରାରେ କୌଣସି ବାଧାବିଘ୍ନ ନ ଉପୁଜିବା ତଥା ପରିବାର ବର୍ଗଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟକୁ ପୂରଣ କରି ହଜ କରି ଯିବା ଉଚିତ୍ । ପବିତ୍ର କୋରାନ ଅନୁସାରେ ମକ୍କା ସହରର କାବା ଉପାସନା ଗୃହ ଅଲ୍ଲାଃଙ୍କ ପାଇଁ ପୃଥିବୀ ପୃଷ୍ଠର ସର୍ବପ୍ରଥମ ଉପାସନା ଗୃହ ଭାବେ ନିର୍ମିତ ହୋଇଥିଲା । ଏହା ପୁରାଣ ବର୍ଣ୍ଣିତ ଆଦ୍ୟ ଅବତାର 'ଆଦିତି' ବା ଆଦମଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏବଂ ତାଙ୍କ ବଂଶଧରମାନେ ଏହାକୁ ଏକ ଉପାସନା କେନ୍ଦ୍ର ଭାବରେ ବ୍ୟବହାର କରିଥିଲେ । ପରେ ପ୍ରାୟ ୪୦୦୦ବର୍ଷ ପୂର୍ବେ ହଜରତ ଇବ୍ରାହମ ନିଜ ପୁତ୍ର ଇସମାଇଲଙ୍କ ସହାୟତାରେ ଏହି ଗୃହର ଧ୍ୱଂସାବଶେଷର ପୁନଃନିର୍ମାଣ କରିଥିଲେ । ଷଷ୍ଠ ଶତାବ୍ଦୀରେ ହଜରତ ପୈଗମ୍ବର ମୁହମ୍ମଦ ସଲ୍ଲମ ସମୟ କାଳରେ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ପୁନର୍ବାର ଏହାକୁ ଉଦ୍ଧାର କରି ଏକେଶ୍ୱରବାଦର ଉପାସନା ଗୃହ ଭାବେ ବ୍ୟବହାର କରିଥିଲେ । ଆଦିମ ମାନବ ଜାତିର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସମୂହକୁ ପୁନଶ୍ଚ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ କରିଥିଲେ । ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ, କାଳକ୍ରମେ ଇସଲାମର ଖଲିଫାଗଣ ଏବଂ ତାଙ୍କ ପରେ ମୁସଲମାନ ଶାସକମାନଙ୍କ ସେବା ଓ ଶାସନ ଦ୍ୱାରା ମକ୍କା ଏକ ସୁନ୍ଦର ଓ ଖୁବ ମନୋରମ ସହର ଭଳି ଗଢି ଉଠିଥିଲା ।

ପବିତ୍ର କୋରାନ ଶିକ୍ଷା ଅନୁଯାୟୀ ହଜ୍ କରିବା କେବଳ ମୁସଲମାନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇ ନାହିଁ । ବରଂ ଯେକେହି ବ୍ୟକ୍ତି , ସେ ଯେ କୌଣସି ଧର୍ମାବଲମ୍ବୀ ହୋଇ ଥାଉ ନା କାହିଁକି, ସେହି ପୂଣ୍ୟପୀଠରେ ଦର୍ଶନ କରିବାକୁ ଇଚ୍ଛା କଲେ ସେ ସେଠାକୁ ଯିବା ପାଇଁ ଅନୁମତି ପାଇପାରିବ । ଇସଲାମ ସାର୍ବଜନୀନ ଧର୍ମ ଏବଂ ହଜ ମଧ ସାର୍ବଜନୀନ ଉପାସନା । ଏହା କୌଣସି ଜାତି, ଧର୍ମର ଭେଦଭାବ ରଖେ ନାହିଁ । ପୂର୍ବରୁ ୟିହୁଦି ଓ ଜୋରାଷ୍ଟ୍ରିୟାନ ଆଦି ଧର୍ମାବଲମ୍ବୀ ସେଠାକୁ ଯାଇ ହଜ କରୁଥିଲେ । ପବିତ୍ର କୋରାନ କୁହେ 'ସର୍ବ ପ୍ରଥମ ଗୃହ, ଯାହା ସମସ୍ତଙ୍କ ଲାଭ ପାଇଁ ନିର୍ମାଣ କରାଯାଇଛି, ତାହା ମକ୍କାରେ ଅବସ୍ଥିତ । ଏହି ଗୃହ ସମଗ୍ର ଜଗତ ପାଇଁ କଲ୍ୟାଣ ଦାୟକ ସ୍ଥାନ ଓ ସତ୍‌ପଥର ଉତ୍ସ । ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ । ଏହି ଉପାସନା ଗୃହ କାବାକୁ ଆରବୀ ଭାଷାରେ 'ବୈତୁଲ୍ଲାଃ'ବା ଅଲ୍ଲାଃଙ୍କ ଘର କୁହନ୍ତି । ଏହାର ଗଠନ ଶୈଳୀ ଅତି ସାଧାରଣ । ଚାରି କୋଣିଆ ବର୍ଗାକାର ପଥର ଘରଟିଏ । ଉଚ୍ଚତା ୧୫.୨୫ ମିଟର । ଏହି ଶାଶ୍ୱତ ବାଣୀ ମାଧ୍ୟମରେ ଅଲ୍ଲାଃ ଘୋଷଣା କରିଛନ୍ତି, ସାର୍ବଜନୀନ ଭାବେ ଯେ କେହି ଏହି ବୈତୁଲ୍ଲାଃର ଦର୍ଶନ ଲାଭ କରିବାକୁ ଆସିବ, ସେ ଶାନ୍ତି ଓ ନିରାପତା ବଳୟ ମଧ୍ୟରେ ଆସିଯିବ । ମନରେ ଆତ୍ମାଗ୍ଲାନୀ ବା ପୂର୍ବକୃତ ପାପର ଅନୁଶୋଚନା ରହିବ ନାହିଁ । ଯେ କେହି ବି ସେହି ପୀଠର ପରିକ୍ରମା କରିବ, ସେ ଦିବ୍ୟଶକ୍ତି ପ୍ରାପ୍ତ ହେବ । ଏହି ମହିମା ପୀଠ ମକ୍କା ସହରକୁ ଉମ୍ମୁଲ୍ କୁରା ଅର୍ଥାତ୍ ସହରର ମାଁ କୁହାଯାଏ । ଏହା ପୃଥିବୀର ଏପରି ଏକ ପବିତ୍ର ସ୍ଥାନ ଯେଉଁ ଠାରେ ଅହର୍ନିଶି ଚବିଶ ଘଣ୍ଟା ଉପାସନା କରାଯାଉଛି । ପୃଥିବୀ ପୃଷ୍ଠରେ ଅସଂଖ୍ୟ ପୁରାତନ କୀର୍ତ୍ତି ଓ ସହର ନିଶ୍ଚିହ୍ନ ହୋଇଯାଇ ଥିଲେ ମଧ କାବା ଓ ମକ୍କା ସହର ଅଦ୍ୟାବଧି ସେହିପରି ବିଦ୍ୟମାନ ଥାଇ ନିଜ ନିରାପତ୍ତାର ଘୋଷଣା କରୁଛି ।

ଇସଲାମୀୟ ଦର୍ଶନ ଅନୁଯାୟୀ ମସଜିଦରେ ଅନ୍ୟ ଯେକୌଣସି ଧର୍ମାବଲମ୍ବୀ ଲୋକେ ନିଜ ପଦ୍ଧତିରେ ଉପାସନା କରିପାରିବେ । କାରଣ ଦିବ୍ୟ ଅବତାର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ମଦିନାର ଏକ ମସଜିଦରେ ୟହୁଦିଙ୍କୁ ଉପାସନା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏହି କାରଣରୁ ପରମେଶ୍ୱର ଧର୍ମ ସଂକୀର୍ଣ୍ଣତାକୁ ପରିହାର କରି ସମଗ୍ର ମାନବ ଜାତି ପାଇଁ ହଜ ଯାତ୍ରାକୁ ସାଧାରଣ କରି ଦେଇଛନ୍ତି । ପବିତ୍ର କୋରାନରେ 'ସକଳ ମାନବ' କହି ସବୁ ଲୋକଙ୍କ ପାଇଁ ସେ ଉପାସନା ଗୃହ ଉନ୍ମୁକ୍ତ ବୋଲି କୁହାଯାଇଛି ।

ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇ ପାରେ କି ଯେ, ସାମ୍ପ୍ରଦାୟିକତା ଓ ମୌଳବାଦକୁ ସମାପ୍ତ କରି ପବିତ୍ର କୋରାନ ଶିକ୍ଷା ଦୃଷ୍ଟିରୁ କାବାର କଲ୍ୟାଣ, ହଜ୍‌ର ଉଦ୍ଦେଶ୍ୟ ତଥା ମହତ୍ତ୍ୱକୁ ଜନସାଧାରଣଙ୍କ ହିତ ପାଇଁ ପ୍ରଚଳନ କରିବା ଉଚିତ୍ । ଅଯଥା କଟକଣା ଲାଗୁ କରିବା ଏବଂ ହଜ୍ ପରି ମହାପୂଣ୍ୟ କାର୍ଯ୍ୟରେ ପ୍ରତିବନ୍ଧ ସୃଷ୍ଟି କଲେ ମାନବିକତା କ୍ଷୁର୍ଣ୍ଣ ହେବ । ସେ ଗୃହର ପ୍ରାଣକେନ୍ଦ୍ର ସମଗ୍ର ଜୀବ ଜଗତ ପାଇଁ ଚରମୋନ୍ନତିର ମାର୍ଗସ୍ଥଳୀ - ଈଶ୍ୱରଙ୍କ କରୁଣାର ଉତ୍ସ । ହଜ୍‌ର ମହାନ ପରମ୍ପରା ନିଶ୍ଚିତ ଭ୍ରାତୃତ୍ୱର ବନ୍ଧନରେ ବିଶ୍ୱକୁ ପରିବେଷ୍ଟନ କରି 'ବସୁଧୈବ କୁଟୁମ୍ବକମ'ର ଭାବ ଉଦ୍ରେକ କରିବାରେ ସହାୟକ ହେବ । ମଦିନା ୱାଲୋଁକୋ ମେରା ସଲାମ୍ କହ୍‌ନା । ମଦିନାବାସୀଙ୍କ ଉଦ୍ଦେଶ୍ୟରେ ଆମ୍ଭମାନଙ୍କର'ସଲାମ'ର ବାର୍ତ୍ତା ବହନ କରି ଯାଇଥିବା ହାଜୀମାନଙ୍କୁ ସେଠାରୁ ସର୍ବ କୁଶଳରେ ନିରାପଦ ସହ ଫେରାଇ ଆଣନ୍ତୁ । ସେମାନଙ୍କ ଯାତ୍ରା ମଙ୍ଗଳମୟ ହେଉ । ଏହା ହିଁ ଆମର ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁନ୍ ୨୦୨୪ ରବିବାର

ମୌସୁମୀ ଲତା ପାଢ଼ୀ ଓଡ଼ିଶା ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଜୋନ୍‌ର ଦ୍ୱିତୀୟ କମିଶନର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଏନ୍‌ଏସ୍‌ଏସ୍ ଓଡ଼ିଶା ପାଇଁ ପୁଣି ଏକ ଗର୍ବର ବିଷୟ । ଓଡ଼ିଆ ଝିଅ ମୌସୁମୀ ଲତା ପାଢ଼ୀ ଓଡ଼ିଶା ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଜୋନ୍‌ର ଦ୍ୱିତୀୟ କମିଶନର ହୋଇଛନ୍ତି। ଏହି ପଦବୀକୁ ପଦୋନ୍ନତି ପାଇବାରେ ସେ ପ୍ରଥମ ଓଡ଼ିଆ। ଏଥିସହ ସେ ଆଞ୍ଚଳିକ ଭବିଷ୍ୟନିଧି ପାଣ୍ଠିର ପ୍ରଥମ ମହିଳା ଆୟୁକ୍ତ ହେବାର ବି ଏକ ବିରଳ କୃତୀତ୍ୱ ହାସଲ କରିଛନ୍ତି। ଏପ୍ରିଲ୍ ୧୯୯୩ରେ ଅନୁଷ୍ଠିତ ହୋଇଥିବା ଓ୍ୱମେନ୍ସ ଡେଭଲପମେଣ୍ଟ କର୍ପୋରେସନ୍ ବା ମହିଳା ବିକାଶ ନିଗମ ପରୀକ୍ଷାରେ ମୌସୁମୀ ଶୀର୍ଷସ୍ଥାନ ଅକ୍ତିଆର କରିଥିଲେ। ଏହାର ବର୍ଷକ ପରେ ଅର୍ଥାତ୍ ୧୯୯୪ରେ ସେ ଓଡ଼ିଶା ରାଜ୍ୟ ଇନ୍‌ସପେକ୍ଟର ଅଫ୍ ସପ୍ଲାଇଜ୍ ପରୀକ୍ଷାରେ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସେ ନିଜ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଗୋଟିଏ ପରେ ଗୋଟିଏ ସଫଳତାର ଶିଢ଼ି ଚଢ଼ି ଚାଲିଛନ୍ତି। ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଜୋନ୍‌ର ଦ୍ୱିତୀୟ କମିଶନର ହେବା ପୂର୍ବରୁ ସେ ଓଡ଼ିଶାର ପ୍ରଥମ ମହିଳା ଡିଆରଏନ୍ ଫୋର୍ସମେଣ୍ଟ ଓ ପ୍ରଥମ ଓଡ଼ିଆ ମହିଳା ଆସିଷ୍ଟାଣ୍ଟ ପିଏଫ୍ କମିଶନର ଭାବେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସା ସାଉଁଟିଛନ୍ତି।

ବ୍ୟବହାର ହେଉନି ପୋର୍ଟେବଲ୍ ହେଲ୍‌ଥ କେୟାର ୟୁନିଟ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

କୋଭିଡ୍ ସମୟରେ ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏମ୍‌କେସିଜିରେ ଅନେକ ନୂତନ କୋଠା ନିର୍ମାଣ ସହିତ କ୍ୟାମ୍ପସରେ ରୋଗୀଙ୍କ ସୁବିଧା ପାଇଁ ପୋର୍ଟେବଲ୍ ହେଲ୍‌ଥ କେୟାର ୟୁନିଟ୍ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା । ତେବେ କୋଭିଡ୍ ସ୍ଥିତିରେ ସୁଧାର ଆସିବା ପରେ ଡ଼ାକ୍ତରଖାନାର ଅନେକ କୋଠା ଏପରିକି ପୋର୍ଟେବଲ୍ ହେଲ୍‌ଥ କେୟାର ୟୁନିଟ୍ ଅଚଳ ପଡ଼ି ରହିଛି। ଫଳରେ ଏହି ୟୁନିଟ୍ ରୋଗୀଙ୍କ କାମରେ ନଲାଗି ତାଲା ଝୁଲୁଛି । କେବଳ ୟୁନିଟ୍‌କୁ ସୁରକ୍ଷା କର୍ମୀମାନେ ଜଗି ରହୁଥିବା ଦେଖିବାକୁ ମିଳିଛି। ଏମ୍‌କେସିଜି ମେଡ଼ିକାଲ୍ କର୍କଟ ରୋଗ ବିଭାଗ ପଛପାର୍ଶ୍ୱରେ ଥିବା ଏହି ପୋର୍ଟେବଲ୍ ହେଲ୍‌ଥ କେୟାର ୟୁନିଟ୍‌ରେ ରୋଗୀଙ୍କ ପାଇଁ ୫୦ଟି ଶଯ୍ୟାର ବ୍ୟବସ୍ଥା ରହିଛି। ଡ଼ାକ୍ତରଙ୍କ ଚାମ୍ବର ଠାରୁ ଆରମ୍ଭ କରି ନର୍ସଙ୍କ ଡ୍ୟୁଟି ରୁମ୍, ସାଧାରଣ ଶଯ୍ୟା, ଆଇସିୟୁ ଭଳି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ରହିଛି । ପ୍ରତ୍ୟେକ ୟୁନିଟ୍ ଛୋଟ ଛୋଟ କୋଠରୀରେ ତିଆରି ହୋଇଛି । ୟୁନିଟ୍ ଗୁଡ଼ିକରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସାଙ୍ଗକୁ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସବୁ ସୁବିଧା ରହିଛି । କୋଭିଡ୍ ସମସ୍ୟା ଦୂର ହେବା ପରେ ସମ୍ପୂର୍ଣ୍ଣ ୟୁନିଟ୍‌କୁ ବିଶୋଧନ କରାଯାଇ ତାକୁ କର୍କଟ ରୋଗ ବିଭାଗ କରାଯାଇ କର୍କଟ ରୋଗ ବିଭାଗରେ ଥିବା ଶଯ୍ୟାର ଅଭାବକୁ ଦୂର କରାଯାଇଥିଲା । ତେବେ ଗତ କିଛି ମାସ ଧରି ଉକ୍ତ ୟୁନିଟ୍‌କୁ ବ୍ୟବହାର କରାଯାଉନଥିବା ଦେଖିବାକୁ ମିଳିଛି । ଫଳରେ ଏହି ଅତ୍ୟାଧୁନିକ ୟୁନିଟ୍ ଏବେ ଅଚଳ ପଡ଼ି ଖତ ଖାଉଛି । ଏଥି ସହିତ ଉକ୍ତ ୟୁନିଟ୍ ବନ୍ଦ ରହୁଥିବାରୁ ସେଠାରେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାରେ ପରିଣତ ହୋଇଥିବା ଜଣାପଡ଼ିଛି । ଏପରିକି ୟୁନିଟ୍‌ର ଏସି ପାଇପ୍ ଚୋରି ହୋଇଯାଇଛି । ଏହି ୟୁନିଟ୍‌ଟି ଡ଼ାକ୍ତରଖାନା ପରିସରରେ ଥିଲେ ହେଁ ଅନ୍ୟ ବିଭାଗ ଗୁଡ଼ିକ ଠାରୁ ପୃଥକ୍ ହୋଇ ରହିଛି । ଏଣୁ ଉକ୍ତ ୟୁନିଟ୍‌କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗୀଙ୍କୁ ପୃଥକ୍‌ବାସରେ ରଖାଯିବାକୁ ଯୋଜନା ଥିବା ଜଣାପଡ଼ିଛି । ତେବେ ଏଥିରେ ମଧ୍ୟ ଅହେତୁକ ବିଳମ୍ବ ହେଉଥିବାରୁ ଉକ୍ତ ୟୁନିଟ୍ ନଷ୍ଟ ହେବାକୁ ବସିଲାଣି । ଏଣୁ ଏହି ୟୁନିଟ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି । ଏହି ୟୁନିଟ୍‌ର ସ୍ଥିତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଡ଼ାକ୍ତରଖାନାର ଅଧିକ୍ଷକ ପ୍ରଫେସର ଡ଼ାକ୍ତର ସୁଚିତ୍ରା ଦାଶ । ପୂର୍ବରୁ ଉକ୍ତ ୟୁନିଟ୍‌ରେ ବିଭିନ୍ନ ବିଭାଗ ଖୋଲିବାକୁ କୁହାଯାଇଥିବା ବେଳେ କିଛି ସମସ୍ୟା ସାମ୍ନାକୁ ଆସିଥିଲା । ଯଦ୍ୱାରା ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରିନଥିଲା । ବର୍ତ୍ତମାନ ୟୁନିଟ୍‌ର କିଛି ଅଂଶ ନଷ୍ଟ ହୋଇଯାଇଥିବା ବେଳେ ସେଗୁଡ଼ିକର ତୁରନ୍ତ ମରାମତି କରାଯାଇ ଏହାକୁ ବ୍ୟବହାର ଯୋଗ୍ୟ କରାଯିବ ବୋଲି ପ୍ରଫେସର ଦାଶ କହିଛନ୍ତି ।

ନବରଙ୍ଗପୁର ଜିଲ୍ଲାର ଡାବୁଗାଁରେ ସର୍ବାଧିକ ୫୨.୧ ମି.ମି. ବର୍ଷା ରେକର୍ଡ଼

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ଡାବୁଗାଁରେ ସର୍ବାଧିକ ୫୨.୧ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ମାଲକାନଗିରି ଜିଲ୍ଲାର ମାଲକାନଗିରିରେ ୫୦.୫ ମି.ମି., ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡିରେ ୩୬.୦, ତେନ୍ତୁଲିଖୁଣ୍ଟିରେ ୩୪.୦ ମି.ମି., କୋରାପୁଟ ଜିଲ୍ଲାର ପଟାଙ୍ଗିରେ ୩୨.୦ ମି.ମି., ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ୧୮.୨ ମି.ମି., କୋଷାଗୁମୁଡାରେ ୧୪.୮ ମି.ମି., କଳାହାଣ୍ଡି ଜିଲ୍ଲାର କୋକସରାରେ ୧୩.୦ ମି.ମି., ରାୟଗଡ଼ା ଜିଲ୍ଲାର ଗୁଡାରିରେ ୧୦.୬ ମି.ମି. ଏବଂ କୋରାପୁଟ ଜିଲ୍ଲାର ନନ୍ଦପୁରରେ ୧୦.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଅମର ଜ୍ୟୋତି ଯୁବକ ସଂଘ, ଓଡ଼ିଶା ଓ ରେକିଟ ଇଣ୍ଡିଆର ମିଳିତ ସହଯୋଗରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଭୂଷଣ୍ଡପାଳ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରରେ ଅମର ଜ୍ୟୋତି ଯୁବକ ସଂଘ ଗଞ୍ଜାମ ଜିଲ୍ଲାର ସଂଯୋଜିକା ଜ୍ୟୋସ୍ନାରାଣୀ ସାମଲ କାର୍ଯ୍ୟକ୍ରମ ପରିଚାଳିତ କରିଥିଲେ । କିଶୋରୀ ବାଳିକା, ଅଙ୍ଗନୱାଡ଼ି କର୍ମଚାରୀ, ଆଶା, ଅଭିଭାବକଙ୍କ ମଧ୍ୟରେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ କିଶୋରୀ ବାଳିକା ମାନଙ୍କୁ ସଚେ୍ତନତା କରିବା ବ୍ୟବହାରିକ ଜ୍ଞାନ ବଢ଼ାଇ ତଥା ଏହାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ପାଇଁ ପ୍ରେରଣା ପ୍ରଦାନ କରିବା ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ଧାମନଗର ମହାବିଦ୍ୟାଳୟର ବିଶେଷ ଗ୍ରୀଷ୍ମ ଶିବିର

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ମହାବିଦ୍ୟାଳୟର ଅଧ୍ୟୟନରତ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଅଧୀନସ୍ଥ ଜାତୀୟ ସେବା ସଂସ୍ଥାର ଭାରତ ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସ୍ନାତକ ଛାତ୍ରଛାତ୍ରୀ ମାନଙ୍କର ଜୁନ୍ ୭ ରୁ ଜୁନ୍ ୧୩,୨୦୨୪ ମଧ୍ୟରେ ସାତ ଦିନିଆ ଏକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ମହାବିଦ୍ୟାଳୟର ପୋଷ୍ୟ ଗ୍ରାମ ନନ୍ଦିପୁର ସ୍ଥିତ, ନନ୍ଦିପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଉଦ୍‌ଘାଟନ ଉତ୍ସବକୁ ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ମହମ୍ମଦ ଇସ୍ରାଏଲ ଉଦ୍‌ଘାଟନ କରିବା ସହିତ ସେବା କ୍ଷେତ୍ରରେ ରହିଥିବା ନିଜର ଦୀର୍ଘ ଦିନର ଅଭିଜ୍ଞତା ବିଷୟରେ ଆଲୋଚନା କରିଥିଲେ । ୱାର୍ଡ ମେମ୍ବର ବାସନ୍ତୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏହି ସଭାରେ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଅବସର ପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବା ସହିତ ସେବାର ଆବଶ୍ୟକତା ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥାମାନ କହିଥିଲେ । ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ୍ ମନୋଜ କୁମାର କର ସଭା ପରିଚାଳନା କରିଥିଲେ । ଏହି ଉତ୍ସବରେ ମହାବିଦ୍ୟାଳୟର ଅନ୍ୟୁନ ୫୦ ଜଣ ସ୍ୱେଚ୍ଛାସେବୀ ସ୍ନାତକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ସଭା ଶେଷରେ ସ୍ୱେଚ୍ଛାସେବୀ +୩ କଳା ଇତିହାସ ସମ୍ମାନର ତୃତୀୟ ବର୍ଷ ଛାତ୍ର ସୋନମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେପୁର ପେକ୍ସ କର୍ମଚାରୀଙ୍କୁ ହତ୍ୟା:ପୋଲିସର ତଦନ୍ତ ଜାରି

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପେକ୍ସରେ ପିଅନ କାମ କରୁଥିବା ଥୁବୁଡ଼ିଙ୍ଗ୍ ଗାଁର ସୂର୍ଯ୍ୟମଣି ମାଝୀ (୩୮)ଙ୍କୁ ହତ୍ୟା କରାଯାଇଥିବା ରାତିରେ ଟିଟିଲାଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ଅନୁସାରେ, ଅନ୍ୟ ଦିନ ପରି ବିଜେପୁର ପେକ୍ସରେ କାମ ସାରି ସୂର୍ଯ୍ୟମଣି ନିଜ ମୋଟର ସାଇକେଲ୍ ସାହାଯ୍ୟରେ ମଧ୍ୟାହ୍ନ ଭୋଜନ ପାଇଁ ଯାଉଥିବା ବେଳେ ଘୁଘୁରପଲା ଗାଁକୁ ଯିବା ବାଟରେ ଦ୍ୱିପହରରେ ରହିଥିବା ଏକ ଛକ ନିକଟରେ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଅତର୍କିତ ଭାବେ କୌଣସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଚେତାଶୂନ୍ୟ ହୋଇ ଘଟଣାସ୍ଥଳରେ ପଡ଼ି ରହିଥିଲେ ସୂର୍ଯ୍ୟମଣି । କୌଣସି ସୂତ୍ରରୁ ଖବରପାଇ ସୂର୍ଯ୍ୟମଣିଙ୍କ ବଡ଼ ଭଉଣୀ ପଦ୍ମାବତୀ ମାଝୀ ମୁମୂର୍ଷୁ ଅବସ୍ଥାରେ ନିଜ ଭାଇଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଆଡ୍‌ମିଟ୍ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସୂର୍ଯ୍ୟମଣିଙ୍କ ମୃତ୍ୟୁ ଘଟିଥିଲା । ତେବେ ମୃତକ ସୂର୍ଯ୍ୟମଣିଙ୍କ ବଡ଼ ଭଉଣୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଜୁଲିଆ ଗ୍ରାମର ଅଶୋକ ହରପାଲ ହୋଇଥିବା ବେଳେ ଅନ୍ୟ ଜଣେ ମୁଖା ପିନ୍ଧିଥିବାରୁ ତାଙ୍କୁ ଚିହ୍ନି ପାରିନଥିବା ସୂର୍ଯ୍ୟମଣିଙ୍କୁ ଡାକ୍ତରଖାନା ଆଣିବା ବେଳେ ତାଙ୍କୁ ନିଜେ ସୂର୍ଯ୍ୟମଣି କହିଛନ୍ତି । ଟିଟିଲାଗଡ଼ ପୁଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଘଟଣାର ଗୁରୁତ୍ୱକୁ ଦେଖି ତଦନ୍ତ ଆରମ୍ଭ କରି ଥିଲେ । ଆଇଆଇସି ଅବନୀ ସାହୁ ତଦନ୍ତ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ । ସେମାନେ ହେଲେ ଶରତ ପଟେଲ ଅଶୋକ ହରପାଲ ପୋଲିସ ଅଭିଯୁକ୍ତ ମାନଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛନ୍ତି।

ସାବିତ୍ରୀ ଭାର ଦେଇ ଫେରୁଥିବା ବେଳେ ଦୁର୍ଘଟଣାରେ ବାପା ମୃତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଝିଅ ଘରେ ସାବିତ୍ରୀ ଭାର ଦେଇ ଫେରୁଥିବା ବେଳେ ଦୁର୍ଘଟଣା । ଦୁର୍ଘଟଣାରେ ବାପାଙ୍କର ମୃତ୍ୟୁ ହୋଇଛି । ବାସୁଦେବପୁର ବାଲିମେଣ୍ଟ ଅଞ୍ଚଳର ସୁନୀଲ ବାରିକ ଝିଅର ସାବତ୍ରୀ ଭାର ଦେଇ ଝିଅ ଶ୍ୱଶୁର ଘରୁ ତାଙ୍କ ଘରକୁ ଫେରୁଥିବା ବେଳେ ଅନନ୍ତପୁର ବାଲିଛନ୍ଦା ଘାଟ ନିକଟରେ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ବାପାର ମୃତ୍ୟୁ ହୋଇଛି ।

ଚୂନା ଘାଟିରେ ସିରିଜ୍ ଦୁର୍ଘଟଣା:ଜଣେ ମୃତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

କୋଇଡ଼ା ଚୂନା ଘାଟିରେ ସିରିଜ୍ ଦୁର୍ଘଟଣା । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଏକ ବୋଲେରୋକୁ ଟ୍ରେଲର ପିଟି ଥିବା ଜଣାପଡିଛି । ଏହାପରେ ପୁଣି ଟ୍ରେଲର ଧକ୍କାରେ ଓଲଟିଥିଲା ଆଉ ୨ ଟ୍ରେଲର୍ । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି । ଗୁରୁତରଙ୍କୁ ଲହୁଣୀପଡ଼ା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି ।

ଇକୋ କ୍ଲବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଇକୋକ୍ଲବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପରିବେଶ ସଚେତନତା ସମ୍ପର୍କିତ ଏକ ରାଲି ସହର ପରିକ୍ରମା କରିଥିଲା । ପରେ ଆୟୋଜିତ ସରକାରୀ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗ ଦେଇଥିବା ବେଳେ ବିଡିପି ଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମିଶ୍ର, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ତଥା ଜିଲ୍ଲା ଇକୋ କ୍ଲବର ସଂଯୋଜକ ସ୍ୱରାଜ କୁମାର କହଁର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଯୁବ ରେଡକ୍ରସ ଅଧିକାରୀ ପ୍ରବିର କୁମାର ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ ବବିତାରାଣୀ ସିଂ ସଭାରେ ଅଧକ୍ଷତା କରିଥିଲେ । ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଆସମାନ ମହାକୁଡ ସ୍ୱାଗତ ଭାଷଣ ଦେଇଥିବା ବେଳେ କଲ୍ୟାଣୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସିନ୍ଧୁକେଶ୍ୱର ଶୈବ ପୀଠରେ ପୂଜାର୍ଚ୍ଚନା କଲେ ବିଧାୟକ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ବନ୍ତ ବ୍ଲକ ଅଣିଜୋ ସ୍ଥିତ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ପ୍ରତାପ ସିନ୍ଧୁକେଶ୍ୱର ଠାରେ ପୂଜାର୍ଚ୍ଚନା କରିଛନ୍ତି ଭଣ୍ଡାରିପୋଖରୀର ନବ ନିର୍ବାଚିତ ବିଧାୟକ ସଞ୍ଜୀବ ମଲ୍ଲିକ । ନିର୍ବାଚନରେ ବିଜୟ ପରେ ପ୍ରଥମ ଥର ପାଇଁ ସେ ଅଣିଜୋ ଆସି ପୂଜାର୍ଚ୍ଚନା କରିବା ସହ ଦଳୀୟ କର୍ମୀଙ୍କ ସହିତ ନିର୍ବାଚନ ସମୟରେ ଦେଇଥିବା ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ଏଥି ସହ ଆଗାମୀ ଦିନରେ ଅଧୁରା ରହିଯାଇଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ଯୁବ ବିଜେଡି ଉପସଭାପତି ପ୍ରଦ୍ୟୁମ୍ନ ପୁହାଣ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ନିର୍ବାଚନ ମଣ୍ଡଳି ଯୁବ ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ଯୁବ ନେତା ଅଶୋକ ପାଣିଗ୍ରାହୀ, ଲିଙ୍ଗରାଜ ତ୍ରିପାଠୀ, ବିଜୟ ଜେନା, କରୁଣାକର ଦାସ, ସପନ ସିଂହ, ଅକ୍ଷୟ ସାମଲ, ନାରୀ ନେତ୍ରୀ ବିଣାପାଣୀ ଦାସ, ଅଣିଜୋ ସରପଞ୍ଚ ମାଳତି ପୃଷ୍ଟି, ପୁରୁଷୋତ୍ତ ସରପଞ୍ଚ ପ୍ରକାଶ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ମାନସିକ ପାଇଁ ୧୦୮ ନଡିଆ ବ୍ରାହ୍ମଣଙ୍କ ଦ୍ୱାରା ପିଟା ଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଏହି ବ୍ଲକର ପ୍ରସିଦ୍ଧ ଓଡଙ୍ଗ ସ୍ଥିତ ମା' ସାବିତ୍ରୀଙ୍କ ପୀଠରେ ପୂଜାର୍ଚ୍ଚନା କରିଛନ୍ତି ବିଧାୟକ। ପ୍ରାରମ୍ଭରେ ପଞ୍ଚାୟତ ପକ୍ଷରୁ ଖୋଲାଯାଇଥିବା ଜଳ ଛତ୍ର ଶିବିରକୁ ସେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟା ଉର୍ବଶୀ ନାୟକ, ପରମାନନ୍ଦ ମଲ୍ଲିକ୍, ଶଶିକାନ୍ତ ଜେନା, ଧନେଶ୍ୱର ପଡିଆରି, ମାର୍କଣ୍ଡ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଭାଇ ଭଉଣୀଙ୍କ ସଲୀଳ ସମାଧି

ନୟାଗଡ଼, ନ୍ୟୁଜ୍ ବ୍ୟୁରୋ

ନୟାଗଡ଼ ବାଉଁଶଆପଡାରେ ଅଘଟଣ । କୁସୁମୀ ନଦୀରେ ବୁଡି ଭାଇ ସାଇ ଓ ଭଉଣୀ କାଜଲ ମୃତ । ଇଟାମାଟି ଥାନା ଅନ୍ତର୍ଗତ ବାଉଁଶଆପଡାର ଦୁତୀକୃଷ୍ଣ ସାହୁଙ୍କର ଦୁଇ ସନ୍ତାନ ନଦୀରେ ବୁଡିଯାଇଛନ୍ତି । ଏହାପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

ଭଦ୍ରକ ନବଜୀବନ କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ହିନ୍ଦୁ ପରମ୍ପରା ଅନୁସାରେ ପବିତ୍ର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ଗାଁ ଠାରୁ ଆରମ୍ଭ କରି ସହରର ସମସ୍ତ ମହିଳାମାନେ ଏହି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏବଂ କିନ୍ନରମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାଁନ୍ତି । ସେମାନେ ମଧ୍ୟ ଏହି ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଭଦ୍ରକ ଚରମ୍ପା ପଥରଆଡି ସ୍ଥିତ ନବଜୀବନ କିନ୍ନର ସଂଘ ପକ୍ଷରୁ ଏହି ବ୍ରତ ପାଳନ କରୁଥିବାର ଦେଖାଯାଇଛି। କିନ୍ନରମାନଙ୍କ ଗୁରୁ ସେମାନଙ୍କର ବାପା, ମା', ଭାଇ, ସ୍ୱାମୀ ସବୁକିଛି ହୋଇଥିବାରୁ ସେମାନେ ତାଙ୍କ ଗୁରୁଙ୍କ ପାଇଁ ଏହି ବ୍ରତ ପାଳିଥାନ୍ତି। ବ୍ରତଧାରୀ କିନ୍ନରମାନେ ନିର୍ଜଳା ଉପବାସ ରହି ନିଜର ଶଙ୍ଖା, ସିନ୍ଦୁର, ଶାଢୀ ଓ ଫଳମୂଳକୁ ମନ୍ଦିରରେ ପୂଜାର୍ଚ୍ଚନା କରି ତାଙ୍କ ଗୁରୁଙ୍କର ଦୀର୍ଘାୟୁ କାମନା କରିଥିଲେ। ପରେ କିନ୍ନରମାନେ ତାଙ୍କ ଗୁରୁଙ୍କ ଠାରୁ ଜଳ ପାନ କଲାପରେ ସେମାନେ ଏହି ବ୍ରତ ଭାଙ୍ଗିଥିଲେ। ନବଜୀବନ କିନ୍ନର ସଂଘ ପକ୍ଷରୁ ସଭାପତି ଶ୍ରାବଣୀଙ୍କ ନେତୃତ୍ୱରେ ସମ୍ପାଦିକା ଶ୍ରିୟା, ପୂଜା, ରଶ୍ମି, ଶୁଭ, ନେନା, ରେଶ୍ମା, ସତଝିଅ, ସ୍ୱପ୍ନା, ମନୁ ପ୍ରମୁଖ ଏହି ବ୍ରତ ପାଳନ କରିଥିବାବେଳେ ଏଥିରେ ଅନ୍ୟ କିନ୍ନରମାନେ ସହଯୋଗ କରିଥିଲେ।

ସରକାରୀ କାମକୁ ବିରୋଧ କରୁଛି ଜବରଦଖଲକାରୀ:ପ୍ରଶାସନ ଚୁପ୍

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ରାଉରକେଲା ସହରରେ ସରକାରୀ ଜମି ସବୁ ପ୍ରାୟ ଗତ ୨୫ ବର୍ଷରେ ଜବରଦଖଲକାରୀ ମାନଙ୍କ ହାତକୁ ଚାଲିଯାଇଛି। ସେଥିମଧ୍ୟରୁ ଛେଣ୍ଡ କଲୋନୀରେ ସର୍ବାଧିକ, ସ୍ଥାନୀୟ ଲୋକେ ଲେଖା ଲେଖି କରି ୨/୩ବର୍ଷ ତଳେ ଥିବା ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଦେବା ପରେ ସେ ଛେଣ୍ଡ କଳିଙ୍ଗବିହାର ବିଗ୍ୟାନ ପାର୍କ ପାଖରେ ଦିର୍ଘ ବର୍ଷ ହେଲା ଏକ ମିଥ୍ୟା ଶିକ୍ଷାନୁଷ୍ଠାନ ନାମରେ କୋଟି କୋଟି ଟଙ୍କାର ଜମିକୁ ମାଡି ବସି ସେଠାରେ ଘର କରି ରହିବା ସହ ସେଠାକାର ଲୋକଙ୍କୁ ହାଇକୋର୍ଟ ନାମରେ ଧମକ ଚମକ, ଦେଇ ସରକାରୀ ଜାଗାଟିକୁ ଉପଭୋଗ କରିଆସୁଛନ୍ତି। ତେବେ ମାପ ଚୁପ ବେଳେ ସେହି ଜବରଦଖଲକାରୀ ମହିଳା ଓ ପୁରୁଷ ମାନେ ବାହାରି ଆସି ଏହାକୁ ବିରୋଧ କରିଥିଲେ । ପରେ ସେଠାରେ ଆରଆଇ ଅଫିସ ତିଆରି କରିବାକୁ ପୂର୍ତ୍ତ ବିଭାଗ ଅଜୟ ନାୟକ ନାମକ ଠିକାଦାରଙ୍କୁ ଟେଣ୍ଡର ଦେଇଥିଲା । ତେବେ କାମ ଆରମ୍ଭ ବେଳେ ମଧ୍ୟ ଜବରଦଖଲକାରୀ ହାଇକୋର୍ଟରେ ମାମାଲା ଚାଲିଛି, ଏହା ସ୍କୁଲ ଜାଗା କହି ନାଲି ଆଖି ଦେଖାଇବା ପରେ ଠିକାଦାର କିଛି ଦୂରରେ ଘର ତିଆରି ଆରମ୍ଭ କଲେ, ଏବେ ଘର ତିଆରି ପରେ ପାଚେରୀ ନିର୍ମାଣ ବେଳେ ସେହିଭଳି ବିରୋଧ ଯୋଗୁ ଠିକାଦାର କାମ ବନ୍ଦ ରଖିଛି, ଅମିନ ଆରଆଇ ମାପ ଚୁପ କରୁଛନ୍ତି, ତହସିଲଦାର ଚୁପ୍ ହୋଇ ବସିଛନ୍ତି । ଏହି ବିଷୟରେ ବାରମ୍ବାର ମିଡିଆରେ ଖବର ଆସୁଛି କିନ୍ତୁ ସରକାରୀ ବାବୁମାନେ ନିରବ । ଏହି ଜବର ଦଖଲର ମୁଖ୍ୟ ସହଯୋଗକାରୀ ରାଉରକେଲା ଶିକ୍ଷା ବିଭାଗ ଅଫିସ, ଏହି ଅଫିସରେ କିଛି ପଇସା ଦିଆଯାଇ ଶିକ୍ଷାନୁଷ୍ଠାନ ଥିବା ଦର୍ଶାଇ ରେକର୍ଡ ରଖିବା ଅତି ସହଜ ବ୍ୟାପାର, ଏହି ବ୍ୟକ୍ତିମଧ୍ୟ ନିଜର ଏକ ଶିକ୍ଷାନୁଷ୍ଠାନ ନାମ ଏଠାରେ ପଞ୍ଜିକରଣ କରାଇ ତା ନାମରେ ଜାଗାଟିକୁ ମାଡି ବସିଛି ଓ ହାଇକୋର୍ଟରେ କିଛି କାରବାର କରିଛି ଓ ଆରାମରେ ଜାଗାଟିକୁ ଉପଭୋଗ କରିଚାଲିଛି । ଖାଲି ଏହି ଜାଗା ନୁହେଁ ସହରରେ ଏହି ଭଳି ଶିକ୍ଷାନୁଷ୍ଠାନ ନାମରେ ବହୁତ ଲୋକ ସରକାରୀ ଜାଗା ମାଡି ବସିଛନ୍ତି, ଶିକ୍ଷା ବିଭାଗ ରାଉରକେଲା ଅଫିସରେ ବର୍ଷକୁ ଥରେ କିଛି ଦେଇ ଆସିଲେ ଅନୁଷ୍ଠାନ ରିନୁଆଲ ହୋଇ ସ୍କୁଲ ଚାଲିବା ଦେଖା ଚାଲିଛି । ଫଳରେ ଏହିଭଳି ସରକାରୀ ଜାଗା ମାନ ଦଖଲ ହୋଇଚାଲିଛି ।

ନବ ନିର୍ବାଚିତ କଟକ ସଦର ବିଧାୟକଙ୍କୁ ବିପୁଳ ସମ୍ବର୍ଦ୍ଧନା

ସାଲେପୁର, ନ୍ୟୁଜ୍

କଟକ ସଦର ନିର୍ବାଚନ ମଣ୍ଡଳୀର ଜନାର୍ଦ୍ଦନପୁର ପଞ୍ଚାୟତ ବିଜେପି ପକ୍ଷରୁ କଟକ ସଦର ନିର୍ବାଚିତ ମଣ୍ଡଳୀର ଜନାର୍ଦ୍ଦନପୁର ବିଜେପି ସମର୍ଥକ ମାନେ ନବନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସାକ୍ଷାତ କରି ତାଙ୍କର ବିଜୟ ପାଇଁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଓଡ଼ିଶାବାସୀ ବିଜେପିକୁ ଶାସନ ଗାଦିରେ ବସାଇଛନ୍ତି । ନବ ନିର୍ବାଚିତ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ବିପୁଳ ବିଜୟ ଯୋଗୁ କେବଳ ଜନାର୍ଦ୍ଦନପୁର ପଞ୍ଚାୟତ କାହିଁକି ସମଗ୍ର ରାଜ୍ୟବାସୀଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି ହୋଇଛି । ସମ୍ବର୍ଦ୍ଧନା ଅବସରରେ ଶ୍ରୀ ସେଠୀ କହିଥିଲେ ଯେ, ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି, ବିଭିନ୍ନ ପଞ୍ଚାୟତର ଅଧୁରା କାର୍ଯ୍ୟକ୍ରମକୁ ସକାରାତ୍ମକ ଢଙ୍ଗରେ ପୂର୍ଣ୍ଣାଙ୍ଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବିଜେପି କାର୍ଯ୍ୟକର୍ତ୍ତା, ସମର୍ଥକ ଓ ଶୁଭେଚ୍ଛୁ ମାନେ ଯୋଗଦେଇଥିଲେ ।

କାରାଗାରରେ ମହିଳା ବନ୍ଦିନୀ ପାଳିଲେ ସାବିତ୍ରୀ ବ୍ରତ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଆମ ଓଡ଼ିଆ ସଂସ୍କୃତିରେ ସାବିତ୍ରୀ ବ୍ରତର ମହାନତା ଯେ କେବଳ ଘରେ ଘରେ ପାଳନ ହୁଏ ତାହା ନୁହେଁ, ପରିସ୍ଥିତି ଓ ଘଟଣାଚକ୍ରରେ ପଡ଼ି ଜେଲର ଚାରିକାନ୍ଥ ଭିତରେ ଜୀବନ ବିତାଉଥିବା ବହୁ ବିବାହିତା ମହିଳା ଯେ ନିଜ ନିଜର ପତିମାନଙ୍କର ମଙ୍ଗଳ କାମନା କରି ଏହି ବ୍ରତ ବାହାର ମନ୍ଦିରକୁ ଆସି ପାଳନ କରିଥାନ୍ତି, ତାହା ଭଦ୍ରକ ସ୍ୱତନ୍ତ୍ର ଜେଲର ଗତ ୨୦ ବର୍ଷର ଇତିହାସରୁ ଜଣାପଡ଼େ। ଏହି ଜେଲ ଭିତରେ କେବଳ ସାବିତ୍ରୀ ବ୍ରତ ନୁହେଁ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ବାର ମାସରେ ଯେଉଁ ତେରପର୍ବର ପରମ୍ପରା ସୃଷ୍ଟି ହୋଇଛି, ତାହା ମୂଳରେ କାରାଅଧିକ୍ଷକ ରଷିନାଥ ନାୟକଙ୍କ ପ୍ରେରଣା ଉଦାହରଣ ନିଶ୍ଚୟ। ଚଳିତବର୍ଷର ଏହି ପୂଜା ବେଶ୍ ଉତ୍ସାହ ଉଦ୍ଦିପନାର ସହ ଜେଲ ବାହାରେ ଥିବା ମହାବୀର ମନ୍ଦିରରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ଜେଲରେ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗୁଥିବା ଲୁସୁରୀ ମୁଣ୍ଡା, ଇତିଶ୍ରୀ ପତି, ଶୁକ ମହାଳିକ ଓ ବିଚାରାଧୀନ ବନ୍ଦିନୀ ଝୁନା ଭୋଇ, ଗୀତାରାଣୀ ବେହେରା ନିୟମାନୁସାରେ ଉପବାସ କରି ନବବସ୍ତ୍ର ପରିଧାନସହ ମହାବୀର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେମାନେ ପୂଜକ ଦେବ ଭଟ୍ଟାଚାର୍ଯ୍ୟଙ୍କ ନିକଟରେ ନିଜ ନିଜର ପତିମାନଙ୍କର ନାମ କହି ସେମାନଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ୫ ଜଣ ମହିଳା ଅନ୍ତେଃବାସୀଙ୍କ ପାଇଁ ଜେଲ ପକ୍ଷରୁ ସମସ୍ତ ବ୍ରତ ଉପକରଣ ଓ ନବବସ୍ତ୍ର ଯୋଗାଇ ଦିଆଯାଇଥିଲା। ଏହି ପୂଜାର୍ଚ୍ଚନା କାଳରେ କାରା ଅଧିକ୍ଷକ ଶ୍ରୀ ନାୟକ, ମହିଳା କାରାରକ୍ଷୀ କଳ୍ପନା ବେହେରା, ଜମାଦାର ସୁରେନ୍ଦ୍ର ସାମଲ, ସବ୍ ଆସିଷ୍ଟା ଜେଲର ନିନିବାବୁ ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସମ୍ ହସ୍ପିଟାଲ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଅଧିନସ୍ଥ ପୋଷ୍ଟ ଗ୍ରାଜୁଏଟ୍ ଡିପାର୍ଟମେଣ୍ଟ ଅଫ୍ ପେଡିଆଟ୍ରିକ୍ସ, ୟୁନିସେଫ୍ ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଭୁବନେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ଗତ ଜୁନ୍ ୫ ତାରିଖ ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପରିବେଶର ପ୍ରଭାବ' ଶୀର୍ଷକ ଏକ ସିଏମଇ ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଇଏପି ଭୁବନେଶ୍ୱର ଶାଖାର ସଭାପତି ଡାକ୍ତର ଆଶୁତୋଷ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡ.) ସଂଘମିତ୍ରା ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଫେସର (ଡ.) ମୃତ୍ୟୁଞ୍ଜୟ ଦାସ ଓ ପ୍ରଫେସର (ଡ.) ମମତାଦେବୀ ମହାନ୍ତି, ନ୍ୟାସନାଲ୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଚ୍ୟାପ୍ଟର ବେଙ୍ଗାଲୁରୁର ସମ୍ପାଦକ ଡାକ୍ତର ସୋମଶେଖର, ଅହ୍ମଦାବାଦର ଡାକ୍ତର ମିନୋଲ ଅମିନ୍ ଏବଂ ୟୁନିସେଫ୍‌ର ଡାକ୍ତର ବ୍ରଜେଶ ମେରଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସମ୍ ହସ୍ପିଟାଲ୍‌ରେ ବିଶ୍ୱ ପରିବେଶ ଦିବସ ପାଳନ କରିଥିଲେ। ବୋର୍ଡର ଡେପୁଟି ଏନ୍‌ଭାଇରନ୍‌ମେଣ୍ଟ ସାଇନ୍‌ଟିଷ୍ଟ ରଶ୍ମିରେଖା ପ୍ରଧାନ ଏବଂ ଜୁନିୟର ଲାବୋରେଟୋରୀ ଆସିଷ୍ଟାଣ୍ଟ ବିଷ୍ଣୁନାରାୟଣ ସେନାପତି ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଇନ୍‌ଚାର୍ଜ ପ୍ରଫେସର ରଚିତା ଷଡ଼ଙ୍ଗୀ, ସୋଆର ଜଏଣ୍ଟ ରେଜିଷ୍ଟ୍ରାର ଡକ୍ଟର ଶଶାଙ୍କ ଶେଖର ମିଶ୍ର, ସମ୍ ହସ୍ପିଟାଲ୍‌ର ଡିଜିଏମ୍ (ଅପରେସନ୍) ପୁଷ୍ପାଳୀ ରାଉତ ଓ ନର୍ସି ସୁପରିଟେଣ୍ଡେଣ୍ଟ ମିନତୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ହସ୍ପିଟାଲ୍ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଗ୍ରୀନ୍ ଆର୍ମି ମିଶନ୍‌କୁ ଭୁବନେଶ୍ୱର ଏବଂ ଓଡ଼ିଶାରେ ଅଧିକ ପ୍ରସାର କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଡାକ୍ତର, ପୋଷ୍ଟ ଗ୍ରାଜୁଏଟ୍ ଏବଂ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଇଏପିର ଜାତୀୟ ସଭାପତି ଡକ୍ଟର ଜି.ଭି. ବାସବରାଜ ଓ ସାଧାରଣ ସମ୍ପାଦକ ଡାକ୍ତର ଯୋଗେଶ ପାରିକ୍ ଭର୍ଚ୍ୟୁଆଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ସମ୍ ହସ୍ପିଟାଲ୍‌ର କମ୍ୟୁନିଟି ମେଡିସିନ୍ ଏବଂ ମାଇକ୍ରୋବାୟୋଲୋଜି ବିଭାଗର ଫ୍ୟାକଲ୍ଟିମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ବ୍ରହ୍ମା କୁମାରୀଜ୍ ସମ୍ବଲପୁର ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସମ୍ବଲପୁର ଦ୍ୱାରା ବ୍ରହ୍ମା କୁମାରୀଜ୍ ସେବା କେନ୍ଦ୍ର କ୍ଷେତ୍ରରାଜପୁର ଠାରେ ବୁଧବାର ଅପରାହ୍ନ ସାଢେ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ବିଶ୍ୱ ପର୍ଯ୍ୟାବରଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ପରିବେଶବିତ ଭ୍ରାତା ସୁବ୍ରତ ନାଥ, ଅତିଥି ସହକାରୀ ଉଦ୍ୟାନ ଅଧିକାରୀ ବିକେ ମୌସୁମୀ ଭଉଣୀ ତଥା ମୁଖ୍ୟବକ୍ତା ସମ୍ବଲପୁର ମୁଖ୍ୟ ସେବା କେନ୍ଦ୍ରର ବିକେ ଦୀପା ଭଉଣୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭଉଣୀ ପ୍ରାଞ୍ଜଳ ପରିବେଶ ଆଧାରିତ ଏକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସହକାରୀ ଉଦ୍ୟାନ ଅଧିକାରୀ ବିକେ ମୌସୁମୀ ଭଉଣୀ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନର ପୃଷ୍ଟଭୂମି ତଥ୍ୟ ପ୍ରଦାନ କରିଥିଲେ ତଥା ପ୍ରକୃତି ପଞ୍ଚତତ୍ତ୍ୱର ସଂରକ୍ଷଣ ସହିତ ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣର ସାମଞ୍ଜସ୍ୟ ବୁଝାଇଥିଲେ । ମୁଖ୍ୟ ଅତିଥି ଭ୍ରାତା ସୁବ୍ରତ ନାଥ ପରିବେଶ ସୁରକ୍ଷାର ଉପାଦେୟତା ସମ୍ବନ୍ଧରେ ବୁଝାଇ କହିଲେ ଯେ ଗଛ ଲଗାଇବା ସହ ରହିଥିବା ଗଛର ସୁରକ୍ଷା କରିବା ନିତାନ୍ତ ଆବଶ୍ୟକ । ଅନେକ ଗଛ ଲଗାଇବା ଠାରୁ ଗୋଟିଏ ଗଛ ଲଗାଇ ତାର ରକ୍ଷଣା ବେକ୍ଷଣ କରି ବଡ କରିବା ଅଧିକ ଭଲ । ଏହା ସହିତ ଉପସ୍ଥିତ ସମସ୍ତଙ୍କୁ ଗୋଟିଏ ଗଛ ଲଗାଇ ବଡ ହେବାଯାଏ ଯତ୍ନ ନେବା ପାଇଁ ଶପଥ କରାଇଥିଲେ । ମୁଖ୍ୟବକ୍ତା ବିକେ ଦୀପା ଭଉଣୀ ପ୍ରକୃତିର ପାଞ୍ଚତତ୍ତ୍ୱ ଆମକୁ କି କି ଶିକ୍ଷା ଦେଉଛି ସେ ବିଷୟରେ ବିସ୍ତୃତ ଭାବେ ବୁଝାଇ କହିଥିଲେ ଏବଂ ସମସ୍ତଙ୍କୁ ରାଜଯୋଗର ଅଭ୍ୟାସ କରାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମ ଉପଲକ୍ଷେ ୬ ବର୍ଷରୁ ୧୫ ବର୍ଷ ପିଲାଙ୍କ ମଧ୍ୟରେ ପରିବେଶ ଆଧାରିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ନେଇ ସାତଟି ଦଳ କରାଯାଇ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଦଳଗତ ଆଲୋଚନା କରାଯାଇଥିଲା ଏବଂ ପ୍ରତ୍ୟେକ ଦଳର ମୁଖ୍ୟ ଆଲୋଚନାର ସାରାଂଶ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କ୍ଷେତ୍ରରାଜପୁର ସେବା କେନ୍ଦ୍ର ସଞ୍ଚାଳିକା ବିକେ ରାଜେଶ୍ୱରୀ ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ତଥା ଅଭିଭାବକ ମୋଟରେ ୭୫ ଜଣ ଯୋଗଦାନ କରିଥିଲେ । ସାଢେ ୫ଟାରୁ ୮ଟା ପର୍ଯ୍ୟନ୍ତ ମୋଟ ଅଢେଇ ଘଣ୍ଟାର କାର୍ଯ୍ୟକ୍ରମ ଅତି ସୃଜନଶୀଳତା ମଧ୍ୟରେ ସମାପନ ହୋଇଥିଲା।

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର,୦୯ ଜୁନ୍, ରବିବାର,୨୦୨୪

ଭାରତ-ପାକିସ୍ତାନ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ଭାରତକୁ ଝଟକା

ନୂଆଦିଲ୍ଲୀ

ଟି-୨୦ ବିଶ୍ୱକପ୍ ପାଇଁ ଏବେ ଅଭ୍ୟାସ ମ୍ୟାଚ୍ ଚାଲିଥିବା ବେଳେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମା ପୁଣିଥରେ ଆହତ ହୋଇଛନ୍ତି। ପୂର୍ବରୁ ଆୟାରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ରୋହିତ ଆହତ ହୋଇଥିବା ବେଳେ ଏବେ ପାକିସ୍ତାନ ସହିତ ହେବାକୁ ଥିବା ହାଇ-ଭୋଲ୍ଟେଜ୍ ମ୍ୟାଚ୍ ପୂର୍ବରୁ ପୁଣିଥରେ ଆହତ ହୋଇଛନ୍ତି। ଅଭ୍ୟାସ କରୁଥିବା ବେଳେ ରୋହିତଙ୍କ ବାମ ହାତରେ ଆଘାତ ଲାଗିଥିବା ଜଣାପଡ଼ିଛି।

୯ ଜୁନ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ନ୍ୟୁୟର୍କରେ ଖେଳାଯିବାକୁ ଥିବା ଏହି ଟି-୨୦ ମ୍ୟାଚ୍‌କୁ ନେଇ କ୍ରେକେଟ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ରହିଛି। ଅନ୍ୟପଟେ ରୋହିତ ଆହତ ହେବା ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ରୋହିତ ଶର୍ମା ଥ୍ରୋ ଡାଉନ୍ ଏକ୍ସପର୍ଟ ଙ୍କ ନିର୍ଦ୍ଦେଶରେ ବୋଲିଂ କରୁଥିଲେ । ଏହି ସମୟରେ, ଏକ ବଲ ପିଚରୁ ବାଉନ୍ସ ହୋଇ ତାଙ୍କ ବାମ ହାତରେ ତାଙ୍କ ଗ୍ଲୋବ୍ସରେ ଲାଗିଥିଲା, ଯାହା ପରେ ସେ ବହୁତ ଯନ୍ତ୍ରଣା ଅନୁଭବ କରିଥିଲେ। ତଥାପି, ଫିଜିଓ ଦେବା ପରେ ତାଙ୍କୁ ସବୁକିଛି ଠିକ ଥିବା ଲାଗିଥିଲା।

ନ୍ୟୁଜିଲାଣ୍ଡକୁ ହରାଇ ଇତିହାସ ରଚିଲା ଆଫଗାନିସ୍ତାନ

ନୂଆଦିଲ୍ଲୀ

ଆଫଗାନିସ୍ତାନ ଦଳ ବିସ୍ଫୋରକ ଢଙ୍ଗରେ ଏହାର ଟି-୨୦ ବିଶ୍ୱକପ ୨୦୨୪ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଉଗାଣ୍ଡାକୁ ହରାଇ ଦଳ ବଡ ବିଜୟ ହାସଲ କରିଥିଲା। କିନ୍ତୁ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଉପରେ ଏକ ଧମାକାଦାର ବିଜୟ ସହ ଇତିହାସ ସୃଷ୍ଟି କରି ଦଳ କ୍ରିକେଟ୍ ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଫଗାନିସ୍ତାନ ଟି-୨୦ କ୍ରିକେଟରେ ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ଟି-୨୦ ବିଶ୍ୱକପରେ ଏହି ଦଳକୁ ସବୁଠୁ ବଡ଼ ପରାଜୟ ଦେବା ଦଳ ହୋଇପାରିଛି।

ଗୁଏନାରେ ଖେଳାଯାଇଥିବା ମ୍ୟାଚରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପାଇଁ ଉଭୟ ଓପନର୍ ରହମାନୁଲ୍ଲା ଗୁରୁବାଜ ପୁଣିଥରେ ଜବରଦସ୍ତ ଇନିଂସ ଖେଳିଥିଲେ। ଗୁରୁବାଜ ୮୦ ରନ ସଂଗ୍ରହ କରି ଜାଦ୍‌ରାନଙ୍କ ସହ ୧୦୩ ରନର ଭାଗିଦାରୀ ଖେଳିଥିଲେ। ଓପନିଂ ଯୋଡିଙ୍କ ଧମାକାଦାର ଶତକୀୟ ସହଭାଗିତା ଯୋଗୁଁ ଆଫଗାନିସ୍ତାନ ନ୍ୟୁଜିଲାଣ୍ଡକୁ ୧୬୦ ରନ୍‌ର ଟାର୍ଗେଟ ଦେଇଥିଲା। କିନ୍ତୁ ଦଳ ମାତ୍ର ୭୫ ରନ କରି ଆଉଟ ହୋଇଯାଇଥିଲା।

ଆଫଗାନିସ୍ତାନର ବୋଲିଂ ସାମ୍ନାରେ ନ୍ୟୁଜିଲାଣ୍ଡର ବ୍ୟାଟ୍ସମ୍ୟାନଙ୍କ ଅବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ ସେମାନେ ସମ୍ପୂର୍ଣ୍ଣ ୨୦ ଓଭର ମଧ୍ୟ ଖେଳି ପାରିନଥିଲେ। ମାତ୍ର ୧୫.୨ ଓଭରରେ ଦଳ ସମସ୍ତ ୱିକେଟ୍ ହରାଇ ପାଭିଲିଅନ୍ ଫେରିଥିଲା।

ଆଫଗାନିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡକୁ ୮୪ ରନ୍‌ର ବ୍ୟବଧାନରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ଟି-୨୦ ବିଶ୍ୱକପ ଇତିହାସରେ ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ ରନ୍ ବ୍ୟବଧାନର ପରାଜୟ । ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ୍‌ମାନଙ୍କୁ ରସିଦ ଖାଁନ୍ ଭାରି ପଡ଼ିଥିଲେ। ରସିଦ୍‌ଙ୍କ ବଲ୍‌କୁ ସମ୍ନା କରିନପାରି ଦଳ ସମସ୍ତ ୱିକେଟ୍ ହରାଇଥିଲା ।

ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

ଡଲାସ

ପାକିସ୍ତାନ ପେସର ହାରିସ ରୌଫ୍‌ଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ) ବୋଲର ରଷ୍ଟି ଥେରନ ଚଳିତ ଟି୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ପାକିସ୍ତାନ ଓ ୟୁଏସ୍ଏ ମଧ୍ୟରେ ମ୍ୟାଚ ପରେ ସେ ଏହି ଅଭିଯୋଗ ଆଣିଛନ୍ତି। ଥେରନ ୟୁଏସ୍ଏ ଦଳର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ। ସେ ଅଭିଯୋଗ କରିଥିଲେ ଯେ, ବଲ୍‌ଟିରେ ମାତ୍ର ୨ଓଭର ବୋଲିଂ ହୋଇଥିବା ବେଳେ ରୌଫ ତାଙ୍କ ବୃଦ୍ଧାଙ୍ଗୁଳିର ନଖରେ ବଲ୍‌ଟିକୁ ରାମ୍ପୁଥିବାର ସେ ଦେଖିଛନ୍ତି। ଫଳତଃ ସେ ରିଭର୍ସ ସୁଇଂ ବୋଲିଂ କରିପାରୁଥିଲେ। ୩୮ ବର୍ଷୀୟ ଏହି ସିମର ପୂର୍ବରୁ ଦକ୍ଷିଣ ଆଫ୍ରିକା ପାଇଁ ଖେଳୁଥିଲେ । ଏହି ଅଭିଯୋଗକୁ ନେଇ ଆଇସିସି ଆଖି ବୁଜି ଦେଇଥିବାରୁ ତାହାର ସେ ସମାଲୋଚନା କରିଛନ୍ତି।

ପାକିସ୍ତାନ ହାରିବା ପଛରେ ଭାରତୀୟ ବଂଶୋଦ୍ଭବ

ମୋନାକ ପଟେଲ

ଅହମଦାବାଦ ଜନ୍ମିତ ମୋନାକ ପଟେଲ ଆମେରିକା କ୍ରିକେଟ ଦଳର ଅଧିନାୟକ ମ୍ୟାଚ ବିଜୟୀ ଅର୍ଦ୍ଧଶତକ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଥିବା ମୋନାକ ଭାରତରେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ଆମେରିକାର ପେସାଦାର ଖେଳାଳି ହୋଇଥିଲେ। ୨୦୧୦ରେ ସେ ଗ୍ରୀନ୍‌କାର୍ଡ ପାଇଥିଲେ ଏବଂ ୨୦୧୬ରେ ସ୍ଥାୟୀଭାବେ ନ୍ୟୁ ଜର୍ସିରେ ବସବାସ କରିଥିଲେ। ଜଣେ ହାର୍ଡ ହିଟିଂ ଡାହାଣହାତୀ ବ୍ୟାଟରଭାବେ ପରିଚିତ ମୋନାକ ଯେତେବେଳେ ଜାତୀୟ ଦଳ ପକ୍ଷରୁ ଖେଳୁ ନ ଥାନ୍ତି ସପ୍ତାହରେ ୩ ଦିନ ପିଲାମାନଙ୍କୁ ନେଇ କୋଚିଂ କ୍ଲିନିକ୍ କରି କ୍ରିକେଟ ଶିକ୍ଷା ଦେଇଥାନ୍ତି। ପୂର୍ବରୁ ଆମେରିକାରେ ବହୁତ କମ୍ ଟର୍ଫ ୱିକେଟ ଥିଲା। ତେଣୁ ମୋନାକା ଦେଶର ବିଭିନ୍ନ ସ୍ଥାନରେ ମ୍ୟାଟିଂ ୱିକେଟରେ ୨୦ ଓ ୩୦ ଓଭର ବିଶିଷ୍ଟ କ୍ଲବ କ୍ରିକେଟ ଖେଳୁଥିଲେ।

ସୌରଭ ନେତ୍ରାଭଲ୍କର

ସୁପର ଓଭରରେ ଚମତ୍କାର ବୋଲିଂ କରି ପାକିସ୍ତାନକୁ ପରାଜୟ ସ୍ୱାଦ ଚଖାଇଥିବା ମ୍ୟାନ ଅଫ୍ ଦି ମୋମେଣ୍ଟ ହେଉଛନ୍ତି ସୌରଭ ନେତ୍ରାଭଲ୍କର। ପୂର୍ବରୁ ପାକିସ୍ତାନ ଇନିଂସ ସମୟରେ ମଧ୍ୟ ସେ ଘାତକ ବୋଲିଂ କରି ଆଉଟ ସୁଇଙ୍ଗର ମାଧ୍ୟମରେ ମହମ୍ମଦ ରିଜୱାନ ଏବଂ ସ୍ଲୋ ଫୁଲଟସ ସହାୟତାରେ ଇଫତିକାର ଅହମଦଙ୍କୁ ଆଉଟ କରି ପାକିସ୍ତାନକୁ ବ୍ୟାକ୍‌ଫୁଟରେ ରଖିଥିଲେ। ପାଠପଢ଼ା ଏବଂ ଖେଳ ମଧ୍ୟରେ ସେ ଉତ୍ତମ ସମନ୍ୱୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୁମ୍ବାଇର ସୌରଭ ୨୦୧୦ରେ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ସଦସ୍ୟ ଥିଲେ। ସେତେବେଳେ ସେ ନେତ୍ରା ଭାବେ ଭାରତୀୟ କ୍ରିକେଟ ମହଲରେ ପରିଚିତ ଥିଲେ ଏବଂ ୧୯ ବର୍ଷରୁ କମ୍ ଇଂଲଣ୍ଡ କ୍ରିକେଟର ଗୋଲ୍ଡେନ ବ୍ୟାଟ୍ ଜୋ ରୁଟ୍, ଜୋସ ବଟଲର, ବେନ୍ ଷ୍ଟୋକ୍ସ ପ୍ରଭୃତି ଇଂଲଣ୍ଡ ଖେଳାଳିଙ୍କୁ ବୋଲିଂ କରିଥିଲେ। ବିଶ୍ୱକପ୍‌ରେ ସେ ଜୟଦେବ ଉନାଡକଟ୍ ଏବଂ ସନ୍ଦୀପ ଶର୍ମାଙ୍କ ବୋଲିଂ ପାର୍ଟନର ଥିଲେ।

କେବଳ ଭଲ ଖେଳିଲେ ମୁମ୍ବାଇ କ୍ରିକେଟରେ ତିଷ୍ଠି ରହିବା କଷ୍ଟକର ହୋଇଥାଏ। ଏଥିପାଇଁ ସବୁବେଳେ ଶ୍ରେଷ୍ଠ ଦେଖାଇବାକୁ ପଡ଼ିଥାଏ। ସୌରଭ ଭଲ ପଢୁଥିଲେ ଏବଂ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ। ସୌଭାଗ୍ୟକ୍ରମେ ସେ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରେ ଏମ୍ଏସ୍ କରିବା ପାଇଁ ସ୍କଲାରସିପ୍ ପାଇ ଯାଇଥିଲେ। ତେବେ ସେ କ୍ରିକେଟ ଛାଡ଼ି ନ ଥିଲେ। ଆମେରିକା କ୍ରିକେଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ ଏବଂ ଆଗକୁ ବଢ଼ିଲେ । ମେଜର ଲିଗ୍ କ୍ରିକେଟର ପ୍ରଥମ ସଂସ୍କରଣରେ ସେ ପ୍ରଭାବୀ ପ୍ରଦର୍ଶନ କଲେ ଏବଂ ବିଶ୍ୱକପ୍ ପାଇଁ ଆମେରିକା ଦଳରେ ସ୍ଥାନ ପାଇବାର ସୁଯୋଗ ହାସଲ କଲେ। କ୍ରିକେଟ କ୍ୟାରିୟର ଛାଡ଼ିଦେଲେ ସିଲିକନ ଭାଲିରେ ଥିବା ଓରାକଲ ଅଫିସରେ ସେ ଜଣେ ସିନିୟର ଟେକ୍ନିସିଆନ।

ହରମିତ ସିଂ

୨୦୧୨ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ କରିସ୍ମା ଦେଖାଇବା ପରେ ଇଆନ ଚାପେଲ କହୁଥିଲେ ସେ ଭାରତୀୟ କ୍ରିକେଟ ଦଳର ଜଣେ ସଦସ୍ୟ ହୁଅନ୍ତୁ। ମାତ୍ର ଭାଗ୍ୟରେ ଅନ୍ୟକିଛି ଲେଖା ଥିଲା। ସେ ପଥହରା ହେଲେ। ରେଲୱେ ଷ୍ଟେସନ ଭିତରେ କାର ଡ୍ରାଇଭିଂ ଅଭିଯୋଗରେ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକ ରଖିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ମୁମ୍ବାଇ କ୍ରିକେଟରେ ତିଷ୍ଠିବା ତାଙ୍କ ପାଇଁ ଅସମ୍ଭବ ହେଲା। ସେ ପେସାଦାର କ୍ରିକେଟ ଖେଳିବା ପାଇଁ ତ୍ରିପୁରା ଗଲେ, ମାତ୍ର ସେଠାରେ ମଧ୍ୟ ବିଶେଷ ସଫଳତା ପାଇଲେ ନାହିଁ। ସେ ଦେଶ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏବଂ ଏହା ତାଙ୍କ ଭାଗ୍ୟ ବଦଳାଇଲା। ଆମେରିକାରେ ସେ ନିଜ କ୍ରିକେଟ ପ୍ରତିଭାକୁ ବିକଶିତ କରିବାରେ ସକ୍ଷମ ହେଲେ ଏବଂ ଗତ ବାଂଲାଦେଶ ବିପକ୍ଷ ସିରିଜରେ ଜଣେ ସ୍ଥିର ପ୍ରଦର୍ଶନକାରୀଭାବେ ଉଭା ହେଲେ। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ସୁପର ଓଭରରେ ବିଚକ୍ଷଣ ଫିଲ୍ଡିଂ ତାଙ୍କ ଫିଟ୍‌ନେସର ପରିଚୟ ଦିଏ।

ନସ୍ଥୁସ କେଞ୍ଜୋ

ଜଣେ ତାମିଲ-ଆମେରିକାନ ଭାବେ ନସ୍ଥୁସ କେଞ୍ଜୋଙ୍କ କ୍ରିକେଟ ଯାତ୍ରା ସଫଳ ରହିଛି। ସେ ଛୋଟ ଥିବାବେଳେ ପରିବାରବର୍ଗଙ୍କ ସହ ଉଠି ଯାଇ ବାମହାତୀ ମିଡିୟମ ପେସର ଭାବେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ମାତ୍ର ପରେ ୧୩ ବର୍ଷ ବୟସରେ ସେ ସ୍ପିନ୍ ବୋଲିଂକୁ ଆପଣେଇଲେ । ୧୮ ବର୍ଷ ବୟସରେ କେଞ୍ଜୋଙ୍କ ପରିବାର ତାଙ୍କୁ ବେଙ୍ଗାଲୁରୁ ପଠାଇଲେ। ସେଠାରେ ସେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରଥମ ଡିଭିଜନ ଲିଗ୍ ଖେଳିଲେ। କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ଖେଳିବା କଷ୍ଟକର ଜାଣିବା ପରେ ସେ ଜନ୍ମସ୍ଥାନକୁ ଫେରିଆସି ବାୟୋ-ମେଡିକାଲ ଇଞ୍ଜିନିୟରିଂ ପଢ଼ିଲେ। ନିଜ ରାଜ୍ୟକୁ ଆସିଲେ ତାଙ୍କୁ କ୍ରିକେଟ ଅନ୍ଧକାର ହେବ ବୋଲି ଜାଣି ମଧ୍ୟ ଚିନ୍ତିତ ନ ଥିଲେ। ମାତ୍ର ତାଙ୍କ ମା ସୁଟ୍‌କେଶ୍‌ରେ ଏକ କ୍ରିକେଟ ବଲ୍ ର ଦେଇଥିଲେ ଏବଂ ଏହାପରେ ଯାହା ହେଲା ତାହା ଇତିହାସ ପାଲଟିଗଲା। ସେ ୱାଶିଂଟନରେ ଚାକିରି ପାଇ ଆମେରିକା ଆସିଲେ। ସନ୍ଧ୍ୟା ସମୟରେ ସ୍କ୍ୱାଶ୍ ଖେଳିବାବେଳେ ସେ ନ୍ୟୁ ୟର୍କ କ୍ଲବ କ୍ରିକେଟ ସମ୍ପର୍କରେ ଜାଣିବାକୁ ପାଇଲେ। ଏହାପରେ ସମୟକ୍ରମେ ସେ ବାୟୋ-ମେଡିକାଲ ଅଫିସର ଚାକିରି ଛାଡ଼ିଦେଲେ ଏବଂ ଆମେରିକା ପକ୍ଷରୁ ଆଇସିସିର ଡବ୍ଲ୍ୟୁସିଏଲ୍ ଡିଭିଜନ୍-୪ କ୍ରିକେଟ ଖେଳିଲେ। ପାକିସ୍ତାନ ବିପକ୍ଷରେ ସେ ବୋଲିଂ ଆକ୍ରମଣ ଆରମ୍ଭ କରି ଉସମାନ ଖାଁ, ଶଦାବ ଖାଁ, ଆଜମ ଖାଁଙ୍କ ୱିକେଟ ନେଇ ଆମେରିକାର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ମିଲିନ୍ଦ କୁମାର

ପିଲାବେଳେ ମିଲିନ୍ଦ କୁମାର ଦିଲ୍ଲୀ ସର୍କିଟରେ ଜଣେ ପ୍ରତିଭାସମ୍ପନ୍ନ କ୍ରିକେଟର ଭାବେ ପରିଚିତ ଥିଲେ। ମାତ୍ର ପରେ ଭଲ ପ୍ରଦର୍ଶନ ନ ରହିବାରୁ ତାଙ୍କୁ ରଣଜୀ ଟ୍ରଫିରେ ଲୋୟର ଅର୍ଡରରେ ବ୍ୟାଟିଂ ସୁଯୋଗ ମିଳିଲା। ଫଳରେ ସିକ୍କିମ ସିଫ୍ଟ ହୋଇ ପ୍ଲେଟ୍ ଲିଗ୍‌ରେ ଖେଳିଲେ। ୧୩୦୦ରୁ ଉର୍ଦ୍ଧ୍ୱ ରନ କଲେ ମଧ୍ୟ ତାଙ୍କୁ ଆଶାନୁରୂପ ଲୋକପ୍ରିୟତା ମିଳି ନ ଥିଲା। କୋଭିଡ୍-୧୯ ପରେ ସେ ଆମେରିକା ଚାଲି ଯାଇଥିଲେ ଏବଂ ସେଠାରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କଲେ। ଫଳସ୍ୱରୂପ ଆମେରିକା ବିଶ୍ୱକପ ଦଳରେ ତାଙ୍କୁ ସୁଯୋଗ ମିଳିଲା। ସେ ଜଣେ ବିଚକ୍ଷଣ ଫିଲ୍ଡର ଭାବେ ପରିଚିତ। ସୁପର ଓଭରରେ ତାଙ୍କର ଡାଇଭିଂ କ୍ୟାଚ୍ ଇଫ୍‌ତିକାର ଅହମଦଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲା ଏବଂ ପାକିସ୍ତାନର ବିଜୟ ସମ୍ଭାବନା ଶେଷ ହୋଇଯାଇଥିଲା।

ନୀତୀଶ କୁମାର

ଭାରତୀୟ ବଂଶୋଦ୍ଭବ ନୀତୀଶ କୁମାର ପ୍ରଥମେ କାନାଡ଼ା ଏବଂ ପରେ ଆମେରିକା ପକ୍ଷରୁ କ୍ରିକେଟ ଖେଳୁଛନ୍ତି। ୨୦୧୧ରେ ଯେତେବେଳେ ମହେନ୍ଦ୍ର ସିଂ ଧୋନୀ ବିଶ୍ୱକପ୍ ବିଜୟୀ ଛକା ମାରିଲେ ଏବଂ ବିରାଟ କୋହଲି ଭାରତର ପରବର୍ତ୍ତୀ ଶ୍ରେଷ୍ଠ କ୍ରିକେଟର ଭାବେ ଉଭା ହେଲେ। ସେତେବେଳେ ସ୍କୁଲ ଯାଉଥିବା ନୀତୀଶ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୬ ବର୍ଷ ୨୮୩ ଦିନର ହୋଇଥିବାବେଳେ କାନାଡ଼ା ପକ୍ଷରୁ ଜିମ୍ବାୱେ ବିପକ୍ଷରେ ୫୦ ଓଭର ବିଶ୍ୱକପ ମ୍ୟାଚ ଖେଳି ବିରଳ ରେକର୍ଡ କରିଥିଲେ। ଏହାର ୧୩ ବର୍ଷ ପରେ ଗତ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚରେ ହାରିସ ରୌଫଙ୍କ ଶେଷ ବଲ୍‌କୁ ବାଉଣ୍ଡାରୀ ମାରି ସେ ଉଲ୍ଲସିତ ହୋଇଥିଲେ।

ଯଶଦୀପ ସିଂ

ପଞ୍ଜାବର ଯଶପ୍ରୀତ୍ ସିଂ ନ୍ୟୁ ଜର୍ସିରେ ଜନ୍ମିତ କଠିନ ପରିଶ୍ରମ ଯୋଗୁ ସେ ଏବେ ଆମେରିକା କ୍ରିକେଟ ଦଳର ଜଣେ ନିୟମିତ ସଦସ୍ୟ। ପାକିସ୍ତାନ ବଂଶୋଦ୍ଭବ ଅଲୀ ଖାଁଙ୍କ ସହ ଆମେରିକା ଦଳର ପେସ୍ ଆକ୍ରମଣ ସମ୍ଭାଳି ଆସୁଛନ୍ତି। ଗତ ବିଶ୍ୱକପ୍ ମ୍ୟାଚରେ ସେ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ୱିକେଟ ନେଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବଲ୍ ବୋଲି ବିବେଚନା କରାଯାଉଛି।

ଫାଇନାଲରେ ଅଲକାରାଜ

ପ୍ୟାରିସ

ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି । ଶୁକ୍ରବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ କଡ଼ା ମୁକାବିଲାରେ ଅଲ୍‌କାରାଜ ଦ୍ୱିତୀୟ ସିଡ୍ ଇଟାଲିର ଜାନିକ ସିନରଙ୍କୁ ୨-୬, ୬-୩, ୩-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଚମତ୍କାର ପ୍ରଦର୍ଶନ କରି ସିନର ପ୍ରଥମ ସେଟ୍‌କୁ ୬-୨ରେ ଜିତିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ଅଲ୍‌କାରାଜ ଦ୍ୱିତୀୟ ସେଟ୍‌କୁ ୬-୩ରେ ଜିତିବାରୁ ମ୍ୟାଚ ବରାବରସ୍ଥିତିକୁ ଆସିଥିଲା। ତୃତୀୟ ସେଟ୍‌ରେ କିନ୍ତୁ ବାଜି ମାରିଥିଲେ ସିନର। ସେ ୬-୩ରେ ବିଜୟ ହାସଲ କରି ପୁଣି ଅଗ୍ରଣୀ ହାସଲ କରିଥିଲେ । ମାତ୍ର ଅଲ୍‌କାରାଜ ୪ର୍ଥ ସେଟ୍‌କୁ ୬-୪ରେ ଜିତିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ସେଟ୍‌କୁ ୬-୩ ସେଟ୍‌ରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ। ଅଲ୍‌କାରାଜଙ୍କ ପାଇଁ ଏହା ପ୍ରଥମ ଫାଇନାଲ ପ୍ରବେଶ । ଏହା ପୂର୍ବରୁ ୨୦୨୩ ଫ୍ରେଞ୍ଚ ଓପନରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ଏଠାରେ ଫାଇନାଲରେ ପ୍ରବେଶ କରିଥିବାରି ସ୍ପାନିଶ୍ ଖେଳାଳିଙ୍କ ନିକଟରେ କ୍ୟାରିୟରର ୩ୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସମ୍ଭାବନା ରହିଛି। ପୂର୍ବରୁ ସେ ୨୦୨୨ରେ ୟୁଏସ୍ ଓପନ ଏବଂ ୨୦୨୩ରେ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ଚଳିତ ବର୍ଷର ଅଷ୍ଟ୍ରେଲିଆନ ଓପନ ବିଜେତା ସିନରଙ୍କ ଫ୍ରେଞ୍ଚ ଓପନ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି।

କିରଣ ଭାରତୀୟ ଦଳର କୋଚ୍

ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତିଙ୍କୁ ମିଳିଛି ଆଉ ଏକ ଗୁରୁଦାୟିତ୍ୱ । କାଜାଖସ୍ତାନର ଅଲ୍‌ମାଟିରେ ହେବାକୁଥିବା ଏସିଆନ ୟୁଥ୍ ଚେସ୍ ଚାମ୍ପିୟନସିପ୍ ପାଇଁ ସେ ଭାରତୀୟ ଦଳର କୋଚ୍ ମନୋନୀତ ହୋଇଛନ୍ତି । ପ୍ରତିଯୋଗିତା ଚଳିତ ମାସ ୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ଚେସ୍ ଫେଡେରେସନ ପକ୍ଷରୁ କିରଣଙ୍କ ନିଯୁକ୍ତି ସଂସ୍ଥା ଏଲ୍ଆଇସିକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି । ଏଥିରେ କିରଣ ଖୁସି ବ୍ୟକ୍ତ କରିବା ସହ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଥିବାକଥା କହିଛନ୍ତି।

କାଜାଖସ୍ତାନ ଚେସ୍ ଫେଡେରେସନ ଆନୁକୂଲ୍ୟରେ ଆୟୋଜନ ହେବାକୁଥିବା ଏସିଆନ ୟୁଥ୍ ଚାମ୍ପିୟନସିପ୍‌ରେ ୮, ୧୦, ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହେବ। ସଂଯୋଗ ବଶତଃ କିରଣ ମନୀଷା ଏସିଆନ୍ ୟୁଥ୍ ଚାମ୍ପିୟନସିପ୍‌ରେ ହିଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରତିଯୋଗିତା ୨୦୦୩ରେ କେରଳର କାଲିକଟରେ ଅନୁଷ୍ଠିତ ହୋଇଥିଲା। ୪ ବର୍ଷ ପରେ ସେ ଉଜବେକିସ୍ତାନର ତାସକେଣ୍ଟରେ ଅନୁଷ୍ଠିତ ଏସିଆନ ୟୁଥ୍ ଚାମ୍ପିୟନସିପ୍‌ର ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ବ୍ରୋଞ୍ଜ ପଦକ ପାଇଥିଲେ।

ଜାତୀୟ ଦଳର କୋଚ୍‌ଭାବେ କିରଣ ଦ୍ୱିତୀୟ ଥରପାଇଁ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ପୂର୍ବରୁ ୨୦୨୩ରେ କାଜାଖସ୍ତାନର ଅଲ୍‌ମାଟିରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନସିପ୍‌ରେ ସେ ଭାରତୀୟ ମହିଳା ଦଳର କୋଚ୍ ଦାୟିତ୍ୱକୁ ସଫଳତାର ସହ ତୁଲାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଓ ମାରୀ ଆନ୍ ଗୋମ୍ସ ଯଥାକ୍ରମେ ମହିଳା କାଟେଗୋରିରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ଏହି ଦୁଇ ଖେଳାଳି ୨୦୨୩ ଫିଡେ ବିଶ୍ୱକପ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ।

ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ପରିବେଶ ପ୍ରଦୂଷଣ ମନୁଷ୍ୟର ସ୍ୱାସ୍ଥ୍ୟ, ଜୀବନ ଓ ଖାଦ୍ୟ ଉପରେ ପ୍ରଭାବ ପକାଏ

ଭୁବନେଶ୍ୱର ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ପରିବେଶ ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ସୋଆ କୃଷି ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜୁନ୍ ୫ ତାରିଖରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଦିବସକୁ ପାଳନ କରିବା ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚାରଲ୍ ସାଇନ୍‌ସେସ୍ କ୍ୟାମ୍ପସ୍‌ରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୂଷଣ ପୃଥିବୀ ପାଇଁ ବଡ଼ ବିପଦ ସୃଷ୍ଟି କରିଥିବା ପ୍ରକାଶ କରି ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖିବା ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ପରିବେଶ ପ୍ରଦୂଷଣ ମନୁଷ୍ୟର ସ୍ୱାସ୍ଥ୍ୟ, ଜୀବନ ଏବଂ ଖାଦ୍ୟ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଥିଲେ। ସୋଆ ପକ୍ଷରୁ ପରିବେଶ ଏବଂ ଜଳବାୟୁ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବା ଉଲ୍ଲେଖ କରି ସେ କହିଥିଲେ ଯେ ପାଣିପାଗର ପ୍ରକୃତ ଆକଳନ ଏହି କେନ୍ଦ୍ର ପକ୍ଷରୁ କରାଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସେଂଟର ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର ଆରମ୍ଭ କରାଯାଇ କୃଷିଜାତ ଦ୍ରବ୍ୟକୁ କିଭଳି ପରିବେଶର କୁପ୍ରଭାବରୁ ରକ୍ଷା କରାଯାଇପାରିବ ସେନେଇ ଆକଳନ ଓ ପ୍ରଚେଷ୍ଟା କରାଯାଉଛି। ଆଉ ଏକ ପୃଥିବୀ ସୃଷ୍ଟି କରିବା ସମ୍ଭବ ନୁହେଁ ତେଣୁ ଏହାର ସୁରକ୍ଷା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଜରୁରୀ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି ଅବସରରେ କଟକ ସ୍ଥିତ ଆଇସିଏଆର୍-ଏନ୍‌ଆରଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଅମରେଶ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପରିବେଶର ସୁରକ୍ଷା ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ 'ଲ୍ୟାଣ୍ଡ ରେଷ୍ଟୋରେସନ, ଡିଜର୍ଟିଫିକେସନ୍ ଆଣ୍ଡ ଡ୍ରଟ୍ ରେସିଲିଆନ୍ସ' ଉପରେ ଆଲୋଚନା କରି ଡକ୍ଟର ନାୟକ କୃଷି ଅନୁପଯୋଗୀ ଜମିକୁ ପୁନଃରୁଦ୍ଧାର କରି କୃଷି କ୍ଷେତ୍ରର ପରିସୀମା ବୃଦ୍ଧି କରିବା, ଚାଷ ଜମିକୁ ମରୁଭୂମି ହେବାରୁ ରକ୍ଷା କରିବା, ମରୁଭୂମି ଅଂଚଳକୁ କୃଷି କ୍ଷେତ୍ରରେ ପରିଣତ କରିବା, ମରୁଡି ପରିସ୍ଥିତିର ମୁକାବିଲା କରିବା ଓ କୃଷି କ୍ଷେତ୍ର କିପରି ମରୁଡ଼ି ଗ୍ରସ୍ତ ନ ହେବ ତାହାର ବ୍ୟବସ୍ଥା କରିବା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଓ ଏହି ପରିବର୍ତ୍ତନ ସହିତ ଖାପ ଖୁଆଇ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, କୃଷିର ଭିତ୍ତିଭୂମି ତଥା ମୃତିକାର ଗୁଣାତ୍ମକ ମାନ ବୃଦ୍ଧି କରିବା ଏବଂ ଆଧୁନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଉନ୍ନତ ମାନର କୃଷି ଉତ୍ପାଦ ପ୍ରସ୍ତୁତ କରିବା ଏବଂ କୃଷି କ୍ଷେତ୍ରରେ ମାନବକୃତ ଅନାବଶ୍ୟକ ବା କ୍ଷତିକାରକ ପ୍ରୟୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ବିଷୟରେ ଡକ୍ଟର ନାୟକ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୁତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାଡେମୀର ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ବକ୍ତବ୍ୟ ରଖିଥିବା ବେଳେ ଆଇଏଏସ୍‌ର ପ୍ରଫେସର ପ୍ରଭାତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱରରେ ବିଜୁ ପଟ୍ଟନାୟକଙ୍କ ନାତି ଅରୁଣ ପଟ୍ଟନାୟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା ଆସିଛନ୍ତି ବିଜୁ ପଟ୍ଟନାୟକଙ୍କ ନାତି ଅରୁଣ ପଟ୍ଟନାୟକ । ବିଜେଡିର ବିପର୍ଯ୍ୟୟ ପାଇଁ ଭିକେ ପାଣ୍ଡିଆନ ଓ ତାଙ୍କ ଟିମ୍‌କୁ ଦାୟୀ କରାଯାଉଥିବାବେଳେ ଅରୁଣଙ୍କ ଅଚାନକ ଭୁବନେଶ୍ୱର ଆଗମନ ବିଜେଡି ରାଜନୀତିକୁ ଉଷ୍ମ କରିଦେଇଛି । ନବୀନଙ୍କ ଉତ୍ତରାଧିକାରୀ ହୋଇ ଅରୁଣ ବିଜେଡିର ନେତୃତ୍ୱ ନେବେ ନା ନବୀନଙ୍କୁ ସାନ୍ତ୍ୱନା ଦେଇ ପୁଣିଥରେ ଦିଲ୍ଲୀ ଫେରିଯିବେ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ସୂଚନା ଅନୁସାରେ, ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକଙ୍କ ପୁଅ ଅରୁଣ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ । ବିଜେଡି ନେତା ଭି.କେ ପାଣ୍ଡିଆନଙ୍କ ସହ ସେ ଦିଲ୍ଲୀରୁ ଆସି ସିଧାସଳଖ ନବୀନ ନିବାସ ଯାଇଥିଲେ । ବିମାନ ବନ୍ଦରରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉଭୟ ଅରୁଣ ଓ ପାଣ୍ଡିଆନଙ୍କୁ ରିସିଭ୍ କରିଥିଲେ । ସମସ୍ତେ ନବୀନ ନିବାସରେ କିଛି ସମୟ ବିତାଇବା ପରେ ଶ୍ରୀ ପାଣ୍ଡିଆନ ଓ ଶ୍ରୀ ଦାସ ନିଜ ନିଜ ଘରକୁ ଫେରିଥିଲେ । ନବୀନ ନିବାସରେ ନବୀନଙ୍କ ସହ ଅରୁଣ ରହିଥିବା ଜଣାପଡ଼ିଛି ।

ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଲା ଯୁବକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜଣେ ମାଟ୍ରିକ ଫେଲ୍ ଯୁବକର କଳା କାରନାମା । ଯୁବକ ଜଣଙ୍କ ହଜାର ହଜାର ଲୋକଙ୍କୁ ଚୂନ ଲଗାଇ ଶହେ କୋଟିରୁ ଅଧିକ ଟଙ୍କା ହଡ଼ପ କରିଛି । ଚିଟ୍‌ଫଣ୍ଡ ସ୍କାମ ଓ ୧୨୩ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ ଓଡ଼ିଶାର ଇଓଡବ୍ଲୁ କୋଲକାତାରୁ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁରର ତୁଷାର ଭଞ୍ଜୋ । ତାକୁ ପ୍ରଥମେ ଅଲିପୁର କୋର୍ଟରେ ଗତ ୫ ତାରିଖରେ ହାଜର କରାଯାଇଥିଲା । ତାକୁ ଟ୍ରାନଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଉଛି ।

ଓୟୁଏଟିରୁ ଶ୍ରୀକ୍ଷେତ୍ର ଗଲା ତୁଳସୀ ଓ ପଦ୍ମ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଦିନେ ଘାସ ବୁଦାରେ ପରିପୂର୍ଣ୍ଣ ହୋଇରହିଥିଲା । ଆଜି ସେଠାରେ ବୃନ୍ଦାବତୀଙ୍କ ଆସ୍ଥାନ । କଳା ଓ ଧଳା ତୁଳସୀ ଉଦ୍ୟାନର ପରିଣତ ହୋଇଛି । ଖାଲି ତୁଳସୀ ନୁହେଁ, ପାଖୁଡ଼ା ମେଲାଇ ଶାନ୍ତ ଜଳ ରାଶିରେ ଖିଲି ଖିଲି ହସୁଛି ପଦ୍ମ । ପୁରୀ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରରେ ପରିସରରେ ଥିବା ବଗିଚାରେ ଏପରିରେ ଦୃଶ୍ୟ ଦେଖିବାକୁ ମିଳୁଛି । ଗ୍ରୀଷ୍ମର ଅସମ୍ଭାଳ ତାତି ଭିତରେ ଏପରି କାର୍ଯ୍ୟ କରିଦେଖାଇଛନ୍ତି ଓଡ଼ିଶା କୃଷି ଓ ବୈଷୟିକ ମହାବିଦ୍ୟାଳୟର ବୈଜ୍ଞାନିକ । ଆଜି ଏଠାରୁ ତୋଳାଇ ଯାଇ ପ୍ରଥମ ଥର ପାଇଁ ମହାପ୍ରଭୁ ଓ ମାଆ ଲକ୍ଷ୍ମୀଙ୍କ ସେବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ର ଯାଇଛି ତୁଳସୀ ଏବଂ ପଦ୍ମଫୁଲ । ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରରେ ୨୦ ଡ଼ିସିମିଲ୍ ? ଜମିରେ ସିମ୍ ଅଙ୍ଗନା ଓ ସିମ୍ ? ଆୟୁ ଉନ୍ନତ କିସମର ୭ ପଟାଳୀ କଳା ଏବଂ ୭ ପଟାଳୀ ଧଳା ତୁଳସୀ ଚାଷ ତୁଳସୀ କରାଯାଇଛି । ସେହିପରି ୫୦ ଡ଼ିସିମିଲ ଜମିରେ ହୋଇଥିବା ପୁଷ୍କରିଣୀରେ ଗୋଲାପୀ ଓ ଧଳା ରଙ୍ଗର ପଦ୍ମ ଫୁଲ ଚାଷ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରବ ବଳରେ ଏହା ସମ୍ଭବପର ହୋଇପାରିଛି । ଆଜି ମାଆ ତୁଳସୀଙ୍କୁ ଧୂପ ଓ ଝୁଣା ଲାଗି କରାଯାଇଥିଲା । ତା'ପରେ ମୁଣ୍ଡ ନୁଆଁଇ ମାଆ ବୃନ୍ଦାବତୀଙ୍କୁ ପ୍ରଣାମ କରି ତୁଳସୀ ପତ୍ର ଛିଣ୍ଡାଇବା ପାଇଁ ଅନୁମତି ମାଗିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ । ଆଉ ତା'ପରେ ତୋଳା ଆରମ୍ଭ ହୋଇଥିଲା ତୁଳସୀ । ଶୁଦ୍ଧ ପୂତ ଭାବରେ ଗୋଟିଏ ପରେ ଗୋଟିଏ

ତୁଳସୀ ପତ୍ର ତୋଳିବାରେ ଲାଗି ପଡ଼ିଥିଲେ କୃଷଇ ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ । ମନରେ ଥିଲା ଅହେତୁକ ଭକ୍ତି ଭାବନା । ଖାଲି ତୁଳସୀ ପତ୍ର ନୁହେଁ, କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ପୋଖରୀରୁ ପଦ୍ମ ଫୁଲ ମଧ୍ୟ ତୋଳା ଯାଇଥିଲା । ମହାପ୍ରଭୁଙ୍କ ପୂଜାରେ ତୁଳସୀ ଓ ପଦ୍ମର ରହିଛି ମହତ୍ୱପୂର୍ଣ୍ଣ ଭୂମିକା । ତେଣୁ ପ୍ରତ୍ୟେକ ଗୁରୁବାର ୫୦ରୁ ୬୦ କେଜି ତୁଳସୀ ସାଙ୍ଗକୁ ୭୦ରୁ ୧୦୦ ଗୋଟି ପଦ୍ମ ଫୁଲ ପଠାଯିବ ବୋଲି କୃଷି ବିଜ୍ଞାନ କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି । ମହାପ୍ରଭୁଙ୍କ ସେବାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଲାଗିଥିବାରୁ ନିଜକୁ ଧନ୍ୟ ମଣୁଛନ୍ତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମୋଦିଙ୍କ ଶପଥ...

ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ମଧ୍ୟ ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଶପଥ ଗ୍ରହଣ ସମାରୋହରେ ଶ୍ରମିକ, ସଫେଇ କର୍ମଚାରୀ ଓ ତୃତୀୟ ଲିଙ୍ଗର ପ୍ରତିନିଧିମାନେ ଯୋଗଦେବେ । ବନ୍ଦେ ଭାରତ ଟ୍ରେନର ମହିଳା ଲୋକୋ ପାଇଲଟଙ୍କୁ ମଧ୍ୟ ଶପଥ ପାଠ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ମଧ୍ୟ ଏହି ଭବ୍ୟ ସମାରୋହରେ ଉପସ୍ଥିତ ରହିବେ । ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳିର ଆରମ୍ଭର ସାକ୍ଷୀ ଭାରତର ପଡ଼ୋଶୀ ରାଷ୍ଟ୍ରର ମୁଖ୍ୟମାନେ ରହିବେ । ଏମାନଙ୍କ ମଧ୍ୟରେ ରହିଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ପ୍ରଚଣ୍ଡ, ଭୁଟାନ କିଙ୍ଗ ଜିଗମେ ଖେସର ନାମଗିଲ ୱାଙ୍ଗଚୁକ ଓ ମରିସସ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜୁଗନୌଥଙ୍କୁ ମଧ୍ୟ ଶପଥ ଗ୍ରହଣ ସମାରୋହ ପାଇଁ ନିମନ୍ତ୍ରଣ କରାଯାଇଛି । ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ମଧ୍ୟ ଏହି ସମାରୋହ ପାଇଁ ନିମନ୍ତ୍ରଣ କରାଯାଇଛି । ସେ ମଧ୍ୟ ଭାରତ ଆସିବାକୁ ରାଜି ହୋଇଛନ୍ତି । ମାଳଦ୍ୱୀପର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହା ମୁଇଜୁଙ୍କ ପ୍ରଥମ ଭାରତ ଗସ୍ତ ହେବ । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ମୁଇଜୁ ଦୁବାଇରେ ଆୟୋଜିତ ଜଳବାୟୁ ପରିବର୍ତ୍ତନ କନଫରେନ୍ସ ୨୮ରେ ପରସ୍ପରକୁ ଭେଟିଥିଲେ ।

ନବୀନ ନିବାସରେ ...

ଦଳ ବିଧାନସଭାରେ ଗଠନମୂଳକ ବିରୋଧୀ ଦଳର ଭୂମିକା ଗ୍ରହଣ କରିବ ବୋଲି ସେମାନେ କହିଛନ୍ତି । ସେହିପରି ଅନ୍ୟତମ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ପୂର୍ବ ଭଳି କାମ କରିବ । ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, କଳିକେଶ ସିଂହଦେଓ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କ ପରି ଅନେକ ବରିଷ୍ଠ ନେତା ବୈଠକରେ ଯୋଗଦେଇଥିଲେ । । ଦଳର ସଭାପତିଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳ ଆଗକୁ ବଢ଼ିବ । ମୁଖ୍ୟତଃ ଦଳର ସଂଗଠନକୁ ଆହୁରି ମଜଭୁତ କରାଯିବ । ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କଳିକେଶ ସିଂହଦେଓ କହିଥିଲେ ବିରୋଧୀ ଦଳର ନେତା କିଏ ହେବେ ସେ ନେଇ କୌଣସି ସୂଚନା ନ ଥିଲେବି ସମୟ ଅନୁସାରେ ଜଣାଇ ଦିଆଯିବ । ସେହିପରି ସଂଜୟ ଦାସବର୍ମା କହିଥିଲେ କିଭଳି ଆଗକୁ ସଂଗଠନକୁ ଶକ୍ତୀଶାଳି କରାଯିବ ସେନେଇ ଆଲୋଚନା ହୋଇଛି ।

ପରାଜୟର...

ଶ୍ରୀ ଶତପଥୀ କହିଛନ୍ତି ଚଳିତ ନିର୍ବାଚନରେ ଦଳର ପରାଜୟ ପାଇଁ କେବଳ ଜଣଙ୍କ ଉପରେ ଦୋଷ ଲଦିଦେବା ଠିକ୍ ହେବ ନାହିଁ ।

ଅନ୍ୟ ଯେଉଁମାନେ ପାର୍ଶ୍ୱଚର ଭାବେ ଥିଲେ, କ୍ୟାମ୍ପ ଫଲୋୟର ଥିଲେ ସେମାନଙ୍କର ବି ଦୋଷ ରହିଛି । ତେବେ ଯାହାହେଉ ନିର୍ବାଚନ ପରାଜୟର ସମସ୍ତ ତ୍ରୁଟିବିଚ୍ୟୁତି ଉପରେ ସମୀକ୍ଷା ହେବା ଦରକାର । ୧୯୯୭ ମସିହାରେ ଗଠିତ ବିଜୁ ଜନତା ଦଳର ଯେଉଁ ମୂଳ ଉଦ୍ଦେଶ୍ୟ ରହିଥିଲା ତାହା ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରିଛି କି ନାହିଁ ସେ ବିଷୟରେ ଆଲୋଚନା ହେବାର ସମୟ ଆସିଛି । ତେବେ ନବୀନ ପଟ୍ଟନାୟକ ଦଳର ନେତା ଅଛନ୍ତି ଓ ସଭାପତି ଅଛନ୍ତି । ମୁଖ୍ୟମନ୍ତ୍ରୀ ନଥିଲେ ବି ଦଳକୁ ସେ ନେତୃତ୍ୱ ଦେଇ ସଜାଡ଼ିବେ ଏବଂ ଓଡ଼ିଶାବାସୀଙ୍କର ପୂର୍ବଭଳି ସେବା କରିବେ ବୋଲି ଶ୍ରୀ ଶତପଥୀ କହିଛନ୍ତି ।

ରାହୁଲ ହେବେ ...

ଅପେକ୍ଷା ୨୦୨୪ରେ ଭଲ ପ୍ରଦର୍ଶନ କରିପାରିଛି ବୋଲି ଦଳ ପକ୍ଷରୁ ମତ ରଖାଯାଇଛି । ତେଣୁ ସଂସଦରେ ସେ ବିରୋଧୀ ଦଳ ନେତା ଭାବେ କାମ କରିବା ଦରକାର ବୋଲି ଶନିବାର ବୈଠକରେ ମତ ପ୍ରକାଶ ପାଇବା ସହ ଗୋଟିଏ ସଂକଳ୍ପ ପାରିତ ହୋଇଛି । ବୈଠକ ପରେ କଂଗ୍ରେସ ସାଂସଦ କୁମାରୀ ଶୈଳଜା କହିଛନ୍ତି, ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୁଅନ୍ତୁ ବୋଲି ସିଡବ୍ଲ୍ୟୁସି ମତ ରଖିଛି । ବରିଷ୍ଠ କଂଗ୍ରେସ ନେତା ତଥା ଅଲପୁଜା ଆସନରୁ ଲୋକସଭା ନିର୍ବାଚନ ଜିତିଥିବା କେସି ଭେନୁଗୋପାଲ କହିଛନ୍ତି, ସର୍ବସମ୍ମତିକ୍ରମରେ ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳର ନେତା ପଦ ସମ୍ଭାଳିବାକୁ ଅନୁରୋଧ କରାଯାଇଛି । ନିର୍ବାଚନ ପ୍ରଚାରରେ ରାହୁଲ ଗାନ୍ଧିଙ୍କ ଯୋଗଦାନକୁ ମଧ୍ୟ ସିଡବ୍ଲ୍ୟୁସିରେ ପ୍ରଶଂସା କରାଯାଇଛି । ଦିଲ୍ଲୀରେ ଶନିବାର ବସିଥିବା କଂଗ୍ରେସ ୱାର୍କିଂ କମିଟି ବୈଠକରେ ଆଗାମୀ ରଣନୀତି ନେଇ ମଧ୍ୟ ଆଲୋଚନା ହୋଇଛି । ବୈଠକରେ ସୋନିଆ ଗାନ୍ଧି, ଦଳର ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଭଦ୍ରା, ମନୀଷ ତିୱାରୀ, ଡିକେ ଶିବକୁମାର ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ ।

ଲାଗିଲା ଲାଇଟ୍, ...

ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଦେଇଥିଲା । ଅନ୍ୟପଟରେ ଶ୍ରୀମନ୍ଦିର ଭିତରେ କେବୁଲ ଖୋଲୁଥିବା ବେଳେ ୪ଜଣଙ୍କୁ ଅଟକ ରଖି ସିଂହଦ୍ୱାର ଥାନା ପୁଲିସ ପଚରାଉଚରା ଜାରି ରଖିଛି ।

କଂଗ୍ରେସ ସଂସଦୀୟ...

ପୁନଃ ନେତା ଭାବେ ନିର୍ବାଚିତ କରାଯାଇଥିଲା ।

କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋନିଆ ଗାନ୍ଧୀଙ୍କୁ ସଂସଦୀୟ ଦଳର ମୁଖ୍ୟ ଭାବେ ଚୟନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାକୁ ସମସ୍ତ ସାଂସଦ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲେ । ଏହା ପୂର୍ବରୁ କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳ ନେତା ଭାବେ ରଖିବା ପାଇଁ ଏକ ସଂକଳ୍ପ ପାରିତ କରିଥିଲା ।

ପାର୍ଲାମେଣ୍ଟାରୀ...

ଓଡ଼ିଶା ପାଇଁ କେନ୍ଦ୍ରୀୟ ସ୍ତରର ନେତା ନିଷ୍ପତ୍ତି ନେବେ ।

ଶ୍ରୀ ସାମଲ ଶନିବାର ସନ୍ଧ୍ୟାରେ ଦିଲ୍ଲୀରୁ ଫେରିବା ପରେ କହିଛନ୍ତି, ଆସନ୍ତା ୧୦ ତାରିଖ ସନ୍ଧ୍ୟାରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ । ସ୍ଥାନୀୟ ଜନତା ମଇଦାନରେ ଶପଥଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହେବେ । ଏଥି ସହିତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀ ବି ସାମିଲ ହେବେ ।

ଏନ୍‌ଇଇଟି ପରୀକ୍ଷାରେ...

ଯୋଗ୍ୟତା ମାନଦଣ୍ଡ ଉପରେ ପ୍ରଭାବ ପକାଇ ନାହିଁ ଏବଂ ପ୍ରଭାବିତ ପ୍ରାର୍ଥୀଙ୍କ ଫଳାଫଳର ସମୀକ୍ଷା ଆଡମିଶନ ପ୍ରକ୍ରିୟାରେ କୌଣସି ପ୍ରଭାବ ପକାଇବ ନାହିଁ ।

ପୁଙ୍ଖାନୁପୁଙ୍ଖ ପରୀକ୍ଷଣ ପରେ କମିଟି ପ୍ରଭାବିତ, ୧,୫୦୦ ରୁ ଅଧିକ ଆବେଦନକାରୀଙ୍କୁ ପୁନଃପ୍ରଦାନ କରାଯିବ କିମ୍ବା ଅନୁଗ୍ରହ ମାର୍କିଂ ପାଇଁ ଏକ ବିସ୍ତୃତ ସୂତ୍ର ପ୍ରସ୍ତୁତ କରିବେ କି ନାହିଁ ତାହା ସ୍ଥିର କରିବେଙ୍ଗ ଏହା ସତ୍ତ୍ୱେ ସିଂ ସ୍ପଷ୍ଟ କରିଛନ୍ତି ଯେ ନିଟ-ୟୁଜିରେ ଗ୍ରେସ ମାର୍କ କୌଣସି ଯୋଗ୍ୟତା ମାନଦଣ୍ଡ ଉପରେ ପ୍ରଭାବ ପକାଇ ନାହିଁ ।

ନିଟ ପରୀକ୍ଷାରେ ୬୭ ଜଣ ଛାତ୍ରୀଛାତ୍ରଙ୍କୁ ୭୨୦ରୁ ୭୨୦ ନମ୍ବର ଦିଆଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ତ୍ରୁଟିପୂର୍ଣ୍ଣ ମାର୍କିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସର୍ବାଧିକ ନମ୍ବର ୭୨୦ରୁ କେତେଜଣ ଛାତ୍ରଛାତ୍ରୀ ୭୧୮ କିମ୍ବା ୭୧୯ ରଖିପାରିଲେନି କିପରି ବୋଲି ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି ।

ଦିଲ୍ଲୀ ହାଇକୋର୍ଟ ଏନ୍‌ଇଇଟି (ୟୁଜି) ପରୀକ୍ଷାର୍ଥୀଙ୍କ ପିଟିସନ ଆଧାରରେ ଏନଟିଏକୁ ମତାମତ ରଖିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । ନିଟ ପରୀକ୍ଷାରେ ଗୋଟିଏ ପ୍ରଶ୍ନର ଦୁଇଟି ଠିକ ଉତ୍ତର ଆନ୍ସର ସିଟ୍‌ରେ ରହିଥିବାରୁ ଏହା ଉପରେ ପରୀକ୍ଷାର୍ଥୀ ଜଣଙ୍କ ପ୍ରଶ୍ନ ଉଠାଇଛନ୍ତି । ଯେଉଁମାନେ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି ଏବଂ ଯେଉଁମାନେ ଦୁଇଟି ଠିକ ଉତ୍ତର ମଧ୍ୟରୁ ଗୋଟିଏ ଦେଇଛନ୍ତି, ସେମାନଙ୍କୁ ସମାନ ମାର୍କ ମିଳିବା ଆବଶ୍ୟକ ବୋଲି ପରୀକ୍ଷାର୍ଥୀ ପିଟିସନରେ ନିବେଦନ କରିଥିବାବେଳେ ଜଷ୍ଟିସ ଡି.କେ. ଶର୍ମାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏନଟିଏ ଓକିଲଙ୍କଠାରୁ ଏହା ଉପରେ ଜବାବ ମାଗିଛନ୍ତି ।

ପିଟିସନର ଦର୍ଶାଇଥିଲେ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିଷ୍ପକ୍ଷତା ଜରୁରୀ । ସମସ୍ତଙ୍କୁ ସମାନ ଆଧାରରେ ମୂଲ୍ୟାୟନ କରାଯିବା ଆବଶ୍ୟକ । କେବଳ ଗୋଟିଏ ଅପ୍ସନ ଠିକ ବୋଲି ପ୍ରଶ୍ନପତ୍ରରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ କର୍ତ୍ତୃପକ୍ଷ ଦୁଇଟି ଠିକ ଉତ୍ତର ରଖି ଉକ୍ତ ନିଷ୍ପକ୍ଷତା ସହ ସାଲିସ କରିଥିବା ଆବେଦନକାରୀ ଦର୍ଶାଇଛନ୍ତି । ଆବେଦନକାରୀ ୨ ଠିକ ଉତ୍ତର ଥିବା ପ୍ରଶ୍ନର ସମାଧାନ କରି ନ ଥିଲେ ସେ ୭୨୦ରୁ ୬୩୩ ନମ୍ବର ରଖିଛନ୍ତି । ମୋଟ ପର୍ସେଣ୍ଟାଇଲ ପ୍ରାୟ ୯୮ ଥିବାବେଳେ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ର୍‍ୟାଙ୍କ ୪୪,୭୦୦ ପାଖାପାଖି ରହିଛି । ଗୋଟିଏ ମାତ୍ର ମାର୍କ ପାଇଁ ତାଙ୍କର ଅଲ ଇଣ୍ଡିଆ ର୍‍ୟାଙ୍କ ବଦଳି ଯାଇପାରେ । ତେଣୁ ଏନ୍‌ଇଇଟି ରେଜଲ୍ଟକୁ ସଂଶୋଧନ କରି ପୁନଃପ୍ରକାଶ କରିବା ନିମନ୍ତେ ଏନଟିଏକୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି ।

ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବେଳାଭୂମି ସଫେଇ କାର୍ଯ୍ୟକ୍ରମ

ଚାନ୍ଦିପୁର ସମୁଦ୍ରତଟରୁ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ

ବାଲେଶ୍ୱର, ନ୍ୟୁଜ

ଭାରତର ୨୩ ଟି ସମୁଦ୍ର କୂଳରେ ବିଶ୍ୱ ମହାସାଗର ଦିବସ ଅବସରରେ ସମୁଦ୍ରକୂଳ ପରିଷ୍କାର ଅଭିଯାନ କାର୍ଯ୍ୟକ୍ରମ କରାଯାଇଥାଏ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବା ଏନ.ଏସ.ଏସ ୟୁନିଟ୍ ଓ ସେଣ୍ଟର ଫର ମେରାଇନ୍ ବାୟୋରିସୋର୍ସ ଏବଂ ବାୟୋମ୍ୟାନେଜମେଣ୍ଟ ଦ୍ୱାରା ଚାନ୍ଦିପୁର ସ୍ଥିତ ସମୁଦ୍ରକୂଳରେ ଏହି ଅଭିଯାନଟି ଅନୁଷ୍ଠିତ ହୋଇଯାଇଛି । ଓସନ୍ ସୋସାଇଟି ଅଫ୍ ଇଣ୍ଡିଆ, ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ପ୍ୟାନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଛି । ଏହି ଅଭିଯାନର ଜାତୀୟ ସଂଯୋଜକ ଭାବେ ପ୍ରଫେସର କେ ଭି ଜୟଚନ୍ଦ୍ରନ୍ ଓ ଚାନ୍ଦିପୁର ଅଞ୍ଚଳର ସ୍ଥାନୀୟ ସଂଯୋଜକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ଼କ୍ଟର ସ୍ମୃତିରେଖା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ପ୍ରାତଃ ସମୟରେ ବିଶ୍ୱବିଦ୍ୟାଳୟର ନୂଆପାଡ଼ୀ କ୍ୟାମ୍ପସରୁ ଏହି ଅଭିଯାନ ଆରମ୍ଭ ହୋଇ, ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବାର ପ୍ରୟାସ ଓ ସଫେଇ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବାର ଲକ୍ଷ୍ୟ ନେଇ ମୋଟ ୬୦ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ, ୨୦ରୁ ଉର୍ଦ୍ଧ୍ୱ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନେକ ଅଣଶିକ୍ଷକ କର୍ମଚାରୀ ଏକତ୍ରିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ୍, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଭୂବିଜ୍ଞାନ ବିଭାଗ ମୁଖ୍ୟ ଡ଼କ୍ଟର ରୋଜାଲିନ୍ ଦାସ, ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ସବିତା ସୋରେନ୍, ଡ଼କ୍ଟର ପ୍ରତିମା ପ୍ରଧାନ, ଡ଼କ୍ଟର ଦେବଦତ୍ତ ଦାସ, ଡ଼କ୍ଟର ମିନତି ମିଶ୍ର ଆଦି ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ବେଳାଭୂମିକୁ ଓ ସାମୁଦ୍ରିକ ଜୀବଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣ ଠାରୁ ରକ୍ଷାକରିବା ପାଇଁ ସଚେତନତାର ବାର୍ତ୍ତା ଦେବା ସହ ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ । ଏଥିସହିତ ଏହିପରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ଼କ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଉପସ୍ଥିତି ଓ ଯୋଗଦାନକୁ କୁଳପତିଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ପ୍ରଶଂସା କରିଛନ୍ତି । ସମସ୍ତଙ୍କ ପ୍ରୟାସରେ ସମୁଦ୍ର କୂଳରୁ ସମୁଦାୟ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଡମ୍ପିଂ କରାଯାଇଛି । ସମୁଦ୍ରକୁ ସଫା ରଖିବା ଏକ ସାମୂହିକ କାର୍ଯ୍ୟ ତଥା ବେଳାଭୂମିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ସ୍ଲୋଗାନ ଦିଆଯିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଥିନେଇ ଦାୟିତ୍ୱବୋଧ ସୃଷ୍ଟିର ପ୍ରୟନ୍ କରାଯାଇଛି । ଏହି ପ୍ରକାରର କାର୍ଯ୍ୟକ୍ରମ ଦ୍ୱାରା ଜନସଚେତନତା ବୃଦ୍ଧି ପାଇବ ଓ ପ୍ଲାଷ୍ଟିକ ପ୍ରଦୂଷଣରୁ ସମୁଦ୍ର ତଥା ସାମୂହିକ ଜୀବଜଗତ ସୁରକ୍ଷିତ ହୋଇପାରିବେ ନେଇ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି ।

ରାମୋଜୀ ରାଓଙ୍କୁ ଓଡ଼ିଶା ଗଣମାଧ୍ୟମ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପରଲୋକରେ ରାମୋଜୀ ଗ୍ରୁପ ପ୍ରତିଷ୍ଠାତା-ଅଧକ୍ଷ ସି.ରାମୋଜୀ ରାଓ । ଶୁକ୍ରବାର ସ୍ୱାସ୍ଥ୍ୟାଗତ ସମସ୍ୟା ଦେଖାଯିବା ପରେ ତାଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଶନିବାର ଭୋର ପ୍ରାୟ ୪ଟା ୫୦ ମିନିଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପରଲୋକରେ ଓଡ଼ିଶା ଗଣମାଧ୍ୟମ ପରିବାର ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନ ସମ୍ମୁଖରେ ରାମୋଜୀ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଓଡ଼ିଶାର ଗଣମାଧ୍ୟମ, ମନୋରଞ୍ଜନ ଏବଂ ନ୍ୟୁଜ ମିଡିଆ ଉଭୟର ପ୍ରସାର କ୍ଷେତ୍ରରେ ରାମୋଜୀ ରାଓଙ୍କ ଭୂମିକା ସ୍ମରଣୀୟ । ସେ ୨୦୦୨ ମସିହା ଜାନୁଆରୀ ୨୭ ତାରିଖରେ ପ୍ରଥମ ଓଡ଼ିଆ ୨୪ ଘଣ୍ଟିଆ ଘରୋଇ ସାଟେଲାଇଟ୍ ଚ୍ୟାନେଲ ଉପହାର ଦେଇଥିଲେ । ଇଟିଭି ଓଡ଼ିଆ ତିଆରି କରିଥିବା ଶହ ଶହ ନିର୍ଦ୍ଦେଶକ, ପ୍ରଯୋଜକ, କଳାକାର, ଟେକ୍ନିସିଆନ, ଆଙ୍କର ଏବଂ ସାମ୍ବାଦିକ ଶନିବାର ଓଡ଼ିଶାର ବିଭିନ୍ନ ଗଣମାଧ୍ୟମର କାର୍ଯ୍ୟ ପରିସରକୁ ସମୃଦ୍ଧ କରୁଛନ୍ତି । ଆଉ ବର୍ତ୍ତମାନ ଯାଏଁ ତାଙ୍କ ଅବଦାନକୁ ନେଇ କାର୍ଯ୍ୟ ମଧ୍ୟ କରିଛନ୍ତି । ସେହି ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଆବର୍ତ୍ତନରେ ପୁରା ଓଡ଼ିଶା ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛି । ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ ଚାଲିଥିବା ବେଳେ ଏଥିରେ ସାମିଲ ଥିବା ଇଟିଭି ଓଡ଼ିଆ ତିଆରି କରିଥିବା ଶହ ଶହ ନିର୍ଦ୍ଦେଶକ, ପ୍ରଯୋଜକ, କଳାକାର, ଟେକ୍ନିସିଆନ, ଆଙ୍କର ଏବଂ ସାମ୍ବାଦିକ ମାନେ ହୃଦୟର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି ଦେଇଥିବା ବେଳେ ତାଙ୍କ ସହ ବିତେଇ ଥିବା ସ୍ମୃତି ଓ ଅନୁଭୂତିକୁ ବଖାଣିଛନ୍ତି । ଅନ୍ୟପଟେ ଓଡ଼ିଆ ସିନେ ଜଗତର ସୁପରଷ୍ଟାର ଅନୁଭବ ମହାନ୍ତି ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି ।

ବ୍ରାହ୍ମଣୀ ନଦୀରେ ବୁଡ଼ି ଗଲେ ୨ଛାତ୍ର

ରାଉରକେଲା, ନ୍ୟୁଜ ବ୍ୟୁରୋ

ରାଉରକେଲାରେ ଅଘଟଣ । ବ୍ରାହ୍ମଣୀ ନଦୀରେ ବୁଡ଼ି ୨ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୪ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ତେବେ ଛାତ୍ରଛାତ୍ରୀମାନେ ରାଉରକେଲା ଘଉଞ୍ଚକୁ ଇର୍ଣ୍ଣସିପ ପାଇଁ ଆସିଥିଲେ ବୋଲି ଜଣା ପଡ଼ିଛି । ସୂଚନା ଅନୁସାରେ, ଶନିବାର ୬ଜଣ ଛାତ୍ରଛାତ୍ରୀ ସାଙ୍ଗ ହୋଇ ବେଦବ୍ୟାସ ବୁଲିବାକୁ ଯାଇଥିଲେ । ବୁଲାବୁଲି କରିବା ପରେ ସମସ୍ତେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ । ହଠାତ୍ କୌଣସି କାରଣ ବଶତଃ ସେମାନେ ନଦୀରେ ବୁଡ଼ିଯାଇଥିଲେ । ସ୍ଥାନୀୟ ଲୋକ ପାଟି ଶୁଣି ସେଠାରେ ପହଞ୍ଚି ଦେଖିବାବେଳକୁ ସମସ୍ତେ ଚିତ୍କାର କରୁଛନ୍ତି । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରାଯାଇଥିଲା । ହେଲେ ଅନ୍ୟ ୨ଜଣ ଛାତ୍ର ପାଣିରେ ବୁଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ସେମାନଙ୍କୁ ରାଉରକେଲା ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଦୁଇ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର ।



ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ପରିସରରେ ଏଥେନା ବୁକ୍ସର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପୁସ୍ତକ ଉନ୍ମୋଚନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

ଏସସିବିରେ ଡାକ୍ତର ପଦବୀ ପୂରଣ ପାଇଁ ଆରମ୍ଭ ହେଲା ନିଯୁକ୍ତି ପ୍ରକ୍ରିୟା

କଟକ, ନ୍ୟୁଜ ବ୍ୟୁରୋ

ଏସସିବିରେ ପୂରଣ ହେବ ଖାଲି ପଡ଼ିଥିବା ଡାକ୍ତର ପଦବୀ । ଏଥିପାଇଁ ଏସସିବି ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ନିଯୁକ୍ତି ପ୍ରକ୍ରିୟା । ଡାକ୍ତରଙ୍କ ସମେତ କୁଶଳୀ ଓ ଅଣ କୁଶଳୀଙ୍କୁ ମିଶାଇ ମୋଟ ୧୬୫ କର୍ମଚାରୀ ନିଯୁକ୍ତି ପାଇଁ ଜାରି ହେଲା ବିଜ୍ଞପ୍ତି । ଏହା ଜରୁରୀ ଥିଲା, ସରକାର ସରକାରୀ ଡାକ୍ତରଙ୍କ ଦରମା ବୃଦ୍ଧି କରିବା ସହିତ ସବୁ ସ୍ଥାନରେ ଡାକ୍ତର ପଦବୀ ପୂରଣ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି ଡାକ୍ତର ଓ ସମ୍ପର୍କୀୟ । ଏସସିବିରେ ଡାକ୍ତର ସହ କର୍ମଚାରୀ ନିଯୁକ୍ତି ପାଇଁ ବିଜ୍ଞପ୍ତି । ନିଯୁକ୍ତି ପାଇବେ ୧୬୫ ଟେକ୍ନିକାଲ, ନନ ଟେକ୍ନିକାଲ ଷ୍ଟାଫ୍ । ପୂର୍ବ ଭାରତର ରେଫେରାଲ ହସ୍ପିଟାଲ ଭାବରେ ଦଶନ୍ଧି ଦଶନ୍ଧି ଧରି ରୋଗୀ ଓ ସମ୍ପର୍କୀୟଙ୍କ ବିଶ୍ୱାସ ଜିତି ଆସିଛି କଟକ ଏସସିବି ମେଡିକାଲ । ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଆହୁରି ସଶକ୍ତ ହେବ ମେଡିକାଲ । ଏସସିବିର ବିଭିନ୍ନ ବିଭାଗରେ ଆବଶ୍ୟକ ସଂଖ୍ୟକ ଡାକ୍ତରଙ୍କ ସମେତ ୧୬୫ ପଦବୀ ପୂରଣ ପାଇଁ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରିଛନ୍ତି । ପ୍ରତି ମାସ ୧୨ ତାରିଖରେ ଏନେଇ ସ୍ପଷ୍ଟ ସିଲେକ୍ସନ ଓ ନିଯୁକ୍ତି ହେବ । ଏହାଦ୍ୱାରା ବିଭିନ୍ନ ବିଭାଗର ଆବଶ୍ୟକତା ପୂରଣ ହେବା ସହିତ ଚିକିତ୍ସା ସେବା ତ୍ୱରାନ୍ୱିତ ହେବ ବୋଲି ଏସସିବି ଅଧିକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି । ଏସସିବି ବଡ ମେଡିକାଲର କାଜୁଏଲଟି ଓପିଡିକୁ ପ୍ରତିଦିନ ୭ରୁ ୮ ହଜାର ରୋଗୀ ଓ ସମ୍ପର୍କୀୟ ଚିକିତ୍ସା ପାଇଁ ଆସୁଛନ୍ତି । ଉତ୍ତମ ଚିକିତ୍ସା ମିଳୁଥିଲେ ସୁଦ୍ଧା ଅନେକ ସମୟରେ ଡାକ୍ତର ଅଭାବ ଯୋଗୁଁ ଅସୁବିଧା ହେଉଛି । କର୍ମଚାରୀ କମ ଥିବାରୁ ରୋଗୀଙ୍କୁ ନେବା ଆଣିବରେ ମଧ୍ୟ ସମସ୍ୟା ହେଉଛି । ତେଣୁ କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟ । ସରକାରୀ ଖର୍ଚ୍ଚରେ ପଢ଼ି ଡାକ୍ତର ହେଉଥିବା ବ୍ୟକ୍ତି ଅଧିକ ଟଙ୍କା ପାଇଁ ବାହାରକୁ ଚାଲି ଯାଉଛନ୍ତି । ତେଣୁ ସେମାନଙ୍କୁ ଅଧିକ ପରିଶ୍ରମିକ ଦେବା ସହିତ ସବୁ ସ୍ଥାନରେ ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ।

ହାଇୱା ଧକ୍କାରେ ଅଟୋ ଚାଳକ ଗୁରୁତର :ଡ୍ରାଇଭର ଫେରାର

କଟକ, ନ୍ୟୁଜ ବ୍ୟୁରୋ

ଟାଙ୍ଗୀ ମଙ୍ଗୁଳି ଓଭର ବ୍ରିଜ ଉପରେ ଏକ ହାଇୱା ଧକ୍କାରେ ଅଟୋ ଚାଳକ ଗୁରୁତର । ହାଇୱା ଅଟୋକୁ ଧକ୍କା ଦେଲେ ଫଳରେ ପାସେଞ୍ଜର ଅଟୋ ଚାଳକ ଛିଟିକି ହୋଇ ହାଇୱାର ଆଗଚକା ତଳେ ପଡିଯାଇଥିଲା । ଖବର ପାଇ ଜାତୀୟ ରାଜପଥ ଆମ୍ବୁଲାନ୍ସ ପହଞ୍ଚି ଗୁରୁତରକୁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି । ତେବେ ଅଟୋ ଡ୍ରାଇଭର ର ପରିଚୟ ମିଳିପାରିନାହିଁ । ଟାଙ୍ଗୀ ପୋଲିସ ପହଞ୍ଚି ହାଇୱା ଓ ଅଟୋକୁ ଜବତ୍ କରିଥିବା ବେଳେ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିବା ଜଣା ପଡ଼ିଛି ।ତେବେ ଏହିଭଳି ସବୁ ବେଳେ ହେବାର କାରଣ କଣ ତାହା ଜଣା ପଡୁନାହିଁ । କାହାର ଦୋଷ ଗାଡି ଚାଳକର ନା ରାସ୍ତା ପାଇଁ ।

ଭୁବନେଶ୍ୱର
୯ ଜୁନ୍
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ବିଶ୍ୱପ୍ରସିଦ୍ଧ ରଥଯାତ୍ରା : ତିନି ରଥର ଚାଲିଛି ପାଞ୍ଚ ଦଣ୍ଡା ଚଉପଟ କାର୍ଯ୍ୟ

ପୁରୀ, ୮/୬ ନ୍ୟୁଜ ବ୍ୟୁରୋ
ପାଖେଇ ଆସୁଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା । ଏଥିପାଇଁ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଏବେ ତିନି ରଥର ଶେଷ ତିନି ଚକ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ । ତିନି ରଥର ୩୯ ଗୋଟି ଚକର ଉଭୟ ପାର୍ଶ୍ୱ ପନ୍ଦାରିରେ ଦୁଇଟି ଲେଖାଏଁ ପନ୍ଦାରି ଚାବି ବା ପନ୍ଦାରି ଯୋକିଆ କରାଯାଇଛି । ତିନି ରଥର ବାକି ରହିଥିବା ଗୋଟିଏ ଗୋଟିଏ ଚକର ଅଖ ବିନ୍ଧ ତୁଳିଆ କାର୍ଯ୍ୟ ସହ ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଓଝା ସେବକମାନେ ତିନି ରଥର ଶେଷ ହୋଇଥିବା ୩୯ ଗୋଟି ଚକ ଉଭୟ ପାର୍ଶ୍ୱ ପନ୍ଦାରିରେ ଦୁଇଟି ଲେଖାଏଁ ଜୋକିଆ କଣ୍ଟା ବା ପନ୍ଦାରି ଚାବି ବାଡିଆ ଶେଷ କରିଛନ୍ତି । ତିନି ରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ

ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ ଗୋଟି ଭୂଇଁ ଚଉଡା କାଠର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ ପାଇଁ ମାପ ଚିହ୍ନ ପଡ଼ିଛି । ଏଥିସହ ତିନିରଥ ପାଞ୍ଚ ଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି । ପାଞ୍ଚ ଦଣ୍ଡା ଚଉପଟ କାର୍ଯ୍ୟ ଶେଷ ହେବା ପରେ ତିନି ରଥର ଗରଗରା ଏବଂ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କରତୀ ସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପାଇଁ ୪୦ ଫୁଟିଆ ପୋଲ ଗୟଳ କାଠର ଗୋଟିଏ ପାର୍ଶ୍ୱ ବାରିସୀରେ ଚାଞ୍ଛି ସମତଳ କରିଛନ୍ତି । ଅନ୍ୟ ପାର୍ଶ୍ୱ ସମତଳ କାର୍ଯ୍ୟ ଶେଷ ପରେ ଚିରଟ କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ତିନି ରଥର କୋଣ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ପଲିସ କାର୍ଯ୍ୟ ଜାରି ରହିଛି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା, ଗରାଗରା କଣ୍ଟା ଶେଷ କଲାପରେ ଗୟଳ କଣ୍ଟା ଏବଂ ଭୂଇଁ କଣ୍ଟା ଏବଂ ଚାର ପରିଛା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଭୋଇ ସେବକମାନେ ଯନ୍ତା ଗାଡ଼ କାର୍ଯ୍ୟ ଶେଷ ହୋଇଥିବାରୁ ଏଥିରେ ମାଟି ପକାଇ ଯନ୍ତାଗାଡ ବନ୍ଦ କରିଛନ୍ତି ।

ଭୁବନେଶ୍ୱର : ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟରେ ଦଳର ନବ ନିର୍ବାଚିତ ଚିଲିକା ବିଧାୟକ ପୃଥୀରାଜ ହରିଚନ୍ଦନ । (ଫଟୋ : ସମ୍ବାଦ କଳିକା)

ପରଲୋକରେ ରାମୋଜୀ ଫିଲ୍ମ ସିଟିର ପ୍ରତିଷ୍ଠାତା ରାମୋଜୀ ରାଓ

ଓଡ଼ିଶା ବିଜେପିର ଶୋକ

ମିଡିଆ ଜଗତ ପାଇଁ ରାମୋଜୀଙ୍କ ଅବଦାନ ଉଲ୍ଲେଖନୀୟ : ଧର୍ମେନ୍ଦ୍ର

ଭୁବନେଶ୍ୱର, ୮/୦୬ ନ୍ୟୁଜ ବ୍ୟୁରୋ
ରାମୋଜୀ ରାଓଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ‘ଇନାଡୁ ଗ୍ରୁପ୍ ଓ ଇଟିଭି ନେଟ୍ୱାର୍କର ପ୍ରତିଷ୍ଠାତା ରାମୋଜୀ ରାଓଙ୍କ ପରଲୋକରେ ମୁଁ ଗଭୀର ଭାବେ ମର୍ମାହତ। ଗଣମାଧ୍ୟମ, ସିନେମା, ସାହିତ୍ୟ, କୃଷି ଓ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସର୍ବଦା ସ୍ମରଣ କରାଯିବ। କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭାର ନବନିର୍ବାଚିତ ସଭ୍ୟ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶୋକ ପ୍ରକାଶ କରିଛନ୍ତି । ଧର୍ମେନ୍ଦ୍ର ସୋସିଆଲ ମିଡିଆ ହ୍ୟାଣ୍ଡେଲ (ଏକ୍ସ)ରେ ଉଲ୍ଲେଖ କରିଛନ୍ତି, ‘ପଦ୍ମ ବିଭୂଷଣ ରାମୋଜୀ ରାଓଙ୍କ ବିୟୋଗକୁ ନେଇ ଗର୍ଭୀର ଶୋକ ପ୍ରକାଶ କରୁଛି । ସିନେମା ଜଗତ ଓ ମିଡିଆ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପ୍ରଧାନ ସମବେଦନା ଜଣାଇଛନ୍ତି।

ହାଇଦ୍ରାବାଦ, ୮/୦୬
ରାମୋଜୀ ରାଓଙ୍କ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା ଯୋଗୁଁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଦୀର୍ଘଦିନ ଧରି ସେ ଚିକିତ୍ସିତ ହେଉଥିଲେ। ରାମୋଜୀ ଫିଲ୍ମ ସିଟି ଓ ଇଟିଭି ନେଟୱାର୍କର ପ୍ରତିଷ୍ଠାତା ଥିଲେ। ଫିଲ୍ମ ସିଟିର ବାଦଶାହା କୁହାଯାଉଥିବା ତଥା ଦେଶର ସବୁଠୁ ବଡ ଫିଲ୍ମ ସିଟିର ମାଲିକ ହେଉଛନ୍ତି ରାମୋଜୀ ରାଓ । ରାମୋଜୀ ଗ୍ରୁପ୍ ଅଫ୍ କମ୍ପାନି ସହ ଦୀର୍ଘଦିନ ଧରି ଜଡ଼ିତ ଥିବା ରାମୋଜୀ ରାଓଙ୍କର ଶନିବାର ଭୋର ସମୟରେ ଦେହାନ୍ତ ହୋଇଛି। ତେଲୁଗୁ ଦେଶମ ପାର୍ଟି ନେତା ଚନ୍ଦ୍ରବାବୁ ନାଇଡୁ ଏବଂ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ରାମୋଜୀ ଫିଲ୍ମ ସିଟିର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥିବା ରାଓଙ୍କ ଅନ୍ତିମ ସଂସ୍କାର ରବିବାର ପୂର୍ବାହ୍ନ ୧୦ଟାରେ ଜୁବିଲି ହିଲ୍ସ ସ୍ଥିତ ମହାପ୍ରସ୍ଥାନମ୍ ଠାରେ ସମ୍ପନ୍ନ ହେବ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ତେଲେଙ୍ଗାନା ପ୍ରଦେଶ ବିଜେପି ଅଧକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜି.କିଷନ ରେଡ୍ଡୀ, ଓଡ଼ିଶା ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଦେଶର ବିଭିନ୍ନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶୋକ ବ୍ୟକ୍ତ କରିବା ସହିତ ସମବେଦନା ପ୍ରକାଶ କରିଛନ୍ତି । ବର୍ତ୍ତମାନ ହାଇଦ୍ରାବାଦସ୍ଥିତ ଫିଲ୍ମ ସିଟି ମୁଖ୍ୟାଳୟରେ ରାମୋଜୀ ରାଓଙ୍କ ପାର୍ଥିବ ଶରୀର ରଖାଯାଇଛି। ସେଠାରେ ତାଙ୍କ ଶୁଭେଚ୍ଛୁ, ପ୍ରଶଂସକ, କର୍ମଚାରୀ ଏବଂ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ଶେଷ ଦର୍ଶନ କରୁଛନ୍ତି। ଗଣମାଧ୍ୟମ, ସିନେମା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ମିଡିଆ ଜଗତରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲେ ।

ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ

ଓଡ଼ିଶାରେ ବିଜେପିକୁ ମଜବୁତ କରିବାରେ ସୁନୀଲ ବନସଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୮/୬ ନ୍ୟୁଜ ବ୍ୟୁରୋ
ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାରେ ବିଜେପିକୁ ମଜବୁତ କରିବାରେ ସୁନୀଲ ବନସଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ରଣନୀତି ଓ ଉଜ୍ଜ୍ୱଳତା ଏବଂ ଅଭିନବ ଆଭିମୁଖ୍ୟ ଦଳର କ୍ୟାଡର ଏବଂ ଗଠନକୁ ପୁନର୍ଜୀବିତ କରି ରାଜ୍ୟରେ ବିଜେପିକୁ ଏକ ସ୍ୱତନ୍ତ୍ର ସ୍ୱାଧୀନ ଶକ୍ତି ଭାବରେ ପରିଣତ କରିଛି । ତାଙ୍କର ନେତୃତ୍ୱ ଏବଂ ତାଙ୍କ ଦଳର ଅଦମ୍ୟ ଉଦ୍ୟମ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରି ରାଜ୍ୟରେ ବିଜେପିର ଅବିଶ୍ୱାସନୀୟ ନିର୍ବାଚନରେ ବିଜୟ ପାଇଁ ଅତୁଳନୀୟ ଶ୍ରେୟ ପାଇବାକୁ ଯୋଗ୍ୟ। ଏଥି ପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ତୃଣମୂଳ ସ୍ତରର ପରିଚାଳନାରେ ବନସଲଙ୍କ ଗଭୀର ଯୋଗଦାନ ପ୍ରଭାବଶାଳୀ ଅଭିଯାନ ସଂଗଠନ ଏବଂ ସ୍ଥାନୀୟ ପ୍ରସଙ୍ଗ ସମାଧାନକୁ ସୁନିଶ୍ଚିତ କରିଥିଲା, ଯାହାକି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ସଫଳତା ଆଣିଦେଇଛି । ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ ଓଡ଼ିଶାର ଗତିଶୀଳ ରାଜନୈତିକ ଦୃଶ୍ୟ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛି।

“ରାଜନୀତିରେ ଦୁର୍ଘଟଣା ଘଟେ ନାହିଁ। ଯଦି ଏହା ଘଟେ, ତେବେ ଆପଣ ସେହିଭଳି ଯୋଜନା କରିଥିଲେ ବୋଲି ବାଜି ଲଗାଇ ପାରିବେ। ” ମୁଖ୍ୟତଃ ସୁନୀଲ ବନସଲଙ୍କ ରଣନୀତି ଯୋଗୁଁ ଓଡ଼ିଶାରେ ବିଜେପିର ଉଲ୍ଲେଖନୀୟ ସଫଳତା ପାଇଁ ଏହି ଉପଦେଶଟି ପ୍ରଯୁଜ୍ୟ, । ଓଡ଼ିଶା ପର୍ଯ୍ୟବେକ୍ଷକ ଭାବରେ ବନସଲଙ୍କ ପରିବର୍ତ୍ତନଶୀଳ ଆଭିମୁଖ୍ୟ ଦଳର କ୍ୟାଡର ଏବଂ ପୁନର୍ଗଠନକୁ ଉଦ୍‌ଜୀବିତ କରି ଏକ ସଂଗଠନରେ ନୂତନ ଶକ୍ତି ଇଞ୍ଜେକସନ ଦେଇଥିଲା ଯାହା ଓଡ଼ିଶାରେ ନବୀକରଣର ଆବଶ୍ୟକତା ଥିଲା। ତାଙ୍କର ଅଭିନବ ରଣନୀତି ନିଶ୍ଚିତ କରିଛି ଯେ ଓଡ଼ିଶାରେ ବିଜେପିର ଉପସ୍ଥିତି ଗତିଶୀଳ ହୋଇଛି। ବନସଲଙ୍କ ଏକ ପ୍ରମୁଖ ସଫଳତା ହେଉଛି ବିଜେଡି ଏବଂ ବିଜେପି ମଧ୍ୟରେ ମେଣ୍ଟକୁ ରୋକିବା। ଏହି ରଣନୀତିକ ପଦକ୍ଷେପ ବିଜେପିକୁ ରାଜ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ଶକ୍ତି ଭାବରେ ପ୍ରତିଷ୍ଠିତ କରିବାକୁ ଅନୁମତି ଦେଇଛି। ସ୍ୱଚ୍ଛ ରାଜନୈତିକ କାର୍ଯ୍ୟ ନିର୍ଦ୍ଧାରଣ କରି ବନସଲ ବିଜେପିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ ଯାହା ଭୋଟରଙ୍କ ସହିତ ଗଭୀର ଭାବରେ ପ୍ରତିଫଳିତ ହୋଇଥିଲା। ରଣନୀତିର ବାହାରେ ବନସଲଙ୍କ ପ୍ରଭାବ ବିସ୍ତାର ହୋଇଛି । ତୃଣମୂଳ ସ୍ତରର ପରିଚାଳନାରେ ତାଙ୍କର ଗଭୀର ଯୋଗଦାନ ନିଶ୍ଚିତ କରିଛି ଯେ ଦଳର ବାର୍ତ୍ତା ରାଜ୍ୟର ପ୍ରତ୍ୟେକ କୋଣରେ ପହଞ୍ଚିଛି। ତାଙ୍କର ଯତ୍ନଶୀଳ ତତ୍ତ୍ୱବିଧାନ ତାଙ୍କ ଦଳ ଅଭିଯାନର ଆୟୋଜନ, ସମର୍ଥକଙ୍କୁ ଏକତ୍ର କରିବା ଏବଂ ସଠିକତା ଓ ନିଷ୍ଠା ସହିତ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରିଥିଲେ । ଏହି ହ୍ୟାଣ୍ଡ-ଅନ୍ ଆଭିମୁଖ୍ୟ ଦଳର ମୂଳଦୁଆକୁ ଅଦୃଶ୍ୟ କରି ନିର୍ବାଚନରେ ସଫଳତା ଦେଇଛି। ସୁନୀଲ ବନସଲଙ୍କ ନେତୃତ୍ୱରେ ସୁଚିନ୍ତିତ ଯୋଜନା, ନିରନ୍ତର କାର୍ଯ୍ୟକାରିତା ଏବଂ ଅଭିନବ ରଣନୀତି ଓଡ଼ିଶାରେ ବିଜେପିର ବିଜୟ ଯାତ୍ରା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ଶ୍ରୀମନ୍ଦିର ଚାରି ପାଖ ଲାଇଟ ଖୋଲାଯିବା ନେଇ ଚିନ୍ତା ପ୍ରକଟ କଲା ବିଜେପି

ଭୁବନେଶ୍ୱର, ୮/୬ ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ଚାରି ପାଖ ଲାଇଟ ଖୋଲିଯିବା ନେଇ ଚିନ୍ତା ପ୍ରକଟ କଲା ବିଜେପି । ଲାଇଟ ଖୋଲିବା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଲା ବିଜେପି । ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରୁ ଲାଇଟ କାଢ଼ି ନେଇ ଅନ୍ଧାର କରାଯିବା ଚିନ୍ତା ଜନକ ବିଷୟ । ଯେଉଁ ଅଧିକାରୀମାନେ ଦାୟିତ୍ୱରେ ଅଛନ୍ତି, ଯେଉଁମାନେ କାମଚଳା ସରକାରରେ ଅଛନ୍ତି, ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛି ବିଜେପି। ଶନିବାର ରାଜ୍ୟ ବିଜେପି ପକ୍ଷରୁ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପିର ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଏହି ଅଭିଯୋଗ ରଖିଛନ୍ତି। ସେ କହିଛନ୍ତି ଯେ, ଲାଇଟ ଲଗାଇବା ପାଇଁ ଏଭଳି ସଂସ୍ଥାକୁ କେମିତି ଦାୟିତ୍ୱ ଦିଆଯାଇଥିଲା ? ନୂଆ ସରକାର ଶପଥ ନେବା ପୂର୍ବରୁ ଲାଇଟ କାଢ଼ି ନେଇ ମନ୍ଦିରକୁ ଅନ୍ଧାର କରାଯିବା ଲଜ୍ଜା ଜନକ ବିଷୟ । ବିଜେପି ସରକାର ଶପଥ ନେବା ପରେ ଯେଉଁ ମାନେ ଏଥିରେ ସଂପୃକ୍ତ ତାଙ୍କ ଉପରେ

କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିରଞ୍ଚି କହିଛନ୍ତି । ଠିକା ସଂସ୍ଥା ଯଦି ଲାଇଟ ଲଗାଇଥିଲା ସେ ମନ ଇଚ୍ଛା ଲଗାଇ ନଥିବ, ସରକାରଙ୍କ ଅନୁମତି ଅନୁଯାୟୀ କରିଥିବ। ଏହା ନିନ୍ଦନୀୟ ଏବଂ ଯେଉଁ ମାନେ ଏଥିରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଦାୟିତ୍ୱରେ ଅଛନ୍ତି, ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଥିବା ବିରଞ୍ଚି କହିଛନ୍ତି । ସୂଚନାଯୋଗ୍ୟ ଯେ, ନିର୍ବାଚନରେ ବିଜେଡି ହାରିବା ପରେ ମନ୍ଦିର ଚାରିପଟେ ଲଗାଯାଇଥିବା ଲାଇଟକୁ ହଟେଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ତେବେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦିପ କୁମାର ଜେନା ଏହି ଘଟଣାରେ ହସ୍ତକ୍ଷେପ କରିବା ପରେ ଶ୍ରୀମନ୍ଦିର ଚର୍ତୁପାଶ୍ୱରେ ଆଲୋକ ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।

ଜେଲ୍ ବିଭାଗରେ ଯୋଡ଼ିହେବ ପ୍ରିଜନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍

ଆପ୍‌ରେ ରହିବ କଏଦୀଙ୍କ ଅପରାଧ କୁଣ୍ଡଳୀ

ଭୁବନେଶ୍ୱର ୮/୬ ନ୍ୟୁଜ ବ୍ୟୁରୋ
ଅନ୍ୟ ବଡ଼ ବଡ଼ ଦେଶରେ ପ୍ରିଜନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ଜେଲ୍ ପରିଚାଳନା ବ୍ୟବସ୍ଥା) ଭଳି ଓଡ଼ିଶାର ବିଭିନ୍ନ ଜେଲରେ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ଟି ସମ୍ବେଦନଶୀଳ ଜେଲ୍‌ରେ ଏହି ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି । ରାଜ୍ୟ ସରକାର ଜେଲ୍ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ନୂଆ ନୂଆ ଟେକ୍ନୋଲୋଜି ଜେଲ୍ ବ୍ୟବସ୍ଥାରେ ଲାଗୁ କରୁଛନ୍ତି। ପୂର୍ବରୁ କଏଦୀଙ୍କ ଗୋଡ଼ରେ ଜିପିଏସ୍ ଲାଗିବା ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଥିବା ବେଳେ ବର୍ତ୍ତମାନ ଆଉ ଏକ ନୂଆ ଟେକ୍ନୋଲୋଜି ଯୋଡ଼ି ହେବାକୁ ଯାଉଛି। ଏହି ବ୍ୟବସ୍ଥା କହିଲେ ଜେଲ୍‌ରେ ଏକ ସଫ୍ଟୱେର ଆପ୍ଲିକେସନ୍ ଦ୍ୱାରା କାର୍ଯ୍ୟକାରୀ ହେବ। ପୁଲିସ ବିଭାଗର ସିସିଟିଏନ୍‌ଏସ୍ ପରି ଜେଲ୍ ବିଭାଗର ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମରେ କଏଦୀଙ୍କ ସମସ୍ତ କୁଣ୍ଡଳୀ ରହିବ। ଏଥିରେ ମୁଖ୍ୟତଃ ଜେଲ୍‌ରେ ରହୁଥିବା କଏଦୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଜେଲ୍‌ରେ କାର୍ଯ୍ୟ କରୁଥିବା ୱାର୍ଡରମାନଙ୍କ ତଥ୍ୟ ମଧ୍ୟ ରହିବ । ଫଳରେ ଭୁଲବଶତଃ କୌଣସି କଏଦୀ ସମାନ ନାମ ଥିଲେ ମଧ୍ୟ ଖସିପାରିବେ ନାହିଁ । ଗତବର୍ଷ ଝାରପଡ଼ା ଜେଲରେ ସମାନ ନାମ ଥିବା ଅନ୍ୟଜଣେ ବ୍ୟକ୍ତି ଜାମିନ୍ ପାଇଥିଲେ। ପ୍ରକୃତ ଜାମିନ ପାଇଥିବା ବ୍ୟକ୍ତି ମୁକୁଳିପାରି ନ ଥିଲେ। କିନ୍ତୁ ଏହି ବ୍ୟବସ୍ଥା ଲାଗୁ ହେବା ପରେ ଏଭଳି ତ୍ରୁଟି ଆଉ ହେବ ନାହିଁ । ଏହି ଆପ୍ଲିକେସନ୍ କେବଳ ଜେଲର ଖୋଲିପାରିବେ। ତାଙ୍କୁ ଏକ ଆଇଡି ଏବଂ ପାସୱାର୍ଡ ଦିଆଯିବ । ସେ ଏହାକୁ ଲଗ୍‌ଇନ୍ କରି ଖୋଲି ସମସ୍ତ ତଥ୍ୟ ଦେଖିପାରିବେ ଏବଂ ଯୋଡ଼ି ପାରିବେ। ଆହୁରି ମଧ୍ୟ ଜେଲ୍‌ରେ କଏଦୀଙ୍କ ନାମ ଠିକଣା, ତାଙ୍କର ଅପରାଧ, ସଜା ସମ୍ପର୍କରେ ତଥ୍ୟ ଯୋଡ଼ି ପାରିବେ । ଫଳରେ କୌଣସି କଏଦୀଙ୍କ ବିଷୟରେ ନୂଆ ଜେଲର କିମ୍ବା ଉଚ୍ଚ ଅଧିକାରୀ ଜାଣିବାକୁ ଚାହିଁଲେ ଆଇଡି ଲଗଇନ୍ କରି ସହଜରେ ଜାଣିପାରିବେ। ଆହୁରି ମଧ୍ୟ ଏଥିରେ ଜେଲର ୱାର୍ଡରମାନଙ୍କ

ଡ୍ୟୁଟି ସିଫ୍ଟ ମଧ୍ୟ ଲେଖିପାରିବେ । ଯଦି କୌଣସି ୱାର୍ଡରଙ୍କ ନାମରେ ଅଭିଯୋଗ ଆସେ ତାହା ମଧ୍ୟ ଏଥିରେ ଅପଡେଟ୍ କରିପାରିବେ। ୱାର୍ଡର କେତେ ବର୍ଷ ନିର୍ଦ୍ଦିଷ୍ଟ ଜେଲରେ ରହିବେ ଏବଂ କେଉଁ ଜେଲକୁ ଗଲେ ତାହା ଏଥିରେ ତଥ୍ୟ ରହିବ । ଯଦି କୌଣସି କଏଦୀଙ୍କ ନାମରେ ଏଫଆଇଆର କରିବାକୁ ଚାହିଁଲେ ଏହି ବ୍ୟବସ୍ଥାରେ ଜେଲ୍‌ର କରିପାରିବେ। ଜେଲର ଠିକ୍ ଢଙ୍ଗରେ ଏହାକୁ ଅପଡ଼େଟ୍ କରୁଛନ୍ତି କି ନାହିଁ ତାହାକୁ ଉଚ୍ଚ ଅଧିକାରୀ ନିରୀକ୍ଷଣ କରିବେ। ତାଙ୍କ ପାଖରେ ମଧ୍ୟ ଆଉ ଏକ ଆଇଡ଼ି ଏବଂ ପାସୱାର୍ଡ ରହିବ । କୌଣସି କଏଦୀଙ୍କ ଦଣ୍ଡ ଶେଷ ହେବା ପରେ ସେ ଜେଲରୁ ମୁକ୍ତି ହୋଇ ବାହାରକୁ ଗଲେ ତାହା ମଧ୍ୟ ଉଲ୍ଲେଖ ରହିବ । କେବଳ ଜେଲକୁ ଆସିଥିଲେ, ଆଉ କେବେ ଜେଲରୁ ଗଲେ ସବୁ କିଛି ଉଲ୍ଲେଖ ରହିବ। କେଉଁମାନେ ପେଶାଦାର ଅପରାଧୀ, ଗ୍ୟାଙ୍ଗଷ୍ଟାର, ଠକ ସମସ୍ତଙ୍କର ପୃଥକ ତାଲିକା ହେବ। ଆହୁରି ମଧ୍ୟ କିଏ ପାରୋଲ୍‌ରେ ଗଲା ଆଉ ଆସିଲା ତାହା ବି ଏଥିରେ ରହିବ । ଏହି ବ୍ୟବସ୍ଥାରେ ବହୁ ସଂଖ୍ୟକ ରେକର୍ଡ ରଖିବାର କ୍ଷମତା ରହିଛି। ଯାହାକି ଡିଲିଟ୍ ହୋଇପାରିବ ନାହିଁ। ଏହାଦ୍ୱାରା କାଗଜଖର୍ଚ୍ଚ ମଧ୍ୟ ରହିବ। ପୂର୍ବରୁ ମଧ୍ୟ ଅନେକ ଫାଇଲ୍ ହଜିଯିବା ସହ ଚୋରି ହେବାର ଆଶଙ୍କା ରହିବ ନାହିଁ।

ଶିମିଳିପାଳରେ ବନାଗ୍ନି ରୋକିବା ପାଇଁ ଏଆଇର ପ୍ରୟୋଗକୁ କେନ୍ଦ୍ରର ପ୍ରଶଂସା

ବାରିପଦା, ୮/୬ ନ୍ୟୁଜ ବ୍ୟୁରୋ
ବନାଗ୍ନି ଦାଉରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ପ୍ରଦାନ ନିମନ୍ତେ କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ବେଶ୍ ସଫଳତା ହାସଲ କରିଛି। ଅଭୟାରଣ୍ୟରେ ବନାଗ୍ନି ସ୍ଥିତି ଉପୁଜିଲେ, ତତ୍‌କ୍ଷଣାତ ସୂଚନା ମିଳିବା ସହ ନିଆଁକୁ ନିୟନ୍ତ୍ରଣ କରାଯାଇପାରୁଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌଭାଙ୍କ ଅଧକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସର୍ବଭାରତୀୟ ସମୀକ୍ଷା ବୈଠକରେ ପ୍ରଶଂସା କରାଯାଇଛି। ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ବାରମ୍ବାର ବନାଗ୍ନି ସ୍ଥିତି ଉପୁଜିଥିବାରୁ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଏକ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ପାଇଁ ୨୩ କୋଟି ଟଙ୍କାର ଅଟକଳ ଥିବା ବେଳେ ସ୍ୱତନ୍ତ୍ର ରିଲିଫ କମିସନର ୮ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଯଦି କୌଣସି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗେ, ତେବେ ଏଆଇ ମାଧ୍ୟମରେ ତୁରନ୍ତ ଠାବ କରାଯାଇ ନିକଟବର୍ତ୍ତୀ ଜଙ୍ଗଲ ରେଞ୍ଜ ଅଫିସକୁ ଖବର ଦେବାର ବ୍ୟବସ୍ଥା ହୋଇଛି। ଫଳରେ ସଙ୍ଗେ ସଙ୍ଗେ ବନ କର୍ମଚାରୀ ସମେତ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ଅନ୍ୟମାନଙ୍କ ସହଯୋଗରେ ନିଆଁ ବ୍ୟାପିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରାଯାଇପାରୁଛି। ଜଙ୍ଗଲ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଓ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ସୁଶାନ୍ତ କୁମାର ନନ୍ଦ ଶିମିଳିପାଳ ଅଭୟାରଣ୍ୟରେ ଏହି ପାଇଲଟ୍ ପ୍ରକଳ୍ପର ସଫଳତା ପାଇଁ କାମ କରୁଛନ୍ତି। ଏଥିରେ ବନ ବିଭାଗର ଅନ୍ୟ ଅଧିକାରୀମାନଙ୍କୁ ଯୋଡ଼ା ଯାଇଛି। ସମ୍ପ୍ରତି ସାରା ଦେଶରେ ଗ୍ରୀଷ୍ମ ଲହର ଚାଲୁଥିବା ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ, ବନ ବିଭାଗ ସଚିବ ଏବଂ ଅନ୍ୟାନ୍ୟ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କ ସହ କେନ୍ଦ୍ର କ୍ୟାବିନେଟ ସଚିବ ଶ୍ରୀ ଗୌଭା ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମୀକ୍ଷା ବୈଠକ କରିଥିଲେ। ଓଡ଼ିଶାରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ଶିମିଳିପାଳ ପ୍ରକଳ୍ପ ଢାଞ୍ଚାକୁ ବୈଠକରେ ପ୍ରଶଂସା କରାଯାଇଥିଲା। ଆଗକୁ ଏହାକୁ ରାଜ୍ୟର ଅନ୍ୟ ଜଙ୍ଗଲରେ ନିଆଁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାୟକ୍ରମେ ଉପଯୋଗ କରାଯିବା ସହିତ ଭିତ୍ତିଭୂମିର ବିକାଶ କରାଯିବବୋଲି କୁହାଯାଇଛି। ଜଙ୍ଗଲ ସୁରକ୍ଷା ଓ ସମୃଦ୍ଧି ନେଇ ପ୍ରଶାସନିକସ୍ତରରେ ଗୁରୁତ୍ୱ ଦେଇ ବନାଗ୍ନି ବ୍ୟାପକ ଭାବେ ନିୟନ୍ତ୍ରଣ ପାଇଁ କାର୍ଯ୍ୟ ହେଉଛି। ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଶିମିଳିପାଳ ସଂରକ୍ଷିତ ଜଙ୍ଗଲରେ ଏଆଇ ପ୍ରୟୋଗ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଆଶା କରାଯାଇଛି।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୧୪୮, ୨୫୪୫୬୭୮
Email : utkaldeepika2016@gmail.com

ଗାଡ଼ିର ବେଗ ଉପରେ ନାହିଁ ନିୟନ୍ତ୍ରଣ : ବର୍ଷକରେ ଗଲାଣି ୩୪୭୦ ଜୀବନ

ଭୁବନେଶ୍ୱର, ୮।୬ ନ୍ୟୁଜ ବ୍ୟୁରୋ
ଦ୍ରୁତ ଗତି ମହା ବିପତ୍ତି । ଏହି ଉକ୍ତିର ଗୁରୁତ୍ୱ କେତେ ତାହା ଜନତା ହୁଏତ ଠିକ୍ ଭାବେ ବୁଝିପାରି ନାହାନ୍ତି। କାରଣ ୨୦୨୩ରେ ଘଟିଥିବା ସଡ଼କ ଦୁର୍ଘଟଣାରେ କେବଳ ଦ୍ରୁତ ଗାଡ଼ି ଚାଳନା ପାଇଁ ୩୪୭୦ଜଣଙ୍କ ପ୍ରାଣ ଯାଇଛି। ୩୫୬୭ ଜଣ ଗୁରୁତର ଆହତ ହୋଇଛନ୍ତି। ଗତବର୍ଷ ରାଜ୍ୟରେ ୬୯୨୫ଟି ସଡ଼କ ଦୁର୍ଘଟଣା ଘଟିଥିଲା। ୨୦୨୨ରେ ଏହି କାରଣ ପାଇଁ ୩୬୭୫ ଜଣ ପ୍ରାଣ ହରାଇଥିଲେ, ଆଉ ୬୩୧୪ ଜଣ ଆହତ ହୋଇଥିଲେ। ଦ୍ରୁତ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଆଧାରିତ ବ୍ୟବସ୍ଥା ସହିତ ଘନ ଘନ ଚଢ଼ଉ ଏବଂ ଯାଞ୍ଚ ହେଉଛି; କିନ୍ତୁ ଗାଡ଼ିର ବର୍ଦ୍ଧିତ ବେଗ ଉପରେ ନିୟନ୍ତ୍ରଣ ଆସିପାରୁ ନାହିଁ। ପରିବହନ ବିଭାଗରୁ ହସ୍ତଗତ

ସୂଚନା ଅନୁସାରେ, ୨୦୨୩ରେ ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଇବା ହେତୁ ୯୮୬ଟି ଦୁର୍ଘଟଣାରେ ୪୦୨ଜଣ ପ୍ରାଣ ହରାଇ ଥିଲେ ଏବଂ ୫୫୮ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବାରୁ ୬୪୯ଟି ଦୁର୍ଘଟଣାରେ ୨୫୪ଜଣ ମୃତ୍ୟୁବରଣ କରିଥିଲେ ଏବଂ ୪୦୭ ଜଣ ଗୁରୁତର ଆହତ ହୋଇଥିଲେ। ଅପରପକ୍ଷେ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିଥିବାରୁ ୪୩୩ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୬୩ ଜଣ ପ୍ରାଣ ହରାଇବା ସହିତ ୨୪୭ ଗୁରୁତର ଆହତ ହୋଇଥିଲେ। ଦ୍ରୁତ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ହାଇୱେ ପାଟ୍ରୋଲିଂ ଭ୍ୟାନ୍ ମୁତୟନ କରାଯାଇଛି। ପ୍ରମୁଖ ସଡ଼କରେ ସ୍ପିଡ୍ ଡିଟେକ୍ଟର ଯନ୍ତ୍ରପାତି ଲାଗିଛି। କିନ୍ତୁ ସୀମିତ ରାସ୍ତାରେ ଏହା ଉପଲବ୍ଧ ଥିବାରୁ ଉଦ୍ଦେଶ୍ୟ ସାଧନ ହୋଇପାରୁ ନାହିଁ। ସବୁ ଜାଗାରେ ପୁଲିସ କିମ୍ବା ଆରଟିଓ କର୍ମଚାରୀ ଉପସ୍ଥିତ ରହି ଯାଞ୍ଚ କରିବା ସମ୍ଭବ ନୁହେଁ। ବିଶେଷକରି ଦ୍ରୁତ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ସମ୍ବଳର ଘୋର ଅଭାବ ରହିଛି। ଚାରି ଚକିଆ କିମ୍ବା ତଦୂର୍ଦ୍ଧ୍ୱ ଗାଡ଼ିରେ ବେଗ ନିୟନ୍ତ୍ରଣ ପାଇଁ ସ୍ପିଡ୍ ଗଭର୍ଣ୍ଣର ଲାଗିଛି। କିନ୍ତୁ ଦୁଇ ଚକିଆ ଯାନ ଉପରେ ଅଙ୍କୁଶ ନାହିଁ ।
ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କ କହିବା ଅନୁସାରେ, ଦ୍ରୁତ ଗାଡ଼ି ଚାଳନା ଏପରି ଏକ ବେଆଇନ କାର୍ଯ୍ୟ, ଯାହାକୁ ଧରିବା ସହଜ ନୁହେଁ । ସେଥି ପାଇଁ ରାଜ୍ୟର ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଉପରେ ଲେଜର୍ ଗନ୍ ବ୍ୟବସ୍ଥା ଥିବା ପାଟ୍ରୋଲିଂ ଗାଡ଼ି ମୁତୟନ କରାଯିବା ଜରୁରୀ। ତେବେ ଏତେ ସଂଖ୍ୟକ ଗାଡ଼ି ମୁତୟନ କରିବା ସହଜ ନୁହେଁ। ସେହିପରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାସ୍ତାରେ ଦ୍ରୁତ ଗାଡ଼ି ଚାଳକଙ୍କୁ ଜଗିବା ଏକ ପ୍ରକାର ଅସମ୍ଭବ କାର୍ଯ୍ୟ। ମଦ୍ୟପାନ, ମୋବାଇଲ୍ ଫୋନ୍ ବ୍ୟବହାର, ରଙ୍ଗ୍ ରୁଟ୍, ବିନା ହେଲମେଟ୍ କିମ୍ବା ସିଟ୍ ବେଲ୍ଟରେ ଗାଡ଼ି ଚଳାଉଥିବା ଲୋକଙ୍କୁ ଚିହ୍ନଟ ଓ ଜରିମାନା କରିବାରେ ବିଶେଷ ସମସ୍ୟା ନାହିଁ । କିନ୍ତୁ ଦ୍ରୁତ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ସମ୍ବଳର ଅଭାବ ରହିଛି। ଏସବୁ ଉପରେ ପଦକ୍ଷେପ ନ ନେବା ଯାଏ ଦ୍ରୁତ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଇବା ସହଜ ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି।

ଶଙ୍ଖ ଛାଡି ପଦ୍ମ ଧରିଲେ ପ୍ରସନ୍ନ ପାଟ୍ଟଶାଣୀ



ଭୁବନେଶ୍ୱର, ୮/୬ ନ୍ୟୁଜ ବ୍ୟୁରୋ
ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଶନିବାର ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଶ୍ରୀ ପାଟ୍ଟଶାଣୀ ୧୯୯୮ରୁ ୨୦୧୯ ପର୍ଯ୍ୟନ୍ତ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ। ସେ ପାଞ୍ଚ ଥର ଏମ୍‌ପି ଭାବରେ ନିର୍ବାଚିତ ହୋଇଥିଲେ। ସେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଥିଲେ। ସେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜଣେ ମହାନ ଅନୁଗାମୀ ମଧ୍ୟ ଥିଲେ।